
ମମତାଙ୍କ ବିରୋଧରେ ମାମଲା
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 159 ଭାଗ ୩୪ | ସଂଖ୍ୟା ୧୫୯ | Sunday 30 August 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର, ୩୦ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପୁଲିସ ବିଭାଗକୁ ମୋହନଙ୍କ ୧୦ ମନ୍ତ୍ର

# ନିଶା ସିଣ୍ଡିକେଟ୍‌ର ମୂଳୋତ୍ପାଟନ ପାଇଁ ଆହ୍ୱାନ

- ରାଜ୍ୟସ୍ତରୀୟ ଡିଜିପି-ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ
- ଡିଜିପି-ଆଇଜିପି ସମ୍ମିଳନୀରେ ଭବିଷ୍ୟତର 'ସ୍ମାର୍ଟ ପୋଲିସିଂ'
- ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ମହିଳାବିରୋଧୀ ହିଂସାରେ ଦଣ୍ଡବିଧାନ ହାର ୭୫%କୁ ବୃଦ୍ଧି ପାଇଁ ନିର୍ଦ୍ଦେଶ
- ତଦନ୍ତ ପ୍ରକ୍ରିୟାରେ ଟେକ୍ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ
- 'ଦାଦା ବଟି' ଓ ଜୋର୍-ଜବରଦସ୍ତି ଚାନ୍ଦା ରୋକିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଓ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୁଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେବା ସଙ୍ଗେ ସଙ୍ଗେ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତର ସହ ନେବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଓ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକ ହେଲା ଜିରୋ ଟଲରାନ୍ସ ନୀତି, ➪ପୃଷ୍ଠା-୬

### ଉପକୂଳ କ୍ଷୟ ରୋକିବାକୁ ବଡ଼ ଯୋଜନା

## ଓଡ଼ିଶା ଆପଣାଇବ କର୍ଣ୍ଣାଟକ ମଡେଲ



**୬ ଜିଲ୍ଲା ପାଇଁ ଖର୍ଚ୍ଚ ହେବ ଅଢ଼େଇ ହଜାର କୋଟି**

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ପୁରୀରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର କୂଳ ଲଙ୍ଘିବା ଏକ ନିୟମିତ ପ୍ରକ୍ରିୟା ହୋଇଗଲାଣି। କେଉଁଠି ଜନବସତି ନିଶ୍ଚିହ୍ନ ହୋଇଗଲାଣି ତ କେଉଁଠି ସମୁଦ୍ର ଆଁକୁ ଚାଲିଯାଇଛି ଶହ ଶହ ଏକର ଚାଷ ଜମି। ଏହାକୁ ଦୃଷ୍ଟିରେ ରଖି ଏବେ ରାଜ୍ୟ ସରକାର ଉପକୂଳ ସୁରକ୍ଷା ପାଇଁ ଯୋଜନା କରୁଛନ୍ତି। ଏଥିପାଇଁ ୬ ଉପକୂଳ ଜିଲ୍ଲାରେ ଖର୍ଚ୍ଚ ହେବ ପ୍ରାୟ ୨ ହଜାରରୁ ଅଢେଇ ହଜାର କୋଟି। ଖୋଲାଯିବ ନଦୀ ମୁହାଣ, କଢ଼ାଯିବ ପଟୁ। କର୍ଣ୍ଣାଟକ ଢାଞ୍ଚାରେ ହେବ ପ୍ରତିକାର ବ୍ୟବସ୍ଥା। ଏଥିପାଇଁ ଓଡ଼ିଶାର ଅଧିକାରୀମାନେ କର୍ଣ୍ଣାଟକ ଯିବେ। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି)ର ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି।

ଧୀରେ ଧୀରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଗମ୍ଭୀର ରୂପ ନେଇଛି। ଓଡ଼ିଶାରେ ସମୁଦ୍ର କୂଳ ଖାଇବା ଏକ ବଡ଼ ସମସ୍ୟା ହୋଇଛି। ଏନେଇ ରାଜସ୍ୱ ମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ରାଜ୍ୟର ୬ ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ପୁରୀରେ ମୃତ୍ତିକା କ୍ଷୟ ଆଗକୁ ନୂଆ ସମସ୍ୟା ➪ପୃଷ୍ଠା-୬

### ନେପାଳ ବିଭୀଷିକା

## ମୃତ୍ୟୁସଂଖ୍ୟା ୬୮୨



- ପୁନଃବନ୍ୟା ଆଶଙ୍କା ଖାରଜ
- ଟନେଲ୍ ଓ ଭୂତଳ ଢାଞ୍ଚାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ

କାଠମାଣ୍ଡୁ,୨୯।୮: ନେପାଳ-ଚୀନ୍‌ର ତିବ୍ବତ-ହିମାଳୟ ସୀମାନ୍ତରେ ବୁଧବାର ଘଟିଥିବା ମହାବିନାଶକାରୀ ଜଳ ତାଣ୍ଡବର ମୃତ୍ୟୁସଂଖ୍ୟା ୬୭୫ରେ ପହଞ୍ଚିଛି। ଚୀନ୍‌ରୁ ଶନିବାର ୭ ଜଣଙ୍କର ମୃତଦେହ ମିଳିଥିବା ବେଳେ ଉଭୟ ପାର୍ଶ୍ୱର ମୋଟ୍ ମୃତ୍ୟୁସଂଖ୍ୟା ୬୮୨କୁ ବୃଦ୍ଧି ପାଇଛି। ୧୬୩ ଜଣ ବିଦେଶୀ ନାଗରିକଙ୍କ ସମେତ ତୀବ୍ବତ ଓ ଚୀନ୍ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ପ୍ରାୟ ୩୦୦୦ ତୀର୍ଥଯାତ୍ରୀ ଓ ଟ୍ରେକର୍‌ଙ୍କୁ ଉଦ୍ଧାରକାରୀ ଦଳ ଖାଲି କରିଛନ୍ତି। ଚତୁର୍ଥ ଦିନରେ ମଧ୍ୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ତେବେ ବନ୍ୟା-ପ୍ରଭାବିତ ଅଞ୍ଚଳରେ ବର୍ଷା ଓ ବଜ୍ରପାତ ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅପରପକ୍ଷରେ ଗ୍ଲାସିୟର ସ୍ଖଳନ ପରେ ସ୍ୱତଃ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ ଫାଟି ପୁଣି ଏକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପୂର୍ବରୁ ଚୀନ୍ କର୍ତ୍ତୃପକ୍ଷ ଦେଇଥିବା ଚେତାବନୀକୁ ପ୍ରତ୍ୟାହାର କରିନେଇଛନ୍ତି। କୃତ୍ରିମ ହ୍ରଦର ପାଣି ଦୁଇଟି ଉପନଦୀକୁ ପ୍ରବାହିତ ହେଉଥିବା ଉପଗ୍ରହ ଚିତ୍ରରୁ ଜଣାପଡ଼ିବା ପରେ ସାନି ବନ୍ୟା ବିଭୀଷିକାର ଆଶଙ୍କା ନାହିଁ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି।

ନେପାଳ ବନ୍ୟା ବିଭୀଷିକାକୁ ➪ପୃଷ୍ଠା-୬

### ଏମ୍‌ଏମ୍‌ଡିଆର୍ ସଂଶୋଧନ ବିବାଦ: ନବୀନ-ଧର୍ମେନ୍ଦ୍ର ମୁହାଁମୁହିଁ

## ତଥ୍ୟ ଗୋପନ ରଖି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରନ୍ତୁନି



- ନୂଆ ଆଇନରେ ଖଣିଜ ରାଜସ୍ୱର ପ୍ରାୟ ୯୦% ସିଧାସଳଖ ରାଜ୍ୟ କୋଷାଗାରକୁ ଯିବ
- ଓଡ଼ିଶା ତା'ର ନିଲାମ ପ୍ରିମିୟମର ୧୧୦%, ୧୫% ରୟାଲଟି ଓ ଡିଏମଏଫ ପାଣ୍ଠି ସମ୍ପୂର୍ଣ୍ଣ ପାଇବ
- କଞ୍ଚାମାଲ ଦର ନ ବଢ଼ିବା ଦ୍ୱାରା ମଧ୍ୟବିତ୍ତ ପରିବାର ଆଶ୍ୱସ୍ତି ପାଇବେ

ଭୁବନେଶ୍ୱର, ୨୯।୮ (ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର୍ ଆମେଣ୍ଡମେଣ୍ଟ୍ ଆକ୍ଟ, ୨୦୨୬କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ଦେଇଥିବା ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତଥ୍ୟକୁ ଗୋପନ ରଖି ଓ ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ସେ ତାଙ୍କ ପତ୍ରରେ ପ୍ରକାଶ କରିଛନ୍ତି। ସାଂସଦ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଗଣତନ୍ତ୍ରରେ ରାଜନୈତିକ ଆଲୋଚନା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ ସଂସଦରେ ଓଡ଼ିଶାର ସ୍ୱର ଭାବେ ଜାତୀୟ ବିକାଶ ସହ ରାଜ୍ୟର ଅର୍ଥନୀତିର ବ୍ୟାପକତା ଓ ସଂରଚନାଗତ ସ୍ୱାର୍ଥ ରକ୍ଷା କରିବା ଆମର ପ୍ରାଥମିକ ଦାୟିତ୍ୱ। ଏମଏମଡିଆର ସଂଶୋଧନ ଅଧିନିୟମ, ୨୦୨୬ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ରାଜ୍ୟ ରାଜସ୍ୱର ସୁରକ୍ଷା ଓ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବ।

ଓଡ଼ିଶା ନିଜର ରାଜସ୍ୱ ଅଂଶ ହରାଇବ ବୋଲି ବିରୋଧୀ ଦଳ ନେତାଙ୍କ ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ। ନୂତନ ଆଇନ ଅନୁଯାୟୀ, ଖଣି କ୍ଷେତ୍ରରୁ ମିଳୁଥିବା ମୋଟ ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ସିଧାସଳଖ ରାଜ୍ୟ ରାଜକୋଷକୁ ଯିବ। ଓଡ଼ିଶା ନିଜର ନିଲାମ ପ୍ରିମିୟମର ୧୧୦%, ରୟାଲଟିର ୧୫% ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିର ସମସ୍ତ ଅଂଶ ପୂର୍ବପରି ପାଇବ। ଅପରପକ୍ଷରେ ୨୦୧୪ ପୂର୍ବରୁ ମନମୁଖୀ ଭାବେ ଅସ୍ୱଚ୍ଛ ଉପାୟରେ ନିଜ ➪ପୃଷ୍ଠା-୬

## ବିବେକକୁ ଡାକ: ଇତିହାସ ବିଚାର କରିବ

ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ଓ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ବିଜେପି ସାଂସଦମାନଙ୍କୁ ଏକ ଖୋଲା ଚିଠି ଲେଖି ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬କୁ ସମର୍ଥନ କରିବା ପାଇଁ ସେମାନଙ୍କୁ କିନ୍ତୁ ସେମାନେ ଏପରି ଏକ ଇଚ୍ଛାଧୀନ ଆଇନକୁ ସମର୍ଥନ କରିଛନ୍ତି ଯାହା ଓଡ଼ିଶା ଲୋକଙ୍କ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଇବ। ଅଗଷ୍ଟ ୧୩ରେ ଲୋକସଭାରେ ଏହି ବିଲ୍ ପାସ୍ ହେବା ଓଡ଼ିଶା ପାଇଁ ଏକ କଳାଦିନ ବୋଲି ସେ କହିଛନ୍ତି। ଏହି ବିଲ୍‌ରେ ଓଡ଼ିଶା ପାଇଁ

- ବିଲ୍ ପ୍ରତ୍ୟାହାର କରିବାକୁ ଆହ୍ୱାନ
- ଅଗଷ୍ଟ ୧୩ ଓଡ଼ିଶା ପାଇଁ କଳାଦିନ ବୋଲି ଅଭିଯୋଗ



ତୀବ୍ର ସମାଲୋଚନା କରିଛନ୍ତି। ସେ ଏହି ସଂଶୋଧନକୁ ପ୍ରତ୍ୟାହାର କରିବାକୁ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଚିଠିରେ ନବୀନ ପଟ୍ଟନାୟକ ଲେଖିଛନ୍ତି ଯେ ସଂସଦ ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର। ସାଂସଦ ଭାବେ ସେମାନେ ଏହି ଉଚ୍ଚତମ ମଞ୍ଚରେ ଓଡ଼ିଶାର ସ୍ୱର। ଓଡ଼ିଶାର ଲୋକମାନେ ସେମାନଙ୍କ ସ୍ୱାର୍ଥ ରକ୍ଷା ଓ ବିକାଶ ପାଇଁ ସେମାନଙ୍କୁ ନିର୍ବାଚିତ କରିଛନ୍ତି। ଦୂରପ୍ରସାରୀ ପ୍ରଭାବ ଥିବା ସତ୍ତ୍ୱେ ଦଶ ମିନିଟ୍‌ରୁ କମ୍ ଆଲୋଚନାରେ ଏହା ପାସ୍ ହୋଇଥିଲା।

ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା ଭାରତର ପ୍ରାୟ ୪୪ ଶତାଂଶ ଖଣିଜ ସମ୍ପଦର ଅଧିକାରୀ। ଦଶନ୍ଧି ଧରି ଓଡ଼ିଶା ଭାରତର ଇସ୍ପାତ, ବିଦ୍ୟୁତ୍, ଖଣି ଓ ଭିତ୍ତିଭୂମି ଖଣ୍ଡକୁ ନିଜର ଖଣିଜ ସମ୍ପଦ ଯୋଗାଇଛି। ଏହି ଆଇନ ଯୋଗୁଁ ବାର୍ଷିକ ୧୨ ହଜାର କୋଟି ➪ପୃଷ୍ଠା-୬

## ଯୋଗଦେଲେ ନୂଆ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ



ଭୁବନେଶ୍ୱର,୨୯।୮(ସଂଚା ବ୍ୟୁରୋ): ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ। ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ।

### ଦନ୍ତ ଚିକିତ୍ସକଙ୍କ ପାଇଁ ବଡ଼ ଘୋଷଣା

## ମିଳିବ ମାସିକ ୨୦ ହଜାର ଟଙ୍କାର ପ୍ରୋତ୍ସାହନ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଦନ୍ତ ଚିକିତ୍ସକମାନଙ୍କୁ ପ୍ରତି ମାସ ୨୦ ହଜାର ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ଠାରୁ କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଏହି ନୋଟିଫିକେସନ୍ ଜାରି କରାଯାଇଛି।

## ସେପ୍ଟେମ୍ବରରେ ଦୁଇଦିନିଆ ଦୁବାଇ ଇନଭେଷ୍ଟର୍ସ ମିଟ୍

**ଓଡ଼ିଶାର ଶିଳ୍ପ ସମ୍ଭାବନା ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ୮ ଓ ୯ରେ ଦୁବାଇ ଇନଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ମିଟ୍‌ରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଓଡ଼ିଶାକୁ ଅଧିକ ବିଦେଶୀ ପୁଞ୍ଜି ଆଣିବା ପାଇଁ ଏହା ମୁଖ୍ୟମନ୍ତ୍ରୀଙ୍କ ଆଉ ଏକ ବଡ଼ ପ୍ରୟାସ ବୋଲି କୁହାଯାଉଛି। ବିଶ୍ୱର ଅନ୍ୟତମ ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଦୁବାଇରେ ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ବିଦେଶୀ ନିବେଶକଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥାପନ କରିବେ। ଏହି ଦୁଇଦିନିଆ ନିବେଶକ ସମ୍ମିଳନୀରେ ଓଡ଼ିଶା ସରକାର ମେଟାଲ୍ ଓ ଡାଉନ୍ ଷ୍ଟ୍ରିମ୍ ଶିଳ୍ପ, ପେଟ୍ରୋକେମିକାଲ୍ସ, ଗ୍ରୀନ୍ ଏନର୍ଜି, ଫୁଡ୍ ପ୍ରୋସେସିଂ, ଟେକ୍ସଟାଇଲ୍, ଇଲେକ୍ଟ୍ରୋନିକ୍ସ, ପୋର୍ଟ ଓ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଥିବା ନିବେଶ ସୁଯୋଗକୁ ସାମ୍ନାକୁ ଆଣିବା ଆଶା କରାଯାଉଛି। ଦୁବାଇ କେବଳ ୟୁଏଇ ନୁହେଁ, ସମଗ୍ର ➪ପୃଷ୍ଠା-୬

## ତାସ୍‌କେଣ୍ଟରେ ମୋଦିଙ୍କୁ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ,୨୯।୮: ଚାରି ଦିନିଆ ମଧ୍ୟ-ଏସିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଜବେକିସ୍ତାନରେ ପହଞ୍ଚିଛନ୍ତି। ଉଜବେକିସ୍ତାନରେ ସେ ଦୁଇଦିନ ରହିବେ। ଉଜବେକିସ୍ତାନରେ ପହଞ୍ଚିବା ପରେ ତାଙ୍କର ଗସ୍ତକୁ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ଗଭୀରତା ଓ ବୃଦ୍ଧିର ଉତ୍ତରଣ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଉଜବେକିସ୍ତାନରେ ଭବ୍ୟ ସ୍ୱାଗତ କରାଯାଇଛି। ଉଜବେକ୍ ରାଷ୍ଟ୍ରପତି ସଓ୍ୱକତ ମିର୍ଜିୟୋୟେଭ୍ ନିଜେ ମୋଦିଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ଗାଡ଼ିରେ ବସାଇ ନେଇଛନ୍ତି। ପ୍ରଧାନମନ୍ତ୍ରୀ ଏହା ଉଷ୍ମ-ସ୍ୱାଗତ ଓ ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

## ଦେଓମାଳିରେ ୫ ମହିଳା ପର୍ଯ୍ୟଟକଙ୍କୁ ଆକ୍ରମଣ

କୋଟିଆ,୨୯।୮(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଦେଓମାଳି ପାହାଡ଼ରେ ବର୍ଷା ଉପଭୋଗ କରିବାକୁ ଯାଇଥିବ ୫ ଜଣ ମହିଳାଙ୍କୁ କେତେକ ଦୁର୍ବୃତ୍ତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କୋଟିଆ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କାର୍‌ରେ ଦେଓମାଳି ବୁଲିବାକୁ ଯାଇଥିଲେ ୫ ଜଣ ସାଙ୍ଗ। ତେବେ କୌଣସି କାରଣରୁ ଉକ୍ତ ୫ ସାଙ୍ଗଙ୍କୁ ନିସ୍ତୁକ ପିଟିଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତଙ୍କ ମାଡ଼ରେ ସମସ୍ତେ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ କୋରାପୁଟ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଡ଼ ମାରିବା ସହ ଦୁର୍ବୃତ୍ତମାନେ ସେମାନଙ୍କଠାରୁ ଦୁଇଟି ଦାମୀ ମୋବାଇଲ୍ ସହ ୭ ହଜାର ଟଙ୍କା, ମୁଦି, ସୁନା ଚେନ ଆଦି ଲୁଟିନେଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ କୁହୁଡ଼ି ଓ ଅନ୍ଧାର ରାତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି ଆକ୍ରମଣ କରିଥିବା ଜଣାପଡ଼ିଛି।



### କାନ ଡେରିଆ

ଶାସ୍ତ୍ର ଯେ କହୁଛି ବନ୍ଧୁ ଯେ ଥାଆନ୍ତି
ସମାଜେ ତିନି ପ୍ରକାରେ
ଉତ୍ତମ ମଧ୍ୟମ ଅଧମ ନାମରେ
ବନ୍ଧୁ ଆମ ଗହଣରେ
ଦରଦୀ ନଯାଏ ଦୂରେ...
ଭୁଲ ଦେଖି ଯିଏ ମୁହେଁ କହିଆନ୍ତି
ବନ୍ଧୁ ପ୍ରେମ ତାଙ୍କୁ ଘାରେ ।

■ *ଦେବାଶିଷ*

# ଜେନ୍-ଜି'ଙ୍କୁ ମୋହିବାକୁ 'ମିମ୍' ପଲିଟିକ୍ସ

### ନୂଆ ପିଢ଼ି ସହ ଯୋଡ଼ି ହେବାକୁ ନୂଆ ରଣନୀତି



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆଗାମୀ ନିର୍ବାଚନ ଓ ନୂଆ ପିଢ଼ିର 'ଜେନ୍-ଜି' ଭୋଟରଙ୍କୁ ଦଳ ସହ ଯୋଡ଼ିବା ପାଇଁ ବିଜେପି ନିଜର ଡିଜିଟାଲ୍ ସୋସିଆଲ୍ ମିଡିଆ ରଣନୀତିରେ ଆଣିଛି ବଡ଼ ପରିବର୍ତ୍ତନ। ପାରମ୍ପରିକ ରାଜନୈତିକ ଭାଷଣ ଓ ବ୍ୟାନର ପ୍ରଚାର ବଦଳରେ ଦଳ ଏବେ ଇନଷ୍ଟାଗ୍ରାମ୍ ମିମ୍ସ, ପପ୍-କଲଚର, ଏଆଇ-ଜେନେରେଟେଡ୍ ଆସେଟ୍ସ ଏବଂ କାର୍ଟୁନ୍ ଚରିତ୍ରକୁ ବ୍ୟବହାର କରୁଛି।

ଦଳର ନୂଆ ସୋସିଆଲ୍ ମିଡିଆ ମୁଖ୍ୟ ଦୀପକ ମସ୍କେଙ୍କ ନେତୃତ୍ୱରେ 'ସ୍ପାଇଡର୍-ମ୍ୟାନ', 'ମୋଟୁ-ପତଲୁ', ସଲମାନ ଖାନ୍‌ଙ୍କ ଫିଲ୍ମି ସିନ୍ ଓ ହଲିଉଡ ସିନେମା 'ଆମେରିକାନ ସାଇକୋ'ର କ୍ଲିପ୍ସ ବ୍ୟବହାର କରି ମଜାଦାର ଭିଡିଓ ପ୍ରସ୍ତୁତ କରାଯାଉଛି। ଏହି ମିମ୍ସ ମାଧ୍ୟମରେ ଗ୍ରୀକ ନାଟକୀୟ ଶୈଳୀ ଆପଣାଇ ବିରୋଧୀ ନେତା ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରାଯିବା ସହ ଉତ୍ତରପ୍ରଦେଶର ଭିତ୍ତିଭୂମି ବିକାଶ ଓ କେନ୍ଦ୍ର ସରକାରଙ୍କ ସଫଳତାକୁ ସହଜ ଭାଷାରେ ଉପସ୍ଥାପନ କରାଯାଉଛି। ଭିଜୁଆଲ ଆକର୍ଷଣ ବଢ଼ାଇବାକୁ ଏଆଇ-ନିର୍ମିତ କାର୍ଟୁନ ଷ୍ଟ୍ରିପ୍ସ ବ୍ୟବହାର ହେଉଥିବା ବେଳେ, ବିଭିନ୍ନ ରାଜ୍ୟର ବିଜେପି ହ୍ୟାଣ୍ଡେଲଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି ଏହି କଣ୍ଟେଣ୍ଟଗୁଡ଼ିକୁ ଭାଇରାଲ କରାଯାଉଛି।

ସାମ୍ପ୍ରତିକ ଯୁବ ଆନ୍ଦୋଳନ ଓ ବିବାଦ ପରେ, ନୂଆ ପିଢ଼ିର ମନ ଜିଣିବା ଏବଂ ସେମାନଙ୍କ ଗ୍ରହଣଯୋଗ୍ୟ ଭାଷାରେ ଯୋଗାଯୋଗ କରିବା ପାଇଁ ବିଜେପି ଏହି ଡିଜିଟାଲ୍ ଅଭିଯାନ ଆରମ୍ଭ କରିଛି। କେବଳ ଟେକ୍ସଟ ବଦଳରେ ରଙ୍ଗୀନ ଚିତ୍ର ଓ ଦୃଶ୍ୟମାନ ଭିଜୁଆଲ ବ୍ୟବହାର ହେଉଥିବାରୁ ଏହା ଇନଷ୍ଟାଗ୍ରାମରେ ବେଶ ପସନ୍ଦ କରାଯାଉଛି। ଆଗାମୀ ସାଧାରଣ ନିର୍ବାଚନ ଓ ଭବିଷ୍ୟତର ଭୋଟବ୍ୟାଙ୍କକୁ ମଜବୁତ କରିବା ପାଇଁ ବିଜେପିର ଏହା ଏକ ସୁଚିନ୍ତିତ ଯୋଜନା। ତେବେ ଡିଜିଟାଲ୍ ଯୁଗରେ ଏହି ଆଧୁନିକ ମିମ୍-ପଲିଟିକ୍ସ ଯୁବ ଭୋଟରଙ୍କୁ କେତେ ଦୂର ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା।

# ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଇଁ ଲୋକେ ଭୟଭୀତ



ମହାକାଳପଡ଼ା,୨୯।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ମେରଦା ଗ୍ରାମର ଶେଷ ମୁଣ୍ଡରେ ବଳିଆବାବ ଆଶ୍ରମ ସାମ୍ନାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ବିପଦ ବଢ଼ିବାର ଆଶଙ୍କା ରହିଛି। ଏହି ଟ୍ରାନ୍ସଫର୍ମର ଦେଇ ଲୋକେ ଓ ବୁଲା ଗାଈଗୋରୁ ଆଦି ଯାତାୟାତ କରୁଛନ୍ତି। ଭୂମି ଠାରୁ ଦୁଇ ଫୁଟ ଉଚ୍ଚତାରେ ଯେଉଁ କଟ୍ ଆଉଟ୍ ବକ୍ସ ରହିଛି ସେଥିରେ କଭର ନାହିଁ। ଯାହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହା ପାଇଁ କେତେବେଳେ ଯେ କିଛି ଅଘଟଣ ଘଟିବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପାଇଁ ଦୃଷ୍ଟି ଦେଇ ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

# ଡେରାବିଶ ଓ ଚାନ୍ଦୋଳ ଅଞ୍ଚଳରେ ବଢୁଛି ନିଶା କାରବାର

**ସବୁ ଜାଣିଶୁଣି ପ୍ରଶାସନ ଚୁପ**

**ହେଉନି ନିୟମିତ ଯାଞ୍ଚ ଓ ଚଢ଼ାଉ**




ଡେରାବିଶ,୨୯।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଏବଂ ଚାନ୍ଦୋଳ ର ବିଭିନ୍ନ ଅଞ୍ଚଳରେ ମାଦକ ଦ୍ରବ୍ୟର ଅବୈଧ କାରବାରକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ନିଶା ବିରୋଧୀ ଅଭିଯାନ ଚାଲିଥିବା ସତ୍ତ୍ୱେ କେତେକ ଅଞ୍ଚଳରେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ବେଆଇନ କାରବାର ଚାଲିଥିବା ଅଭିଯୋଗ ହେଉଛି ।

କେନ୍ଦ୍ରାପଡା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ କଲେଜ୍ ପାର୍କ ପାନ ଦୋକାନ ,ଦାନପୁର ଲକ,ହରିଅଙ୍ଗ, ଭୋଳ ହାଟ, ବସପୁର ଲକଛକ, ଚାନ୍ଦୋଳ ହାଟ ଓ ପାଣି ଟାଙ୍କି ଦିଖିତପଡ଼ା,ଅସୁରେଶ୍ୱର ଲୁଣା ବନ୍ଧ ରୁ ଦାନପୁର ପୋଲ ଅଞ୍ଚଳ ସମେତ ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି। ବିଶେଷ କରି ରାସ୍ତାକଡ଼ରେ ଗଢ଼ି ଉଠିଥିବା କେତେକ ଢାବା ଓ ଜଳଖିଆ ଦୋକାନରେ ସନ୍ଧ୍ୟା ପରେ ଅନୁମୋଦିତ ନିୟମ ବାହାରେ ମଦ୍ୟପାନ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ, ଗଞ୍ଜେଇ ସିଗାରେଟ, ଗୋଗୋ ପେପେର ମଧ୍ୟରେଧଳା ଜହର ବ୍ୟବହାର ହେଉଥିବା ନେଇ ଅଭିଯୋଗ ଉଠିଛି। କେତେକ ଢାବା ଓ ହୋଟେଲରେ ଗ୍ରାହକଙ୍କ ପାଇଁ ଗୁପ୍ତ ଭାବେ ବସିବାର ବ୍ୟବସ୍ଥା କରାଯାଇ ନିଶା ସେବନ ହେଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଏପରି ସ୍ଥାନଗୁଡ଼ିକ ଉପରେ ନିୟମିତ ଯାଞ୍ଚ କରାଗଲେ ବେଆଇନ କାରବାରକୁ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏହାସହ ସରକାରୀ ଅନୁମୋଦିତ ମଦ ଦୋକାନରୁ ମଦ କିଣି ଅନ୍ୟ ସ୍ଥାନରେ ଅନୁମତି ବିନା ଖୁଚୁରା ବିକ୍ରି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ମଦ ବିକ୍ରି ସମୟରେ ନିୟମାନୁସାରେ ବିଲ୍ କିମ୍ବା ରସିଦ ଦିଆଯାଉଛି କି ନାହିଁ, ନିର୍ଦ୍ଧାରିତ ସୀମା ଓ ଲାଇସେନ୍ସର ସର୍ତ୍ତେ ଅନୁଯାୟୀ ବିକ୍ରି ହେଉଛି କି ନାହିଁ ଏସବୁ ଦିଗରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯିବାକୁ ଦାବି ହେଉଛି।

କଟକ ଚାନ୍ଦବାଲି ରାସ୍ତାର କଡରେ ପାନ ଦୋକାନ, ଜଳଖିଆ ଦୋକାନ ଅଞ୍ଚଳର କେତେକ ହୋଟେଲ କୁ ନେଇ ମଧ୍ୟ ନିଶା ସେବନ ସମ୍ପର୍କିତ ଅଭିଯୋଗ ଉଠିଛି। ସେହିପରି ଡେରାବିଶ ଥାନା ଛତା, ପଞ୍ଚୁପାଣ୍ଡବ, ବିଷକଛକ, ପଲାଇ, ଦେଶପୁର ମଠ,ୱାଘିଲ ବାବନପୁର, ଅଞ୍ଚଳରେ ମଧ୍ୟ ନିଶାଦ୍ରବ୍ୟର ବେଆଇନ କାରବାରକୁ ନେଇ ଅଭିଯୋଗ ହୋଇଛି। କେତେକ ପାନ ଦୋକାନରେ ଗଞ୍ଜେଇ ମିଶ୍ରିତ ଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ରହିଛି।

ଏସବୁ ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ପୋଲିସ ଏବଂ ଅବକାରୀ ବିଭାଗ ନିକଟରେ ଦାବି କରିଛନ୍ତି। ବିଶେଷକରି ସ୍କୁଲ୍ କଲେଜ ଓ ଜନବସତି ନିକଟରେ ନିଶାଦ୍ରବ୍ୟର ଅବୈଧ ବିକ୍ରି ଉପରେ କଡ଼ା ନଜର ରଖିବା ସହ ନିୟମିତ ଚଢ଼ାଉ କରାଯିବାକୁ ଦାବି ହୋଇଛି।

**କେନାଲ ସଫା ପରେ ଅଳିଆ ଉଠିଲାନି**

# ଦୁର୍ଗନ୍ଧମୟ ପରିବେଶରେ ଅତିଷ୍ଠ ଲୋକେ

**ମଶାମାଛିଙ୍କ ଉପଦ୍ରବ ବୃଦ୍ଧି**



କେନ୍ଦ୍ରାପଡ଼ା,୨୯।୮ (ସଂଚାର ବ୍ୟୁରୋ): କେନାଲ ସଫେଇ ହେଲା, ହେଲେ ସଫେଇରୁ ବାହାରିଥିବା ଆବର୍ଜନା ସ୍ଥାନାନ୍ତର ହେଲା ନାହିଁ। ଫଳରେ ଏବେ ରାସ୍ତାକଡ଼ରେ ଆବର୍ଜନାର ପାହାଡ଼ ଦେଖିବାକୁ ମିଳୁଛି। ଆବର୍ଜନା ପଚି ଦୁର୍ଗନ୍ଧ ବାହାରିବା ସହ ପରିବେଶ ଦୂଷିତ ହେଉଛି। ଏଥିସହ ମଶା ଓ ମାଛିଙ୍କ ଉପଦ୍ରବ ବଢ଼ିଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ସାନ୍ତସାହି ପୋଲଠାରୁ ବ୍ଲକ୍ ରୋଡ୍ ପର୍ଯ୍ୟନ୍ତ ଥିବା କେନାଲରେ ଜଳସମ୍ପଦ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ସଫେଇ ପରେ କେନାଲରୁ ବାହାରିଥିବା ଆବର୍ଜନା ଓ ଅଳିଆକୁ କେନାଲ କଡ଼ରେ, ରାସ୍ତା ପାର୍ଶ୍ୱରେ ଗଦା କରି ରଖାଯାଇଛି। ଦିନ ପରେ ଦିନ ଏହା ସେଠାରେ ପଡ଼ି ରହିବାରୁ ଏବେ ବିପୁଳ ଆବର୍ଜନାର ସ୍ତୂପ ସୃଷ୍ଟି ହୋଇଛି। ବର୍ଷା ଦିନ ଯୋଗୁଁ ଅଳିଆ ପଚିବା ଆରମ୍ଭ କରିଥିବାରୁ ଏହି ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହେଉଛି। ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସମେତ ନିକଟବର୍ତ୍ତୀ ଅଞ୍ଚଳବାସୀ ଏଥିରେ ଅତିଷ୍ଠ ହୋଇପଡ଼ିଛନ୍ତି। ଆବର୍ଜନା ଯୋଗୁଁ ମଶା, ମାଛି ଓ ଅନ୍ୟାନ୍ୟ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ ମଧ୍ୟ ବଢ଼ିଛି। କେନାଲ ସଫେଇର ଉଦ୍ଦେଶ୍ୟ ପରିବେଶକୁ ସ୍ୱଚ୍ଛ କରିବା ହୋଇଥିବାବେଳେ ସଫେଇ ପରେ ଆବର୍ଜନା ନ ଉଠାଇବା ଯୋଗୁଁ ଏବେ ତାହା ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ତୁରନ୍ତ ଏହି ଆବର୍ଜନା ଉଠାଇ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ରାସ୍ତାପାର୍ଶ୍ୱ ସଫା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବନ୍ୟା ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ବିଜେପି ନେତ୍ରୀଙ୍କ ଦାବି



କେନ୍ଦ୍ରାପଡ଼ା, ୨୯।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ ବନ୍ୟା ବିପନ୍ନଙ୍କ ଥାଇଥାନ ଦାବିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏନେଇ ସେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା ବ୍ଲକ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇପଡିଛନ୍ତି । ଅସଂଖ୍ୟ କ୍ଷତିଗ୍ରସ୍ତ ଲୋକମାନଙ୍କ ଘର ବନ୍ୟାରେ ଭାଙ୍ଗିଯାଇଛି। ହଜାର ହଜାର ଚାଷୀଙ୍କ ଧାନ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଛେଳି, ମେଣ୍ଢା, କୁକୁଡ଼ା ଓ ଗୋରୁଗାଈ ମଧ୍ୟ ବିପନ୍ନ ହୋଇପଡିଛନ୍ତି । କୁମ୍ଭୀର ଆକ୍ରମଣ, ସର୍ପାଘାତ ଓ ନଦୀସ୍ରୋତରେ ଲୋକଙ୍କ ଜୀବନ ଯାଇଛି । ଘର ଭାଙ୍ଗିଥିବା ସବୁ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଣ, କୁମ୍ଭୀର ଆକ୍ରମଣ, ସର୍ପାଘାତ, ବଜ୍ରପାତ ଓ ନଦୀସ୍ରୋତରେ ଭାସିଯାଇ ମୃତାହତଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଉ । ଧାନଚାଷ ଉଜୁଡ଼ି ଯାଇଥିବା ଯୋଗୁ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ ଆଗାମୀ ଖରିଫ ଫସଲ ଅମଳ ହେବା ପର୍ଯ୍ୟନ୍ତ ପ୍ରତି ଚାଷୀଙ୍କୁ ମୁଣ୍ଡପିଛା ଦିନକୁ ୧ କେଜି ଚାଉଳ ଓ ନାବାଳକଙ୍କ ପାଇଁ ଦିନକୁ ୫ଶହଗ୍ରାମ ଚାଉଳ ଯୋଗାଇ ଦିଆଯାଉ । ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ମାସିକ ୨୦୦୦ ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ, ଫସଲ ଉଜୁଡ଼ି ଯାଇଥିବା ଚାଷୀଙ୍କୁ ମାଗଣାରେ ପନିପରିବା ମଞ୍ଜି, ସାର, କୀଟନାଶକ ଔଷଧ ପ୍ରଭୃତି ଯୋଗାଇ ଦିଆଯାଉ । ବନ୍ୟାଞ୍ଚଳରେ ସବୁ ଚାଷୀଙ୍କ ଋଣ ଛାଡ଼ ସହ ଆଗାମୀ ଚାଷ ପାଇଁ ବିନା ସୁଧରେ ଋଣ ପ୍ରଦାନ କରାଯାଉ। ଛାତ୍ରଛାତ୍ରୀଙ୍କୁ ନୂଆ ବହି, ଖାତା, କଲମ ପୋଷାକ ଯୋଗାଇ ଦିଆଯାଉ। ବନ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା କୂଅ, ପୋଖରୀ, ନଳକୂପ, ଉଠା ଜଳସେଚନ ପଏର ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ଓ ବାରମ୍ବାର ବନ୍ୟାରେ କ୍ଷତିଗ୍ରସ୍ତ ହେଉଥିବା ବନ୍ଧବାଡ଼ର ସୁଦୃଢ଼ୀକରଣ କରାଯାଉ ବୋଲି ବିଜେପି ନେତ୍ରୀ ଶ୍ରୀମତୀ ବାରିକ ଦାବି କରିଛନ୍ତି ।

ଏହି ଦାବିପତ୍ର ପ୍ରଦାନ ସମୟରେ ସୁବାସ ଚନ୍ଦ୍ର ପାତ୍ର, ତୁଷାର କୁମାର ସାହୁ, ସୁଶାନ୍ତ ଦାସ, ସନ୍ତୋଷ ସ୍ୱାଇଁ ଓ ସନ୍ତୋଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ରିଲିଫ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ନିଶାସକ୍ତ ଡ୍ରାଇଭର ପାଇଁ ପୁଲିସ, ଉଦ୍ଧାରକାରୀ ଦଳ ନାକେଦମ



ମାର୍ଶାଘାଇ,୨୯।୮ (ସଂଚାର ବ୍ୟୁରୋ): ମାର୍ଶାଘାଇ କୁସୁନପୁର ନିକଟରେ ଜାତୀୟ ରାଜପଥ ୫୩ ଉପରେ ଶନିବାର ଏକ ଧଳା ରଙ୍ଗର କାର ରାଜପଥର ଡିଭାଇଡରରେ ଧକା ହେବା ପରେ କାରରେ ଥିବା ଡ୍ରାଇଭର ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ିରୁ ନ ବାହାରିବାରୁ ସ୍ଥାନୀୟ ଲୋକମାନେ ବ୍ୟସ୍ତ ହୋଇପଡ଼ିଥିଲେ । ଡ୍ରାଇଭର ଜଣକ ନିଜ ସିଟରେ ଥାଇ ଷ୍ଟେରିଙ୍ଗ ଉପରେ ମାଡ଼ି ହୋଇ ରହିଥିବାରୁ କିଛି ଅଘଟଣ ଆଶଙ୍କାରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। କାରଟି ମଝିରେ ରହିଯାଇଥିବାରୁ ଅନ୍ୟ ଗାଡ଼ି ଯାତାୟତରେ ବାଧା ଦେଖାଦେଇଥିଲା, ଫଳରେ ରାସ୍ତା ଜାମ ହୋଇଯାଇଥିଲା। ଖବର ପାଇ ମାର୍ଶାଘାଇ ପୋଲିସ ଏବଂ ଅଗ୍ନିଶମ ବାହିନୀ ଟିମ ପହଂଚି କାରର ଡୋର ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଡ୍ରାଇଭର ପ୍ରବଳ ନିଶାସକ୍ତ ଥିବା ଜଣାପଡିଥିଲା । ଗାଡ଼ି ମାଲିକଙ୍କ ଘର ଏବଂ ଡ୍ରାଇଭରଙ୍କ ଘର ମାର୍ଶାଘାଇ ଜୁଣ ଗ୍ରାମରେ ବୋଲି ଜଣାପଡିଛି ।

# ବନ୍ୟାଞ୍ଚଳରେ ସୁଜାତାଙ୍କ ଖାଦ୍ୟ ବଣ୍ଟନ



ପଟ୍ଟାମୁଣ୍ଡାଇ,୨୯।୮ (ସଂଚାର ବ୍ୟୁରୋ): ଉପରମୁଣ୍ଡରେ ବର୍ଷା ହେବା ଫଳରେ ବ୍ରାହ୍ମଣୀ ଅବବାହିକା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୪ ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ ବିଶେଷ ପ୍ରଭାବିତ ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୌରାଞ୍ଚଳର ବିଭିନ୍ନ ସାହି ବସ୍ତି ଓ ଗ୍ରାମଗୁଡିକ ବନ୍ୟାପାଣି ଘେରରେ ରହିଛି। ରାସ୍ତାଘାଟ ସବୁ ବନ୍ୟପାଣିରେ ବୁଡ଼ି ରହିଥିବାରୁ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନେ ଘରୁ ପଦାକୁ ବାହାରି ନପାରି ଜଳବନ୍ଦୀ ହୋଇ ରହିଛନ୍ତି।

ବନ୍ୟାଞ୍ଚଳରେ ରନ୍ଧନ ଖାଦ୍ୟସାମଗ୍ରୀ ଓ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଦୁର୍ଦ୍ଦିନରେ ଦିନ କାଟୁଥିବା ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ବରିଷ୍ଠ ଭାଜପା ନାରୀନେତ୍ରୀ ସୁଜାତା ବାରିକ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨ ନମ୍ବର ୱାର୍ଡ କ୍ଷଣ୍ଟପଲ୍ଲୀ,୧୫ ନମ୍ବର ୱାର୍ଡ ଅଳଭା,୪ ନମ୍ବର ୱାର୍ଡ ନନ୍ଦିନିନଗର,୮ ନମ୍ବର ୱାର୍ଡ ବାଲିପଡା ଆଦି ଗ୍ରାମରେ ସୁଜାତା ଘର ଘର ବୁଲି ଶୁଖିଲା ଖାଦ୍ୟ ସହିତ ଜରୁରୀ ସାମଗ୍ରୀ ବଣ୍ଟନ କରିଛନ୍ତି। ବନ୍ୟା ଦୁର୍ଗତଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୁଜାତା ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟରେ ଭାଜପା ଯୁବ ନେତା ସନ୍ତୋଷ ସ୍ୱାଇଁ, ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ, ଶୈଳେନ୍ଦ୍ର ପାତ୍ର, ସୁଶାନ୍ତ ଦାସ, ପାରେଶ୍ୱର ପାତ୍ର, ହୃଷିକେଶ ମଲିକ, ରାଜେଶ ବାରିକ , କାଉନସିଲର ବିଦ୍ୟାଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାଉନସୁଗର, ଗଞ୍ଜେଇ ଓ ଚୋରାମଦ ଜବତ,୪ଗିରଫ



କେନ୍ଦ୍ରାପଡ଼ା,୨୯। (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, ପାଟକୁରା ଓ ମହାକାଳପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା ।

ଏହି ଚଢ଼ାଉ ସମୟରେ ହରିଅଙ୍ଗ ଗ୍ରାମର ଦୋଳଗୋବିନ୍ଦ ମଳିକ(୩୧)ଙ୍କ ନିକଟରୁ ୩୦ ଲିଟର ଚୋରା ବିଦେଶୀ ମଦ, ରାମଚନ୍ଦ୍ରପୁର ଗ୍ରାମର ଅକ୍ଷୟ ରାଉତ(୪୦)ଙ୍କ ନିକଟରୁ ୨୫ ଲିଟର ଚୋରା ଦେଶୀ ମଦ, ବଡ଼ପାଳ ଗ୍ରାମର ଘନଶ୍ୟାମ ବେହେରା (୩୬)ଙ୍କ ନିକଟରୁ ୧.୨ କିଲୋଗ୍ରାମ ଗଞ୍ଜେଇ ଏବଂ ବାସଘର ଗ୍ରାମର ଜୟଜିତ ମଳିକ(୨୨)ଙ୍କ ନିକଟରୁ ୬୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା ।

ଉକ୍ତ ଚଢ଼ାଉରେ ସମୁଦାୟ ୬୫ ଗ୍ରାମ ବ୍ରାଉନ ସୁଗାର, ୧.୨ କିଲୋଗ୍ରାମ ଗଞ୍ଜେଇ ଏବଂ ୫୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଏହି ସଂପର୍କିତ ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି ।

# ପୁଲିସ ହାତରେ ଧରାପଡ଼ିଲେ ୩ ଅଭିଯୁକ୍ତ



ଯୋଡ଼ା,୨୯।୮ (ସଂଚାର ବ୍ୟୁରୋ): ଦୀର୍ଘବର୍ଷ ଧରି ପୁଲିସ ଓ ଅଦାଲତଙ୍କ ନଜରରୁ ଦୂରେ ରହିଥିବା ୩ ଅଭିଯୁକ୍ତଙ୍କୁ ଶେଷରେ ଗିରଫ କରିଛି ଯୋଡ଼ା ପୁଲିସ। ପୁରୁଣା ମାମଲାଗୁଡ଼ିକରେ ଅଦାଲତଙ୍କ ପକ୍ଷରୁ ଗିରଫ ପରୱାନା ଜାରି ହେବା ପରେ ପୁଲିସ ତତ୍ପରତା ବଢ଼ାଇ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରଞ୍ଜିତ ଗୋପ, ସନ୍ତୋଷ ଲୋହାର ଏବଂ ମୁନା ଓରଫ ଅଜିତ ଓରଫ ଅଜୟ କୁମାର ମିଶ୍ର। ରଞ୍ଜିତଙ୍କ ବିରୋଧରେ ଜିଆର କେସ୍ ନଂ.୨୬୮/୨୦୦୨, ସନ୍ତୋଷଙ୍କ ବିରୋଧରେ ଜିଆର କେସ୍ ନଂ. ୨୯/୨୦୦୫ ଏବଂ ଅଜୟ କୁମାର ମିଶ୍ରଙ୍କ ବିରୋଧରେଜିଆର କେସ୍ ନଂ. ୧୬୩/୨୦୦୫ ମାମଲା ରହିଥିଲା।

ଦୀର୍ଘଦିନ ଧରି ଅଦାଲତରେ ହାଜର ନହୋଇ ଫେରାର ରହିଥିବା ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଅଦାଲତଙ୍କ ଗିରଫ ପରୱାନା ଜାରି ହୋଇଥିଲା। ପରୱାନାକୁ ଆଧାର କରି ଯୋଡ଼ା ପୁଲିସ ସେମାନଙ୍କୁ ଠାବ କରି ଗିରଫ କରିଛି।

ଗିରଫ ପରେ ତିନି ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଅଦାଲତରେ ହାଜର କରାଯାଇଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଫେରାର ଅଭିଯୁକ୍ତଙ୍କ ବିରୋଧରେ ଯୋଡ଼ା ପୁଲିସର ଏହି ଅଭିଯାନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ନିଆରା ଢଙ୍ଗରେ ରକ୍ଷାବନ୍ଧନ ପାଳିଲେ ଚନ୍ଦ୍ରକାନ୍ତ

ମାର୍ଶାଘାଇ,୨୯।୮ (ସଂଚାର ବ୍ୟୁରୋ): ଭାଇ-ଭଉଣୀଙ୍କ ସ୍ନେହ ଓ ଭଲପାଇବାର ପର୍ବ ରକ୍ଷାବନ୍ଧନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଯୁବନେତା ଇଂ. ଚନ୍ଦ୍ରକାନ୍ତ ସ୍ୱାଇଁ। ମାର୍ଶାଘାଇସ୍ଥିତ ଆରତୀ ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରି ସେ ଖୁସି ବାଣ୍ଟିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀମାନେ ପରସ୍ପରକୁ ରାକ୍ଷୀ ବାନ୍ଧିବା ସହ ଚନ୍ଦ୍ରକାନ୍ତଙ୍କୁ ମଧ୍ୟ ରାକ୍ଷୀ ବାନ୍ଧିଥିଲେ। ଛାତ୍ରଛାତ୍ରୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବା ସହ ସେମାନଙ୍କ ପାଇଁ ଚକୋଲେଟ୍, ମିଠା, ଖାଦ୍ୟ ଓ ପାନୀୟ ବଣ୍ଟନ କରାଯାଇଥିଲା। ଏଭଳି ଏକ ଭିନ୍ନ ପ୍ରୟାସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଭରିଦେଇଥିଲା।



# ହଜରତ ଦିୱାନ ମୂଷା ବାବାଙ୍କ ଉର୍ସ ଉତ୍ସବ ପାଳିତ




କେନ୍ଦ୍ରାପଡ଼ା,୨୯।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁର ଗ୍ରାମ ଅନ୍ତର୍ଗତ ହଜରତ ଦିୱାନ ମୂଷା ବାବଙ୍କ ଉର୍ସ ଉତ୍ସବ ପ୍ରତି ବର୍ଷଭଳି ଚଳିତ ବର୍ଷ ମଧ୍ୟ ବହୁ ଆଡମ୍ବର ପୂର୍ଣ୍ଣ ସହକାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାର ଉକ୍ତ ଦିୱାନ ମୂଷାଙ୍କ ଦର୍ଘାରେ ପହଞ୍ଚି ଫୁଲମାଳ ଓ ଚାଦର ଅର୍ପଣ କରିଥିଲେ । ଦ୍ୱିତୀୟ ଦିନରେ ଏକ ତକଲିଭ ଉତ୍ସବ ପାଳନ ହୋଇଥିଲା । ଏଥିରେ ଜିଲ୍ଲା ବାହାରୁ ମୌଲାନା ଓ ସାୟାର ଆସିଥିଲେ ଏବଂ ଜିଲ୍ଲାର ବିଭିନ୍ନ ମସଜିଦର ମୌଲାନାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ତକରରିକୁ ପରିଚାଳନା କରିଥିଲେ। ମୁଫତି ମୂଶାରଫ ରାଜା ସାହେବ୍ ମିସବାହିଙ୍କ ସହିତ ମୌଲାନ ବାଦୃଜମା, ମୌଲାନା ମହମଦ ତବରେଜ ଆଲମ୍ ମିସବବାହି, କାରି ମନୁଅର ହୁସେନ, ମୌଲାନା ଜାହିଦ ଅଲ୍ଲୀ ଗୌସୀ, ମୌଲାନା ଫୈଜୁଲ ହବିବ ନୁଲି, ଶମଓ୍ୱଲ ଅଖତର ମୁଜାହିଦ୍ ଏବଂ ସ୍ଥାନୀୟ ଜନପ୍ରତିନିଧି ମଞ୍ଚରେଥିଲେ । ରାଜ୍ୟ ବାହାରୁ ମୌଲାନାଙ୍କ ମଧ୍ୟରେ ମୁଫତି ରିଆଜତ ହୁସେନ ଅଝରି ସାହାବ, ମୁଫ୍ତି ଫୁରକାନ ମଝରୀ, ସାୟର ନଦିମ ଫୈଜୀ ପ୍ରବଚନ ଦେଇଥିଲେ। ଏହି କମିଟିର ସଭାପତି ସୟଦ ସମସେର୍ ଅଲ୍ଲୀ ଓ ସଂପାଦକ ଅବଦୁଲ ସଲିମ୍ ଖାନ ମଞ୍ଚକୁ ପରିଚାଳନା କରିଥିଲେ ।

ଅତିଥି ଭାବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ୮ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ସମିତିସଭ୍ୟ ପ୍ରତାପ ନାରାୟଣ ମହାପାତ୍ର, କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ କୁମାର ମହାନ୍ତ, ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ସେକ୍ ମହମ୍ମଦ ଇନାୟତ(ଚନ୍ଦନ), ମୃତ୍ୟୁଞ୍ଜୟ ମହାନ୍ତି, ପିଣ୍ଟୁ ମହାନ୍ତି, ଅଭିମନ୍ୟୁ ଗୋଚ୍ଛାୟତ, ସେକ୍ ରିଆଜତ, ମିର୍ଜାସାହିଲ, ସେକ ଅଇନୁଲ ଇସଲାମ, ପୂର୍ବତନ ସରପଞ୍ଚ ଜ୍ଞାନ ରଞ୍ଜନ ମହାନ୍ତି, ମଲିକ ଅଲ୍ଲୀଜାନ୍ ସେକ୍ ଆଶାଦୁଲ୍ଲାଙ୍କ ସହିତ ପ୍ରାୟ ହଜାର ହଜାର ଭକ୍ତ ଉପସ୍ଥିତ ରହି ଏହି ଉତ୍ସବକୁ ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା ।

ପ୍ରଥମ ଦିବସରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ପିପିଏଲ୍ ସମ୍ପ୍ରସାରଣ ଓ ନୂଆ ପ୍ରକଳ୍ପ ପାଇଁ ଜନଶୁଣାଣି ସଫଳ

**୫୦୦ରୁ ଅଧିକ ଲୋକଙ୍କ ଅଂଶଗ୍ରହଣ, ସ୍ଥାନୀୟ ବିକାଶ ଓ ନିଯୁକ୍ତି ସୁଯୋଗ ଉପରେ ଆଶା**



ପାରାଦୀପ,୨୯।୮ (ସଂଚାର ବ୍ୟୁରୋ): ପାରାଦୀପ ଫସଫେଟସ୍ ଲିମିଟେଡ୍ (ପିପିଏଲ୍)ର ପ୍ରସ୍ତାବିତ ସମ୍ପ୍ରସାରଣ ଏବଂ ପାରାଦୀପରେ ନୂତନ ପ୍ରକଳ୍ପ ସ୍ଥାପନକୁ ନେଇ ଶୁକ୍ରବାର ଜନଶୁଣାଣି ସଫଳତାର ସହିତ ସମ୍ପନ୍ନ ହୋଇଛି। ପାରାଦୀପ ପିପିଏଲ୍ ଟାଉନସିପ୍ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଏହି ଜନଶୁଣାଣିରେ ୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି, ଗୋଷ୍ଠୀ ସଦସ୍ୟ ଓ ବିଭିନ୍ନ ସହଭାଗୀ ଅଂଶଗ୍ରହଣ କରିଥିଲେ।

ପାରାଦୀପର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପାରାଦୀପ ଆଞ୍ଚଳିକ ଅଧିକାରୀ ବିବେଚିତା ଷଡ଼ଙ୍ଗୀ, ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ନିୟାମକ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ପାରାଦୀପ ଅତିରିକ୍ତ ଏସ୍ପି ଅଜିଙ୍କ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ। ଜନଶୁଣାଣିରେ ଅଂଶଗ୍ରହଣକାରୀମାନେ ପ୍ରସ୍ତାବିତ ସମ୍ପ୍ରସାରଣ ଓ ନୂତନ ପ୍ରକଳ୍ପ ସମ୍ପର୍କରେ ନିଜର ମତାମତ, ପ୍ରସ୍ତାବ ଓ ଆଶଙ୍କା ପ୍ରକାଶ କରିଥିଲେ। ଅନେକ ସ୍ଥାନୀୟ ବାସିନ୍ଦା ପ୍ରକଳ୍ପଗୁଡ଼ିକ ପ୍ରତି ସକାରାତ୍ମକ ମତ ଦେଇ ସ୍ଥାନୀୟ ଅଞ୍ଚଳର ବିକାଶ, ନିଯୁକ୍ତି ସୁଯୋଗ ଓ ଶିଳ୍ପାୟନ କ୍ଷେତ୍ରରେ ଏହାର ସମ୍ଭାବ୍ୟ ଲାଭ ଉପରେ ଆଶା ପ୍ରକାଶ କରିଥିଲେ। ପିପିଏଲ୍ ଓ ଏହାର ପରିବେଶ ପରାମର୍ଶଦାତାମାନେ ଜନସାଧାରଣଙ୍କ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ କୌଣସି ଅତିରିକ୍ତ ଜମି ଅଧିଗ୍ରହଣ କରାଯିବ ନାହିଁ। ବର୍ତ୍ତମାନର ପିପିଏଲ୍ କାରଖାନା ପରିସର ମଧ୍ୟରେ ସାର ଓ ସ୍ପେଶାଲିଟି ରସାୟନ ଉତ୍ପାଦନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ବିବିଧୀକରଣ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ନୂତନ ଏନ୍‌ପି/ଏନ୍‌ପିକେ ଗ୍ରାନୁଲେସନ କମ୍ପ୍ଲେକ୍ସ, ଜିଟିଏସ୍ପି, ଆମୋନିୟମ ସଲଫେଟ, କଷ୍ଟମାଇଜଡ୍ ଓ ୱାଟର ସଲ୍ୟୁବଲ୍ ଫର୍ଟିଲାଇଜର, ମୂଲ୍ୟଯୁକ୍ତ ଜିପ୍‌ସମ ଉତ୍ପାଦ, ଗ୍ରୀନ୍ ଆମୋନିଆ, ସ୍ପେଶାଲିଟି ଫ୍ଲୋରିନ ଡେରିଭେଟିଭ୍‌ସ ସମେତ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ ସାମିଲ ରହିଛି।

ପିପିଏଲ୍‌ର ପାରାଦୀପ ୟୁନିଟ ହେଡ୍ ଏସ୍. ଗିରିଶ କହିଛନ୍ତି ଯେ, ଜନଶୁଣାଣି ସମୟରେ ସ୍ଥାନୀୟ ଜନସମୁଦାୟଙ୍କ ଗଠନମୂଳକ ଅଂଶଗ୍ରହଣ ଓ ସମର୍ଥନ କମ୍ପାନୀକୁ ଉତ୍ସାହିତ କରିଛି। ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ପିପିଏଲ୍‌ର ଉତ୍ପାଦନ ସାମର୍ଥ୍ୟ ସୁଦୃଢ଼ ହେବା ସହ ସ୍ଥାନୀୟ ବିକାଶ ଓ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ। ପ୍ରସ୍ତାବିତ ପ୍ରକଳ୍ପରେ ସମ୍ବଳ ସଂରକ୍ଷଣ, ଆବର୍ତ୍ତୀ ଅର୍ଥନୀତି ଓ ପରିବେଶଗତ ଦୀର୍ଘସ୍ଥାୟିତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଜନଶୁଣାଣି ସଫଳତାର ସହ ସମ୍ପନ୍ନ ହେବା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବୈଧାନିକ ପରିବେଶଗତ ଅନୁମୋଦନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ସିଏସ୍‌ଆର୍ ଓ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ବିକାଶ, ପରିବେଶ ସଂରକ୍ଷଣ, ଜଳ ଓ ପରିମଳ ସହ ଗୋଷ୍ଠୀ କଲ୍ୟାଣ କ୍ଷେତ୍ରରେ କମ୍ପାନୀ ନିଜର ସହଯୋଗ ଜାରି ରଖିବ ବୋଲି ପ୍ରକାଶ କରିଛି।

# ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନୀଳଗିରି ଓ ପୋଡ଼ାଶୁଳରେ ଅଚାନକ ଚଢଉ

ନୀଳଗିରି,୨୯।୮ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିଳଗିରି ଓ ପୋଡ଼ାଶୁଳ ବଜାରରେ ବିଭିନ୍ନ ହୋଟେଲ, ମିଠା ଦୋକାନ ଉପରେ ଅଚାନକ ଚଢ଼ାଉ କରି ୫୦ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ୧୫ଟି ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠା ଯାଇଥିବା ଜଣାପଡିଛି।ଏହି ଚଢ଼ାଉ ଖବର ପାଇ ଅନେକ ସ୍ଥାନରେ ଦୋକାନୀ ମାନେ ଦୋକାନ ବନ୍ଦ କରି ଦେଇଥିଲେ। ଜିଲ୍ଲା ଫୁଡ୍ ସେଫ୍ଟି ଅଫିସର ଅନୁଶ୍ରି ଖଟୁଆଙ୍କ ନେତୃତ୍ୱରେ ତିନି ଜଣିଆ ଟିମ୍ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଗଦାଧର ବେହେରା, ନିତ୍ୟାନନ୍ଦ ପତି ପ୍ରମୁଖ ସାମିଲ ଥିଲେ।



### 'ଡିଜିଟାଲ୍ ଡିଟକ୍ସ' ପାଇଁ ଆହ୍ୱାନ

# ମୋବାଇଲ୍ ଆଡିକ୍ସନ୍ ଦୂର କରିବାକୁ ସ୍ୱାସ୍ଥ୍ୟ ବିଭାଗର ନୂଆ ପଦକ୍ଷେପ




ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ରାଜ୍ୟରେ ବଢୁଥିବା ସ୍ମାର୍ଟଫୋନ୍ ଅଭ୍ୟାସ ଓ ଏହାର ମାନସିକ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସକାଳୁ ଉଠିବା ମାତ୍ରେ ଫୋନ୍ ଦେଖିବାର ଅଭ୍ୟାସକୁ ବଦଳାଇବା ସହ ଦିନସାରା ମୋବାଇଲ୍ ବ୍ୟବହାର କମାଇବା ପାଇଁ '୧ ଘଣ୍ଟା ବିନା ଫୋନରେ' ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ବହୁ ସଂଖ୍ୟାରେ ଲୋକେ ଘଣ୍ଟା ଘଣ୍ଟା ଧରି ଅନାବଶ୍ୟକ ଭାବେ ଫୋନ୍ ଚଲାଇବା ସହ ବାରମ୍ବାର ଫୋନ୍‌ର ନୋଟିଫିକେସନ୍ ଯାଞ୍ଚ କରୁଛନ୍ତି। ଫୋନ୍ ପାଖରେ ନ ଥିଲେ କିମ୍ବା ବ୍ୟବହାର କରି ନ ପାରିଲେ ମାନସିକ ଅସ୍ଥିରତା ପ୍ରକାଶ ପାଉଛି। ମୋବାଇଲ ବ୍ୟବହାର ଦ୍ୱାରା ପଢ଼ାପଢ଼ି, କର୍ମକ୍ଷେତ୍ରର କାମ ଓ ନିଦ୍ରା ପ୍ରଭାବିତ ହେଉଛି। ମୋବାଇଲ୍ ନିଶାରୁ ମୁକ୍ତି ପାଇଁ ଆଜିଠାରୁ 'ଡିଜିଟାଲ୍ ଡିଟକ୍ସ' ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ସହାୟତା କିମ୍ବା ପରାମର୍ଶ ପାଇଁ ସ୍ୱାସ୍ଥ୍ୟ ବିଭାଗର ମାଗଣା ହେଲ୍ପଲାଇନ୍ ନମ୍ବର 'ଟେଲି-ମାନସ'-୧୪୪୧୬ରେ କଲ୍ କରିବାକୁ ନିବେଦନ କରାଯାଇଛି। ଟ୍ରାଇ ପକ୍ଷରୁ ହୋଇଥିବା ଏକ ସର୍ଭେ ଅନୁଯାୟୀ ଓଡ଼ିଶାରେ ପ୍ରତି ୨୦୦ ଜଣରେ ୮୫ ଜଣ ଅର୍ଥାତ ୮୫.୨୧ ପ୍ରତିଶତ ଲୋକ ମୋବାଇଲ ବ୍ୟବହାର କରୁଛନ୍ତି। କେବଳ ଗତ ଜୁଲାଇରେ ୪ ଲକ୍ଷ ୧୨ ହଜାର ୩୧୯ ନୂଆ ମୋବାଇଲ ଗ୍ରାହକ ଯୋଡ଼ି ହୋଇଛନ୍ତି।

### କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ନେଇ ଆଲୋଚନା

# ଶ୍ରୀଅନ୍ନ ଯୋଜନାକୁ ବ୍ୟାପକ କରିବାକୁ ଗୁରୁତ୍ୱ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ସମଗ୍ର ଓଡ଼ିଶା ଏକ କୃଷି ପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା। କୃଷିଜାତ ଦ୍ରବ୍ୟ ଉତ୍ପାଦନ ସହ ଏହାର ବିକ୍ରିବଟା ରାଜ୍ୟର ଅଧିକ ପରିବାରକୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିଆସୁଛି। ତେବେ ଖୋର୍ଦ୍ଧା ଜିଲ୍ଲା ଚିଲିକା

**ଆବଶ୍ୟକ ଶୀତଳଭଣ୍ଡାର ପ୍ରତିଷ୍ଠା ପ୍ରସ୍ତାବ**

ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିଲିକା ଓ ବାଣପୁର ବ୍ଲକ୍‌ରେ କୃଷି ଓ ଉଦ୍ୟାନ କୃଷିର ଭରପୂର ସୁଯୋଗ ରହିଛି। ଏଠାକାର ଜଳବାୟୁ ଓ ମୃତ୍ତିକା ନଡ଼ିଆ, ଆମ୍ବ, ପଣସ, କାଜୁଠାରୁ ଆରମ୍ଭ କରି ଧାନ, ମୁଗ, ମାଣ୍ଡିଆ, କାଙ୍ଗୁ, ବାଇଗଣ, ପୋଟଳ, କାଙ୍କଡ଼ ଆଦି ବିଭିନ୍ନ ଫଳ, ଶସ୍ୟ ଓ ପନିପରିବା ପାଇଁ ବେଶ ଉପଯୋଗୀ। ତେଣୁ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଚିଲିକା ନିର୍ବାଚନମଣ୍ଡଳୀର କିଭଳି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ, ସେଥିନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ବର୍ତ୍ତମାନର ସ୍ଥିତି ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ କୃଷି ଓ ଉଦ୍ୟାନ କୃଷିକୁ ଏକ ମର୍ଯ୍ୟାଦାଜନକ ସ୍ଥିତିରେ ପହଞ୍ଚାଇବାକୁ ହେଲେ ଏକ ସମନ୍ୱିତ ମଡେଲ ବ୍ୟବସ୍ଥାକୁ ଆପଣାଇବାକୁ ହେବ। ଏଠାକାର ମୃତ୍ତିକା ଓ ଜଳବାୟୁର ସ୍ଥିତିକୁ ଅନୁଧ୍ୟାନ କରି ଭଲ ଉତ୍ପାଦନ ହୋଇପାରୁଥିବା ଫସଲ ଉତ୍ପାଦନ ନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଉଦାହରଣସ୍ୱରୂପ, ବାଣପୁର ଅଞ୍ଚଳରେ ଉତ୍ପାଦିତ ମୁଗର ସ୍ୱାଦ ଓ ଗୁଣ ବେଶ୍ ପ୍ରସିଦ୍ଧ। ସେହିଭଳି ଚିଲିକା ଉପକୂଳ ଅଞ୍ଚଳରେ ନଡ଼ିଆ ଗଛ ଭଲ ବଢ଼ିବାର ସମ୍ଭାବନା ରହିଛି। ଏସବୁକୁ ଅନୁଧ୍ୟାନ କରି ବିଭିନ୍ନ ଫଳ, ପରିବା ସହ ବଜାରରେ ଅଧିକ ଚାହିଦା ଥିବା ଧାନ ଓ ଶ୍ରୀଅନ୍ନ ଉତ୍ପାଦନ ବଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଫସଲ ସଂରକ୍ଷଣ ନେଇ ଆବଶ୍ୟକ ସ୍ଥାନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଜୈବିକ କୃଷି ଉପରେ ଅଧିକ ଗବେଷଣା ସହ ଅଞ୍ଚଳରେ ଫୁଲ ଚାଷ, ଛତୁଚାଷ, ପଶୁଖାଦ୍ୟ ଉତ୍ପାଦନ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିସହ ବିକଶିତ ଓଡ଼ିଶା ଗଠନ ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି, ତାହାକୁ ପୂରଣ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।



■ ମ୍ୟାଲେରିଆ ସ୍ଥିତିର ସମୀକ୍ଷା କଲା ବୈଷୟିକ ଟାସ୍କଫୋର୍ସ

## ମାଲକାନଗିରିକୁ ଗୁରୁତ୍ୱ, ରାଜ୍ୟସ୍ତରୀୟ ଟିମ୍ ଗଠିତ

### ଆବାସିକ ବିଦ୍ୟାଳୟରେ ସମୟୋଚିତ ଚିକିତ୍ସାକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ମ୍ୟାଲେରିଆ ନିରାକରଣ ଓ ଅନ୍ୟାନ୍ୟ ଭେକ୍ଟରଜନିତ ରୋଗର ନିୟନ୍ତ୍ରଣ ସମ୍ପର୍କିତ ରାଜ୍ୟ ବୈଷୟିକ ଟାସ୍କଫୋର୍ସର ଏକ ବୈଠକ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବର୍ତ୍ତମାନ ମ୍ୟାଲେରିଆ ସ୍ଥିତିର ସମୀକ୍ଷା କରାଯିବା ସହ ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ଭେକ୍ଟରଜନିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ନିର୍ଦ୍ଦେଶକ ଡ. ଶୁଭାଶିଷ ମହାନ୍ତି ରାଜ୍ୟରେ ସାମ୍ପ୍ରତିକ ମ୍ୟାଲେରିଆ ସ୍ଥିତି, କାର୍ଯ୍ୟକ୍ରମର ଅଗ୍ରଗତି ଓ ବ୍ୟାଧିଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ମ୍ୟାଲେରିଆ ଆକ୍ରାନ୍ତ, ଜିଲ୍ଲାୱାରୀ ସ୍ଥିତି ଓ ଅଧିକ ମ୍ୟାଲେରିଆ ପ୍ରଭାବିତ ଜିଲ୍ଲାରେ ନିରୀକ୍ଷଣ ଓ ତ୍ୱରିତ ପ୍ରକ୍ରିୟାକୁ ଅଧିକ ଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ମ୍ୟାଲେରିଆ ମାମଲା ସଂଖ୍ୟା ଦୃଷ୍ଟିରୁ ମାଲକାନଗିରି ଜିଲ୍ଲାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ରାଜ୍ୟସ୍ତରୀୟ ଟିମ୍ ଉକ୍ତ ଜିଲ୍ଲା ଗସ୍ତ କରି ସମସ୍ତ ବ୍ଲକରେ କ୍ଷେତ୍ରସ୍ତରୀୟ ସମୀକ୍ଷା କରିବେ। ଏହି ଟିମ୍ ମ୍ୟାଲେରିଆ ସ୍ଥିତିର ଆକଳନ, କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ଥିବା ଅଭାବ ଚିହ୍ନଟ କରିବା ସହ ମ୍ୟାଲେରିଆ ପ୍ରତିରୋଧ, ନିରାକରଣ, ନିଦାନ, ଚିକିତ୍ସା ଓ ତ୍ୱରିତ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ପାଇଁ ବ୍ଲକୱାରୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବେ। ପରବର୍ତ୍ତୀ ସମୟରେ ଏହାର ବିସ୍ତୃତ ରିପୋର୍ଟ ସ୍ୱାସ୍ଥ୍ୟ ସଚିବଙ୍କୁ ଦିଆଯିବ। ମ୍ୟାଲେରିଆପ୍ରବଣ ଓ ସୀମାନ୍ତ ଅଞ୍ଚଳରେ ଥିବା ଜନଜାତି ଆବାସିକ ବିଦ୍ୟାଳୟଗୁଡ଼ିକରେ ପ୍ରତିରୋଧମୂଳକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟାଲେରିଆର ଶୀଘ୍ର ନିଦାନ ସୁନିଶ୍ଚିତ କରିବାକୁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଆମରଣ ଅନଶନକୁ ବିଜେଡିର ସମର୍ଥନ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆମରଣ ଅନଶନରେ ବସିଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମହମ୍ମଦ ମନୱାର ଅଲ୍ଲୀଙ୍କୁ ଆଜି ଧାରଣାସ୍ଥଳରେ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ ଦାବି ଓ ଚାଲିଥିବା ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ ଓ ଅନ୍ୟ ବିଜେଡି ନେତା। ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ପ୍ରସଙ୍ଗରେ ଛାତ୍ର ସମାଜର ସ୍ୱରକୁ ଅଣଦେଖା କରାଯାଇପାରିବ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ଦାବି ଓ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ଓ ସମାଧାନ କରିବା ସରକାରଙ୍କ ଦାୟିତ୍ୱ। ବିଜେଡି ସବୁବେଳେ ଛାତ୍ରଛାତ୍ରୀଙ୍କ ଅଧିକାର, ଶିକ୍ଷାର ଗୁଣବତ୍ତା ଓ ଓଡ଼ିଶାର ଯୁବ ସମାଜର ସ୍ୱାର୍ଥ ପାଇଁ ସ୍ୱର ଉଠାଇ ଆସିଛି। ଏହି ପ୍ରସଙ୍ଗରେ ମଧ୍ୟ ଛାତ୍ର ସମାଜର ନ୍ୟାୟସଙ୍ଗତ ଦାବି ସହ ବିଜେଡି ଦୃଢ଼ ଭାବେ ଠିଆ ହୋଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

### ମ୍ୟାକଲେକ୍ କମ୍ପାନୀର 'ସର୍ଫେସ୍ ହାଇଡ୍ରୋ କାଇନେଟିକ୍ ଟର୍ବାଇନ୍'

## ନୂଆ ଟେକ୍ନୋଲୋଜି ନେଇ ଶକ୍ତି ମନ୍ତ୍ରୀଙ୍କୁ ଅବଗତ କଲା କମ୍ପାନୀ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ରାଜ୍ୟରେ ନୂଆ ପ୍ରକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କ୍ଲିନ୍-ଟେକ୍ କମ୍ପାନୀ 'ମ୍ୟାକଲେକ୍' ନିଜର ନୂଆ 'ସର୍ଫେସ୍ ହାଇଡ୍ରୋ କାଇନେଟିକ୍ ଟର୍ବାଇନ୍' ବିଷୟରେ ଉପମୁଖ୍ୟମନ୍ତ୍ରୀ ଓ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓଟିସିଏଲର ସିଏମଡି ଓ ଅନ୍ୟ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ।

ଓଡ଼ିଶାରେ ଏହି ସର୍ଫେସ୍ ହାଇଡ୍ରୋ କାଇନେଟିକ୍ ଟର୍ବାଇନ୍ ବ୍ୟବହାର ଦ୍ୱାରା କେଉଁସବୁ ଲାଭ ହେବ, ସେ ବିଷୟରେ ମ୍ୟାକଲେକ୍ ପକ୍ଷରୁ ଉପସ୍ଥାପନାରେ ଦର୍ଶାଯାଇଥିଲା। ଏହାଦ୍ୱାରା ବିଦ୍ୟମାନ ଜମିରେ ହିଁ କେବଳ ବୋହିଯାଉଥିବା କେନାଲ ପାଣିକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରାଯାଇପାରିବ। ଏହିସହ ସ୍ଥାନୀୟ ଲୋକଙ୍କୁ ଏଥିରେ ନିଯୁକ୍ତି ସୁଯୋଗ, ଅଞ୍ଚଳର ବିକାଶ ହେବ ଓ ବିଦ୍ୟୁତ ଗ୍ରୀଡ୍‌କୁ ସ୍ଥିର ଶକ୍ତି ଯୋଗାଇଦେବ। ଏହି ପଦକ୍ଷେପର ଅଂଶସ୍ୱରୂପ ମ୍ୟାକଲେକ୍ କେନାଲ କୂଳରେ ୧୦ ମେଗାୱାଟ୍ ବିଶିଷ୍ଟ ଏକ ସ୍ୱଚ୍ଛ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଉପସ୍ଥାପନ କରିଥିଲା। ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମ୍ୟାକଲେକ୍ ଶକ୍ତି ବିଭାଗ ନିକଟରୁ ଆବଶ୍ୟକ ସହାୟତା ସହ ସୁଗମ ଗ୍ରୀଡ୍ ସିଙ୍କ୍ରୋନାଇଜେସନ୍ ଓ ସମ୍ପ୍ରସାରଣ ଅନୁମତି ଭଳି ମୁଖ୍ୟ ପ୍ରଶାସନିକ ଓ ଭିତ୍ତିଭୂମି ସହାୟତା ପାଇଁ ଅନୁରୋଧ କରିଛି।

■ ଯାଜପୁରରେ ବଣ୍ଟାଯାଉଥିବା ରିଲିଫକୁ ନେଇ ରାଜନୀତି

## କେଉଁ ପାଣ୍ଠିରୁ ଦିଆଯାଇଥିଲା ରିଲିଫ୍: କଂଗ୍ରେସ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଚଳିତ ମୌସୁମୀ ଋତୁରେ ପ୍ରବଳ ବନ୍ୟା ବିପ୍ରାତ ଘଟି ଯାଜପୁର ଜିଲ୍ଲାରେ ନାହିଁ ନ ଥିବା ଦୁର୍ଦ୍ଦଶା ଘଟିଛି। ସରକାରଙ୍କ ଏପରି ଅପରିଣାମଦର୍ଶୀ ବନ୍ୟା ପରିଚାଳନା ଲୋକଙ୍କ ଉପରେ ଅଧିକ ଦୁଃଖ ଲଦି ଦେଉଛି। ଏହି ବନ୍ୟା ବିଷୟ ନେଇ ଭଦ୍ରକ ବାସୁଦେବପୁର ବିଧାୟକ ଅଶୋକ ଦାସ ଓ କଂଗ୍ରେସ ନେତା ପରିବେଶବିତ ସୁଧାଂଶୁ ଦେଓ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ କାର୍ଯ୍ୟକଳାପକୁ ଘୋର ସମାଲୋଚନା କରିଛନ୍ତି। ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ଗତ ୨ ମାସ ହେଲା ଜନସାଧାରଣ ବନ୍ୟା ସହ ଲଢ଼େଇ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସରକାର ୨୫୦ ଗ୍ରାମ ଚୁଡ଼ା ଦେଇ ଖସିଯିବାକୁ ଚେଷ୍ଟା କରୁଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ବନ୍ୟାବିପନ୍ନଙ୍କ ଅସୁବିଧାକୁ ଉପଲବ୍ଧି କରି ଦଳ ପକ୍ଷରୁ ରିଲିଫ ଓ ପାଲ ପ୍ରଦାନ କରିଥିଲେ। ପିସିସି ସଭାପତି ଓ ବିଧାୟକ ଦଳର ନେତା ବନ୍ୟାଞ୍ଚଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିଥିଲେ। ଏହାଛଡ଼ା ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ଦଳ ପକ୍ଷରୁ ରିଲିଫ୍ ପ୍ରଦାନ କରାଯାଇଛି। ପିସିସି ସଭାପତିଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବାଧ୍ୟ ହୋଇ ବନ୍ୟାଞ୍ଚଳ ଗସ୍ତ କରିବା ସହ ହଜାରେ କୋଟି ଟଙ୍କାର ବନ୍ୟା ସହାୟତା ଘୋଷଣା କରିଥିଲେ। ତେବେ କ୍ଷୟକ୍ଷତିର କିଛି ହିସାବ ନ କରି କିପରି ମୁଖ୍ୟମନ୍ତ୍ରୀ ଘୋଷଣା କଲେ, ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ସେ କହିଛନ୍ତି। କିଛି ଦିନ ପରେ ଅନେକ ରିଲିଫ୍ ଟ୍ରକ ଧର୍ମଶାଳାରେ ଦେଖିବାକୁ ମିଳିଥିଲା। ପରେ ପରେ ବଡ଼ଚଣାକୁ ଛାଡ଼ି ଅନ୍ୟ ସମସ୍ତ ବନ୍ୟାଞ୍ଚଳରେ ବିଜେପି ନେତାଏ ରିଲିଫ୍ ବାଣ୍ଟିଥିଲେ। ତାଙ୍କ ମୁଖପାତ୍ର ବରୀ ଅଞ୍ଚଳରେ ରିଲିଫ ବଣ୍ଟନ ବେଳେ ଏହା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆସିଛି ବୋଲି କହିଥିଲେ। ସେ ପର୍ଯ୍ୟନ୍ତ ଯାଜପୁର ଜନସାଧାରଣ ଏହାକୁ ବିଜେପିର ରିଲିଫ୍ ବୋଲି ଭାବୁଥିଲେ। ଯଦି ଏହା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆସିଛି, ତା'ହେଲେ ଏହାର ବାଣ୍ଟିବା ଦାୟିତ୍ୱ କିଏ ନେଇଛି ଓ କେତେ ପରିମାଣର ରିଲିଫ୍ ବଣ୍ଟନ ହୋଇଛି ବୋଲି ଶ୍ରୀ ଦାସ ପ୍ରଶ୍ନ କରିବା ସହ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ହଡ଼ପ ଓ ଅନିୟମିୟତା କରିଥିବା ବିଜେପି ନେତାଙ୍କୁ ଦଣ୍ଡିତ କରାଯିବାକୁ ଦାବି କରିଛନ୍ତି।

■ ବୃହତ ଶିଳ୍ପ ନିବେଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ମୁଖ୍ୟ ସଚିବ

## ନାଲକୋ ଓ ଆଦାନୀ ଗ୍ରୁପ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଓଡ଼ିଶାରେ ବୃହତ ଶିଳ୍ପ ନିବେଶ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଉପୁଜିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ବୈଠକରେ ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ଆଦାନୀ ଗ୍ରୁପ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ନାଲକୋ ସମ୍ପର୍କିତ ଆଲୋଚନାରେ ସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ' କୋଇଲା ଖଣି ଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆଦି ବିଷୟରେ ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା।

ଏହିସହ ଆଦାନୀ ଗ୍ରୁପର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଣ୍ଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା। ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପଯୁକ୍ତ ନିୟନ୍ତ୍ରଣ ଅଞ୍ଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ମୋବାଇଲ ପାଇଁ ଜୀବନ ହାରିଲେ ନାବାଳିକା



ନୀଳଗିରି,୨୯।୮(ସଂଚାର ବ୍ୟୁରୋ): ବାପା-ମା' ମୋବାଇଲ ନ ଦେବାରୁ ଜଣୈକା ନାବାଳିକା ଶୋଇବା ଘରେ ନିଜ ଓଢ଼ଣିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମିଳିଥିବା ସୂଚନାନୁସାରେ, ନୀଳଗିରି ଥାନା ଅନ୍ତର୍ଗତ ବରିସାହି ଗ୍ରାମର ଅଜିତ ବିଶ୍ୱାଳଙ୍କ ନାବାଳିକା କନ୍ୟା ହରପ୍ରିୟା (୧୪) ଗତକାଲି ରାତି ୧୧ଟା ପର୍ଯ୍ୟନ୍ତ ନିଜ ଶୋଇବା ଘରେ ମୋବାଇଲ ଦେଖୁଥିଲେ। ତେବେ ବାପା ଅଜିତ ଏହା ଦେଖିବା ପରେ ନ ଶୋଇ କାହିଁକି ମୋବାଇଲ ଦେଖୁଛୁ ବୋଲି କହିବା ସହ ମୋବାଇଲ ଛଡ଼ାଇ ଆଣିବାରୁ ଏଥିରେ ହରପ୍ରିୟା ରାଗି ଯାଇ ନିଜ ଓଢ଼ଣିରେ ଶୋଇବା ଘରେ ଫାଶୀ ଦେଇଦେଇଥିଲେ। ହରପ୍ରିୟାର ଚିତ୍କାର ଶୁଣି ପରିବାର ଲୋକେ କବାଟ ଭାଙ୍ଗି ଝିଅକୁ ଉଦ୍ଧାର କରି ତୁରନ୍ତ ନୀଳଗିରି ହସ୍ପିଟାଲ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିବା ପରେ ହସ୍ପିଟାଲ୍‌ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଡାକ୍ତର ହସ୍ତାନ୍ତର କରିଛନ୍ତି। ପୋଲିସ ଏ ନେଇ ଏକ ଅପ ମୃତ୍ୟୁ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି।

## ଅକ୍ଟୋବର ୨୯ରୁ ଓସିଏସ୍ ମେନ୍ ପରୀକ୍ଷା

କଟକ,୨୯।୮ (ସଂଚାର ବ୍ୟୁରୋ) : ଓପିଏସ୍‌ସି ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷାର ତାରିଖ ଘୋଷଣା କରାଯାଇଛି। ଆସନ୍ତା ଅକ୍ଟୋବର ୨୯ ତାରିଖରୁ ନଭେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ଓପିଏସ୍‌ସିର ସୂଚନା ଅନୁସାରେ, ସମସ୍ତ ପରୀକ୍ଷା ଦୈନିକ ଦୁଇଟି ସିଟିଂରେ ପରିଚାଳିତ ହେବ। ପ୍ରଥମ ସିଟିଂ ପରୀକ୍ଷା ପ୍ରାତଃ ୯ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂ ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଭିନ୍ନକ୍ଷମ (ପିଡବ୍ଲ୍ୟୁଡି) ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ପ୍ରତି ସିଟିଂରେ ପିଡବ୍ଲ୍ୟୁଡି ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧ ଘଣ୍ଟା ସମୟ ଦିଆଯିବ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ




ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ଓଡ଼ିଶାର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆରଏସ୍) ପରିସରରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଚଳିତ ବର୍ଷର ଜାତୀୟ ଥିମ୍ 'ଖେଲେଗା ଭାରତ, ଜିତେଗା ଭାରତ' ରହିଛି। 'ଟ୍ରିବ୍ୟୁଟ୍, ପ୍ଲେ ଆଣ୍ଡ ମୁଭ୍' ତିନିଟି ସ୍ତମ୍ଭକୁ ଆଧାର କରି ଏହି ଆୟୋଜନ କରାଯାଉଛି। ଏହି ଅବସରରେ ଇଏମ୍‌ଆରଏସ୍‌ଗୁଡ଼ିକରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଦୌଡ଼, କବାଡ଼ି, ଖୋ ଖୋ, ଭଲିବଲ୍, ବାସ୍କେଟବଲ୍, ଫୁଟବଲ୍, ଟେବୁଲ୍ ଟେନିସ୍, ଚେସ୍, ଯୋଗ ସମେତ ବିଭିନ୍ନ କ୍ରୀଡ଼ା ଓ ପାରମ୍ପରିକ ଖେଳରେ ଅଂଶଗ୍ରହଣ କରୁଛନ୍ତି। ବିଦ୍ୟାଳୟଗୁଡ଼ିକରେ ପୁଷ୍ପମାଲ୍ୟ ଅର୍ପଣ, କ୍ରୀଡ଼ା ପ୍ରଦର୍ଶନ, ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଓ ବିଭିନ୍ନ ଫିଟ୍‌ନେସ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ହେଉଛି 'ଏକ୍ ଘଣ୍ଟା ଖେଲ କେ ମୈଦାନ ମେଁ'। ଏହା ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଖେଳ ପଡ଼ିଆରେ ଅତି କମ୍‌ରେ ଏକ ଘଣ୍ଟା ସମୟ ବିତାଇବା ସହ ନିୟମିତ ଶାରୀରିକ କାର୍ଯ୍ୟକଳାପ ପ୍ରତି ଆଗ୍ରହୀ ହେବାକୁ ପ୍ରୋତ୍ସାହିତ କରାଯାଉଛି। କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ଭାବନା, ଆତ୍ମବିଶ୍ୱାସ, ଧୈର୍ଯ୍ୟ, ନେତୃତ୍ୱଗୁଣ ଓ ସୁସ୍ଥ ଜୀବନଶୈଳୀ ବିକଶିତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ (ପିଇଟି) ଓ ଅନ୍ୟାନ୍ୟ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା କାର୍ଯ୍ୟକଳାପରେ ମାର୍ଗଦର୍ଶନ, ତଦାରଖ ଓ ଉତ୍ସାହିତ କରୁଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ, ସମାବେଶୀ ଓ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ବିଦ୍ୟାଳୟ ପରିସରରେ କ୍ରୀଡ଼ାର ଏକ ସୁସ୍ଥ ପରିବେଶ ଗଠନ ଉପରେ ଗୁରୁତ୍ୱ ଦିଆଯାଉଛି।

# ଛେନା, ପନୀର ଚଢ଼ାଉ: ଲାଭରେ ଘରୋଇ ସଂସ୍ଥା



ଭୁବନେଶ୍ୱର,୨୯।୮: ରାଜ୍ୟରେ ଛେନା ଓ ପନୀର ଉପରେ ଚାଲିଥିବା ଚଢଉ ଏବେ ଦୁଗ୍ଧ କମ୍ପାନୀଗୁଡିକ ପାଇଁ ସୁଯୋଗ ଆଣି ଦେଇଛି। ଚାଷୀମାନେ ତହଳ ବିକଳ ହୋଇ ସେମାନଙ୍କ ଦୁଗ୍ଧକୁ ବିଭିନ୍ନ ଘରୋଇ କମ୍ପାନୀକୁ ବିକ୍ରି କରିବାରେ ଲାଗିଛନ୍ତି। ଗାଁ ଗହଳର ଦୁଗ୍ଧ ଚାଷୀମାନେ ଓମଫେଡ୍ ସମେତ ରାଜ୍ୟରେ ଥିବା ଆଉ ପ୍ରାୟ ୮ଟି ଦୁଗ୍ଧ କମ୍ପାନୀକୁ ନିଜର ଉତ୍ପାଦିତ ଦୁଗ୍ଧ ବିକ୍ରି କରିବା ସହ ଅଧିକ ଲାଭ ପାଇଁ ଛେନା ଓ ପନୀର ମଧ୍ୟ ପ୍ରସ୍ତୁତ କରିଥାନ୍ତି। ତେବେ କିଛି ଅସାଧୁ ବ୍ୟବସାୟୀ ଅପମିଶ୍ରଣ ଛେନା ଓ ପନୀର ବଜାରକୁ ଛାଡ଼ି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ହାତରେ ଧରାପଡିବାପରେ ଏବେ ରାଜଧାନୀ ସମେତ ଗାଁ ଗହଳରେ ବି ଛେନା ଓ ପନୀର ବ୍ୟବସାୟ ଏକ ପ୍ରକାର ବନ୍ଦହୋଇ ଯାଇଛି। ଯେଉଁ ଦୁଗ୍ଧ ଚାଷୀମାନେ କେବଳ ଛେନା ଓ ପନୀର ପ୍ରସ୍ତୁତ କରୁଥିଲେ ସେମାନେ ଏବେ ନିଜ ନିଜ ଗାଈଗୋରୁଙ୍କୁ ଦାନା ଦେଇପାରୁନାହାନ୍ତି।

ଫଳରେ ଏହି ଦୁଗ୍ଧ ଚାଷୀମାନେ ଏବେ ଉତ୍ପାଦିତ କ୍ଷୀରକୁ ବଜାରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହାର ସୁଯୋଗ ବି ବିଭିନ୍ନ ଘରୋଇ ଦୁଗ୍ଧ କମ୍ପାନୀଗୁଡିକ ନେଉଛନ୍ତି। ସରକାରୀ ସଂସ୍ଥା ଓମଫେଡ୍‌କୁ ବାଦ୍ ଦେଲେ ରାଜ୍ୟରେ ପ୍ରାୟ ଆଉ ୮ଟି ସଂସ୍ଥା ଦୁଗ୍ଧ ସଂଗ୍ରହ କରୁଛନ୍ତି। ଏମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶର ହେରିଟେଜ୍, ଗୁଜରାଟର ଅମୁଲ୍, ଝାଡ଼ଖଣ୍ଡର ସୁଧା ସହ ଓଡିଶାର ମିଲ୍କ ମୁଁ, ପ୍ରଗତି, ଓଡ଼ିଶା ଡାଏରୀ, ପରାଗ ଓ କ୍ଷୀରଗଙ୍ଗା ଆଦି ରହିଛନ୍ତି। ଏହିସବୁ ବେସରକାରୀ ସଂସ୍ଥାଗୁଡିକ ଦୁଗ୍ଧ ସଂଗ୍ରହ ପାଇଁ ଓମଫେଡ୍ ସହ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି ଓ ବିଭିନ୍ନ ସ୍ଥାନରେ କ୍ଷୀର ପାଇବା ପାଇଁ ଓମଫେଡ୍‌ଠାରୁ ଅଧିକ ଅର୍ଥ ବି ପ୍ରଦାନ କରିଥାନ୍ତି। ବର୍ଷସାରା କ୍ଷୀର ପାଇଁ ଏମାନେ ଦୁଗ୍ଧ ଚାଷୀମାନଙ୍କୁ ଖୋସାମତ କରୁଥିବା ବେଳେ ଚାଷୀମାନେ ଏବେ ସେମାନଙ୍କ କ୍ଷୀର ବିକ୍ରି କରିବା ପାଇଁ ଏହିସବୁ କମ୍ପାନୀ ନିକଟକୁ ଯାଉଛନ୍ତି। କମ୍ପାନୀଗୁଡିକ ମଧ୍ୟ ହଠାତ୍ ଅଧିକ ଦୁଗ୍ଧ ସଂଗ୍ରହକୁ ଦେଖି ସେମାନଙ୍କର ବ୍ୟବସାୟକୁ ସମ୍ପ୍ରସାରିତ କରିବାରେ ଲାଗିଛନ୍ତି। ଉଲ୍ଲେଖନୀୟ ଯେ ଓମଫେଡ୍ ଦୈନିକ ରାଜ୍ୟରୁ ପ୍ରାୟ ୫ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଥିବାବେଳେ ଅନ୍ୟ କମ୍ପାନୀଗୁଡିକ ମିଶି ସାଢ଼େ ୩ରୁ ୪ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରିଥାନ୍ତି। ଯେହେତୁ ଓମଫେଡ୍ ଗୋଟିଏ ସରକାରୀ ସଂସ୍ଥା, ତେଣୁ ଗାଁଗହଳର ଚାଷୀମାନେ ଏହା ଉପରେ ଅଧିକ ଆସ୍ଥା ପ୍ରକଟ କରିଥାନ୍ତି। ତେଣୁ ଘରୋଇ କମ୍ପାନୀଗୁଡିକ ସେମାନଙ୍କ ବ୍ୟବସାୟ ପାଇଁ ଦୁଗ୍ଧଚାଷୀମାନଙ୍କୁ ଆକୃଷ୍ଟ କରିବାକୁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି।

ହେଲେ ଏବେ ବଜାରରେ ଛେନା ଓ ପନୀର ବ୍ୟବସାୟ ଏକପ୍ରକାର ଭୁଶୁଡି ପଡ଼ିଥିବାରୁ ଚାଷୀମାନଙ୍କ ଉତ୍ପାଦିତ ଦୁଗ୍ଧ ଏହି ଘରୋଇ କମ୍ପାନୀକୁ ଯାଉଛି। କାରଣ ସାଧାରଣ ଲୋକେ ଛେନା ଓ ପନୀରରେ ଅପମିଶ୍ରଣ ଚିହ୍ନିବା ଜାଣି ନ ଥିବାରୁ ଭଲ ଛେନା ଓ ପନୀରକୁ ବି ଭୟରେ ସେମାନେ ବ୍ୟବହାର କରିବାକୁ ପଛାଉଥିବା ଦେଖିବାକୁ ମିଳିଛି। ସରକାର ବି ଲୋକଙ୍କୁ ସଚେତନ କରିବା ପାଇଁ ନିଜଆଡୁ ସେଭଳି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଭଳି ସ୍ଥିତି ଭିତରେ ଗାଁଗହଳର ଦୁଗ୍ଧ ଚାଷୀମାନେ ନିଜ ପରିବାର ପୋଷଣ ତ ଦୂରର କଥା, ଗାଈଗୋରୁମାନଙ୍କୁ ଦାନା ଗଣ୍ଡାଏ ଦେବା କଷ୍ଟକର ହୋଇପଡ଼ିଛି। ଘରୋଇ କମ୍ପାନୀଗୁଡ଼ିକ ଏବେ ଏହାର ଫାଇଦା ନେଉଥିବା ବେଳେ ସେମାନେ ଯେଭଳି ଚାଷୀଙ୍କୁ ଶୋଷଣ ନ କରନ୍ତି, ତାହା ଉପରେ ସରକାର କଡ଼ା ନଜର ରଖିବାକୁ ଦୁଗ୍ଧଚାଷୀ ମହାସଂଘ ସଭାପତି ରବି ବେହେରା ମତ ଦେଇଛନ୍ତି। (ତଥ୍ୟ)

## ସଜଡ଼ା ହେବ କଟକର ରାସ୍ତା

### ଚିହ୍ନଟ ହେଲା ୧୯୬ ସ୍ଥାନ



କଟକ,୨୯।୮ (ସଂଚାର ବ୍ୟୁରୋ): କଟକ ସହର ଭିତରେ ଭାଙ୍ଗିରୁଜି ଯାଇଥିବା ରାସ୍ତାଘାଟ ଗୁଡିକର ଖୁବ୍‌ଶୀଘ୍ର ମରାମତି ହେବ ବୋଲି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ। ରାସ୍ତା ମରାମତି ପାଇଁ ୧୯୬ଟି ସ୍ଥାନ ଚିହ୍ନଟ କରିଛି ପୂର୍ତ୍ତ ବିଭାଗ। ଖୁବ୍ ଶୀଘ୍ର ମରାମତି କାମ ଆରମ୍ଭ ହେବ, କିନ୍ତୁ କେବେ ସୁଦ୍ଧା କାମ ଆରମ୍ଭ ହେବ ଏବଂ ମରାମତି କାମ ଶେଷ ହେବ, ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ମର୍କତ ନଗର ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ଆଲୋକୀକରଣ କାର୍ଯ୍ୟ ଏବଂ ପାର୍କ ମେଣ୍ଟେନାନ୍ସ କାମ ମଧ୍ୟ ଶୀଘ୍ର ଶେଷ ହେବ ବୋଲି ଆଜି କୋର୍ଟଙ୍କୁ ଅବଗତ କରିଛନ୍ତି କେଏମସି କମିଶନର। ଗତ ଗୁରୁବାର ବିଜୁ ପଟ୍ଟନାୟକ ପାର୍କର ଦୂରାବସ୍ଥାକୁ ଅତି ନିକଟରୁ ନିରୀକ୍ଷଣ କରିଥିଲେ ହାଇକୋର୍ଟର ୨ ବିଚାରପତି। ଶନିବାର ଶୁଣାଣି ସମୟରେ ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ, ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ସମେତ କଟକ ମହାନଗର ନିଗମ କମିଶନର ପ୍ରମୁଖ ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ଉପସ୍ଥିତ ରହିଥିଲେ। ସେପ୍ଟେମ୍ବର ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live


ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୩୦ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Sunday 30 August 2026, Bhubaneswar


# ଶିଳ୍ପାୟନ ଓ ଯୁବଶକ୍ତିର ସୁଯୋଗ



ଭାରତ ଆଜି ବିଶ୍ୱର ଦ୍ରୁତତମ ବଢ଼ୁଥିବା ପ୍ରମୁଖ ଅର୍ଥନୀତିମାନଙ୍କ ମଧ୍ୟରୁ ଅନ୍ୟତମ। ଗତ ଏକ ଦଶନ୍ଧିରେ 'ମେକ୍ ଇନ୍ ଇଣ୍ଡିଆ' ଓ ପ୍ରଡକ୍ସନ୍ ଲିଙ୍କ୍ଡ ଇନ୍‌ସେଣ୍ଟିଭ୍ (ପିଏଲ୍‌ଆଇ) ଭଳି ପଦକ୍ଷେପ ମାଧ୍ୟମରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବାର ପ୍ରୟାସ ଜାରି ରହିଛି। ତଥାପି ପ୍ରଶ୍ନ ଉଠେ, ଏହି ବୃଦ୍ଧି ପ୍ରକୃତ ଅର୍ଥରେ କେତେ ଗଭୀର? ଏବଂ ଏହା ଦେଶର ଯୁବପିଢ଼ିକୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଦେଉଛି କି?

ପ୍ରକୃତ ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ଅନୁଯାୟୀ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ଦେଖାଯାଇଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ମ୍ୟାନୁଫ୍ୟାକଚରିଙ୍ଗ୍ ଜିଭିଏ ପ୍ରାୟ ୭-୧୧ ଶତାଂଶ ହାରରେ ବୃଦ୍ଧି ପାଇଛି। କୋର ଇଣ୍ଡଷ୍ଟ୍ରିଜ, ଅଟୋମୋବାଇଲ, ଫାର୍ମାସିୟୁଟିକାଲ, ଇଲେକ୍ଟ୍ରୋନିକ୍ସ ଓ ଷ୍ଟିଲ ଭଳି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଛି। ପିଏଲଆଇ ଯୋଜନା ଅଧୀନରେ ପ୍ରାୟ ୨.୪ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି ଏବଂ ପ୍ରାୟ ୧୪ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ମୋବାଇଲ ଫୋନ ଉତ୍ପାଦନ ବହୁଗୁଣିତ ହୋଇଛି, ଆମଦାନି କମିଛି ଏବଂ ରପ୍ତାନି ବୃଦ୍ଧି ପାଇଛି। ଏହା ନିଃସନ୍ଦେହେ ଏକ ସକାରାତ୍ମକ ପରିବର୍ତ୍ତନ। ତଥାପି ଗଭୀର ବିଶ୍ଳେଷଣ କଲେ କିଛି ସୀମିତତା ଦେଖାଯାଏ। ମ୍ୟାନୁଫ୍ୟାକଚରିଙ୍ଗର ଜିଡିପିରେ ଅଂଶଦାନ ଗତ ତିନି ଦଶନ୍ଧି ଧରି ପ୍ରାୟ ୧୫-୧୭ ଶତାଂଶରେ ସ୍ଥିର ରହିଛି। 'ମେକ୍ ଇନ୍ ଇଣ୍ଡିଆ'ର ଲକ୍ଷ୍ୟ ୨୫ ଶତାଂଶ ପର୍ଯ୍ୟନ୍ତ ପହଞ୍ଚିବା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ସେବା କ୍ଷେତ୍ର ଅଧିକ ଦ୍ରୁତ ଗତିରେ ବଢ଼ିବାରୁ ଉତ୍ପାଦନର ସାପେକ୍ଷ ଅଂଶ ବଢ଼ିପାରିନାହିଁ। ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରଡକ୍ସନ୍ (ଆଇଆଇପି) ଅନୁଯାୟୀ ବୃଦ୍ଧି ହାର ମଧ୍ୟ ମଧ୍ୟମ ସ୍ତରରେ ରହିଛି। ଅନେକ ଶିଳ୍ପ ପୁଞ୍ଜି-ଭିତ୍ତିକ ହୋଇଥିବାରୁ ଶ୍ରମ ଆବଶ୍ୟକତା କମ ରହିଛି। ଯୁବପିଢ଼ିର ପ୍ରସଙ୍ଗରେ ଚିନ୍ତା ଅଧିକ ଗମ୍ଭୀର। ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ-ଯୁବତୀ ଶ୍ରମବଜାରକୁ ପ୍ରବେଶ କରନ୍ତି। ଯୁବ ବେକାରି ହାର ସାଧାରଣ ବେକାରି ହାରଠାରୁ ବହୁତ ଅଧିକ ରହିଛି। ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତିର ଅଂଶ ବହୁତ ବଢ଼ିନାହିଁ। ପିଏଲ୍‌ଆଇ ଯୋଜନା କିଛି ନିଯୁକ୍ତି ସୃଷ୍ଟି କରିଛି, କିନ୍ତୁ ଏହା ଲକ୍ଷ୍ୟ ଅପେକ୍ଷା କମ୍। ଅଧିକାଂଶ ନିଯୁକ୍ତି ଉଚ୍ଚ-କୌଶଳ କିମ୍ବା ପୁଞ୍ଜି-ଭିତ୍ତିକ କ୍ଷେତ୍ରରେ ହେଉଥିବାରୁ ସାଧାରଣ ଯୁବକମାନେ ସେଥିରୁ ପୂରା ଲାଭ ପାଇପାରୁନାହାନ୍ତି। ଶ୍ରମ-ଭିତ୍ତିକ କ୍ଷେତ୍ର ଯଥା ବସ୍ତ୍ର, ଚମଡ଼ା, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ଅଧିକ ଧ୍ୟାନ ଦିଆଯିବା ଦରକାର।

ଯୁବମାନଙ୍କ ପାଇଁ ସୁଯୋଗ ସୃଷ୍ଟି ହେଉଛି, କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକ୍ ଭାହନ, ଫାର୍ମା, ରିନ୍ୟୁଏବଲ୍ ଏନର୍ଜି ଭଳି ନୂତନ କ୍ଷେତ୍ରରେ କାରଖାନା ବଢ଼ୁଛି। ସ୍କିଲ୍ ଡେଭଲପମେଣ୍ଟ ଯୋଜନା, ଆପ୍ରେଣ୍ଟିସସିପ ଓ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ମାଧ୍ୟମରେ କିଛି ସୁଯୋଗ ମିଳୁଛି। ତଥାପି କୌଶଳ ଅସମତା (ସ୍କିଲ୍ ମିସମ୍ୟାଚ୍) ଏକ ବଡ଼ ସମସ୍ୟା। ଅନେକ ଯୁବକ ଉଚ୍ଚ ଶିକ୍ଷା ନେଇଥିବା ସତ୍ତ୍ୱେ ଉତ୍ପାଦନ କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷିତ ନୁହନ୍ତି। ସେମାନେ ସେବା କ୍ଷେତ୍ର କିମ୍ବା ସରକାରୀ ଚାକିରିକୁ ଅଧିକ ପସନ୍ଦ କରନ୍ତି।

ପ୍ରକୃତ ଶିଳ୍ପାୟନ କେବଳ ଉତ୍ପାଦନ ବୃଦ୍ଧିରେ ସୀମିତ ରହିବା ଉଚିତ୍ ନୁହେଁ। ଏହା ବ୍ୟାପକ ନିଯୁକ୍ତି, କୌଶଳ ବିକାଶ, ଆଞ୍ଚଳିକ ସନ୍ତୁଳନ ଓ ଯୁବମାନଙ୍କ ଆଶାକୁ ପୂରଣ କରିବା ଉଚିତ୍। ସରକାରଙ୍କୁ ଶ୍ରମ-ଭିତ୍ତିକ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ, ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ, ଏବଂ ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ଦରକାର। ଯୁବପିଢ଼ି ଯଦି ଉତ୍ପାଦନ କ୍ଷେତ୍ରରେ ମାନସମ୍ମତ ନିଯୁକ୍ତି ନ ପାଆନ୍ତି, ତେବେ ଶିଳ୍ପାୟନର ସଫଳତା ଅଧୁରା ରହିବ। ଭାରତର ଭବିଷ୍ୟତ ଯୁବଶକ୍ତି ଉପରେ ନିର୍ଭର କରେ। ଶିଳ୍ପାୟନ ଯଦି ପ୍ରକୃତ ଅର୍ଥରେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରେ, ତେବେ ହିଁ ଏହା ଦେଶକୁ ସମୃଦ୍ଧିର ପଥରେ ନେଇଯିବ। ନଚେତ କେବଳ ସଂଖ୍ୟାତ୍ମକ ବୃଦ୍ଧି ରହିଯିବ, ମାନବୀୟ ବିକାଶ ଅଧୁରା ରହିବ।

# ବନ୍ୟା ପରବର୍ତ୍ତୀ ପରିଚାଳନା ଅଧିକ ଗୁରୁତ୍ୱପୂର୍ଣ୍ଣ

ଡ଼ଃ. ଅରୁନ୍ଧତୀ ଦେବୀ



ନେପାଳରେ ଅକଳ୍ପନୀୟ ଅଭାବନୀୟ ଜଳ ପ୍ରଳୟ ଧ୍ୱଂସର ଲୀଳା ସୃଷ୍ଟି କରିଛି। ତେବେ ତିବ୍ବୀୟ କ୍ଷେତ୍ରରେ ଭୂକମ୍ପର ହିମସ୍ଖଳନ ପ୍ରଳୟଙ୍କାରୀ ବନ୍ୟା ଧ୍ୱଂସର ଲୀଳା ଖେଳାଇ ଦେଇଛି। ଓଡ଼ିଶାରେ ଏବେ ବର୍ଷା ଓ ଏହାର ବିପତ୍ତିକୁ ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇସାରିଛନ୍ତି। ଲଗାତର ବନ୍ୟାର ଧ୍ୱଂସ ଲୀଳା ଓଡ଼ିଶାର ଜୀବନ ଜୀବିକା ଚଷାପୁଅଙ୍କ ଅଣ୍ଟା ଭାଙ୍ଗି ଦେଉଛି। ଚଳିତ ବନ୍ୟାରେ ସାତଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପର ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ସମେତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା କାରଣରୁ ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀ ପ୍ରଭୃତି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଗାଁ ଗଣ୍ଡା ଠାରୁ ଆରମ୍ଭ କରି ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଅନୁସାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ଏସବୁ ଜିଲ୍ଲାର ୧୦୦ଟି ବ୍ଲକର ୫୩୯ଟି ପଞ୍ଚାୟତର ୧୪୫୮ ଗାଁର ୭୦୫୨୩୨ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଏ ସବୁ ଅଞ୍ଚଳରେ ଘର ଏବଂ ରାସ୍ତାଘାଟ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଛି, ଜନଜୀବନ ବିପର୍ଯ୍ୟୟ ହୋଇପଡ଼ିଛି।

ମହାନଦୀ ଏବଂ ଏହାର ପ୍ରମୁଖ ଶାଖା ନଦୀ କାଠଯୋଡ଼ି ଫୁଲିବାରେ ଲାଗିଛି। ମୁଣ୍ଡଳି ଏବଂ ନରାଜ ଠାରେ ରାତି ସୁଦ୍ଧା ବିପଦ ସଂକେତ ଟପିବା ଆଶା କରାଯାଉଛି। ଅନ୍ୟପଟେ ଛତିଶଗଡ଼ରୁ ମଧ୍ୟ ଅତ୍ୟଧିକ ପାଣି ମହାନଦୀରେ ପ୍ରବାହିତ ହେଉଛି। ଛତିଶଗଡ଼ର ୧୦ଟି ଜିଲ୍ଲାରେ ହୋଇଥିବା ଭୀଷଣ ବର୍ଷା ଯୋଗୁଁ ସମସ୍ତ ଉପନଦୀ ଏବେ ମହାନଦୀକୁ ପ୍ଲାବିତ କରିବାରେ ଲାଗିଛି। ଛତିଶଗଡ଼ କଲମା ବ୍ୟାରେଜର ଦୁଇଟି ଅଚଳ ଗେଟକୁ ଛାଡ଼ିଦେଲେ ଅବଶିଷ୍ଟ ୬୪ଟି ଗେଟ ଖୋଲା ରଖିଛି। ଏହା ସତ୍ତ୍ୱେ ମଧ୍ୟ ସେଠାରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି ଜଳ। ତେଣୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ପୁରାପୁରି ଟଳିନି ବୋଲି ଆଶା କରାଯାଏ।

ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ବନ୍ୟା ପରବର୍ତ୍ତୀ ସ୍ଥିତିକୁ ପରିଚାଳନା କରିବା। ବନ୍ୟା ସମୟର ସ୍ଥିତି ଅପେକ୍ଷା ବନ୍ୟା ପରେ ପରେ ଯେଉଁସବୁ ସମସ୍ୟା ସୃଷ୍ଟି ହୁଏ ସେ ସବୁର ମୁକାବିଲା କରିବା ମଧ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଥାଏ। ବନ୍ୟାରେ ଘରଦ୍ୱାର ଭାଙ୍ଗିଛି, ମାଟିଘର ନିଶ୍ଚିହ୍ନ ହୋଇଛି, ରାସ୍ତାଘାଟ ଏବଂ ବଡ଼ ବଡ଼ ପୋଲ ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଛି। ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଛି, ବିଭିନ୍ନ ଜାଗାରେ ରାସ୍ତାଘାଟ ଧୋଇଯିବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚାଷଜମି ଜଳ ପ୍ଲାବିତ ହୋଇଛି। ଧାନଗଛ ପାଣିରେ ବୁଡ଼ି ରହିଛି। ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ଖରିଫ ଚାଷ ଉଜୁଡ଼ି ଯିବାର ସମ୍ଭାବନା ଦେଖାଦେଇଛି।

ବନ୍ୟା ଛାଡ଼ିବା ପରେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ। ଘରକୁ ଫେରିବା ପରେ ସେ ସଜଡ଼ା ଘର କ'ଣ ଆଉ ଥିବ? ପୁଣିଥରେ ଉଜୁଡ଼ା ସଂସାରକୁ ସଜାଡ଼ିବା ପାଇଁ ସରକାରଙ୍କ ସହଯୋଗ ଦରକାର। ସରକାରଙ୍କ ତରଫରୁ କ୍ଷତିପୂରଣ କେତେ ଶୀଘ୍ର ଯୋଗାଇ ଦିଆଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ। କ୍ଷୟକ୍ଷତିର ଆକଳନ ଉପରେ ସହାୟତା ନିର୍ଭର କରେ। ଅନେକ ଜାଗାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ନାଁରେ ଘର ଏବଂ ଜମିର ପଟ୍ଟା ନଥିବାରୁ ସେ ବ୍ୟକ୍ତିଜଣଙ୍କ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାଏ। ଏଭଳି ସ୍ଥିତି ଖୁବ ଦୁଃଖଦାୟକ ହୋଇଥାଏ। ତେଣୁ ପ୍ରକୃତ ହିତାଧିକାରୀ କିଭଳି ତା ପ୍ରାପ୍ୟରୁ ବଞ୍ଚିତ ନହୁଏ ସେ ଦିଗକୁ ସରକାର ଏବଂ ସ୍ଥାନୀୟ ଅଧିକାରୀମାନେ ଗୁରୁତ୍ୱ ଦେବା ଦରକାର। ବନ୍ୟା ସମୟରେ କୁମ୍ଭୀରମାନେ ଖୋଲାମେଲା ବନ୍ୟାରେ ପାଣିରେ ଆସି ଆତଙ୍କ ସୃଷ୍ଟି କରୁଥିବାବେଳେ ରାଜ୍ୟରେ ଏକ ପ୍ରକାର ନିୟମିତ ସାପ କାମୁଡ଼ିବା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।

ବନ୍ୟା ପରର ଆଉ ଏକ ବଡ଼ ସମସ୍ୟା ହେଉଛି ପିଇବା ପାଣିର। କୂଅ, ପୋଖରୀ ଏବଂ ନଳକୂପ ଗୁଡ଼ିକର ପାଣି ପ୍ରଦୂଷିତ ହୋଇଥାଏ ବନ୍ୟାପାଣିରେ। ଏସବୁ ପାଣି ପିଇଲେ ପେଟ ରୋଗ ସହିତ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନା ଥାଏ। ତେଣୁ ବନ୍ୟାଞ୍ଚଳ ଲୋକଙ୍କୁ କିଭଳି ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇ ପାରିବ ଏ ଦିଗକୁ ମଧ୍ୟ ପ୍ରାଥମିକତା ଦିଆଯିବା ଦରକାର। ବନ୍ୟା ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ବିଶେଷକରି ଜୀବନ ଜୀବିକାକୁ ଏକ ପ୍ରକାର ଠପ କରିଦେଇଥାଏ। ପ୍ରଶାସନିକ କ୍ଷେତ୍ର ସହ ଦାତବ୍ୟ ସଙ୍ଗଠନ ମାନଙ୍କର ସହଯୋଗ ମଧ୍ୟ ଜରୁରୀ। ସହାୟତାର ମାନବିକତାର ଆଦର୍ଶ କଷ୍ଟ ପାଉଥିବା ମଣିଷ ମାନଙ୍କ ପାଇଁ ଆରୋଗ୍ୟସମ ଅମୃତସମ ହୋଇପାରିବ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ସେ ଦିନର ଲାଲକିଲ୍ଲା ଆଜିର ଶିଶୁ ଭବନ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ





କଟକ ସହର ହଜାରେ ବର୍ଷର ପରମ୍ପରା ଓ ଗର୍ବକୁ ନେଇ ଗଢ଼ି ଉଠିଛି। ମହାନଦୀ ଓ କାଠଯୋଡ଼ିର ମଧ୍ୟବର୍ତ୍ତୀ ଏହି ସହରଟି ଅନେକ ଐତିହାସିକ, କିମ୍ବଦନ୍ତୀ କ୍ଷେତ୍ର ବଡ଼ ବଡ଼ ପ୍ରତିଷ୍ଠାନକୁ ଛାତିରେ ଧରିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କଟକରେ ରହିଛି ଗୁରୁତ୍ୱପୂର୍ଣ୍ଣ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପାଖରେ କ୍ୟାନସର ପ୍ରତିଷ୍ଠାନ। କାଠଯୋଡ଼ି କୂଳରେ ହିଁ ଓଡ଼ିଶାର ପିଲାମାନଙ୍କ ଉତ୍ତମମାନର ଚିକିତ୍ସା ଓ ଶିକ୍ଷା ସେବା କ୍ଷେତ୍ରର ପ୍ରତିଷ୍ଠାନ 'ଶିଶୁଭବନ'। ସେହିପରି ସହରର ମଧ୍ୟବର୍ତ୍ତୀ ସ୍ଥଳୀରେ ରହିଛି ସିଟି ହସ୍ପିଟାଲ। କାଠଯୋଡ଼ି କୂଳ ରିଂ ରୋଡ଼କୁ ଛୁଇଁଥିବା ଏହି ଶିଶୁ ଭବନଟି ଚାନ୍ଦିନୀଚୌକ ଅଞ୍ଚଳରେ ଏବଂ ନିକଟରେ ରହିଛି ହାଇକୋର୍ଟ, ବିଭିନ୍ନ କୋର୍ଟ, ଜଗନ୍ନାଥ ମନ୍ଦିର ପରି ଅନେକ ବଡ଼ ବଡ଼ ଅନୁଷ୍ଠାନ।

ଅନେକ ହୁଏତ ଜାଣିନଥିବେ ଜଗନ୍ନାଥଙ୍କ ଭକ୍ତ ସାଲବେଗଙ୍କ ପିତା ଲାଲବାଗ ଥିଲେ ଜଣେ ଦୁର୍ଦ୍ଦଶ ମୋଗଲ ସୁବେଦାର। ଆଜି ଯେଉଁଠି ଏକ ନୂଆ ରୂପରେ ଶିଶୁ ଭବନଟି ଗଢ଼ି ଉଠିଛି ଦିନେ ତାହା ଥିଲା ତତ୍କାଳୀନ ସୁବେଦାର ଲାଲବାଗଙ୍କ ଲାଲକିଲ୍ଲା। ଲାଲ ରଙ୍ଗରେ ରଙ୍ଗାୟିତ କୋଠୀଟି ଅନେକ ଦୃଷ୍ଟିରୁ ମୋଗଲ ଚାରୁକଳାକୁ ଅତି ନିଖୁଣ ଭାବରେ ବିମଣ୍ଡିତ କରିଥିଲା। ସେ ସମୟରେ ଏହା ଏକ ବିରାଟ ବଡ଼ ପରିସରକୁ ଛୁଇଁଥିଲା। ରାଜସ୍ୱ, କର ଆଦାୟର କଚେରୀ ଅତିଥି ମାନଙ୍କ ପାଇଁ ଅତିଥିଶାଳା, ଭୋଜନାଳୟ, ରନ୍ଧନଶାଳା, ଅଶ୍ୱଶାଳା ଓ କର୍ମଚାରୀଙ୍କ ପାଇଁ କୋଠରୀ। ସାମ୍ନାରେ କୁଳୁ କୁଳୁ ହୋଇ ବୋହି ଯାଇଛି କାଠଯୋଡ଼ି। ସେ ସମୟର ମୋଗଲ ସୁବେଦାର ଲାଲବାଗ ଥିଲେ ଅତ୍ୟନ୍ତ କ୍ରୂର ଓ ପ୍ରବଳ ପ୍ରତାପୀ। ତାଙ୍କ ଶାସନ ସମୟରେ ନାମିତ ହୋଇଆସୁଛି 'ଲାଲବାଗ' ନାମରେ। ଏବେ ସ୍ଥାନାନ୍ତର ହୋଇଥିଲେ ବି ପୂର୍ବରୁ ଲାଲବାଗ ଥାନା ଥିଲା। ନିକଟରେ ଚାନ୍ଦିନୀଚୌକ ବଡ଼ ଡାକଘର ଓ ସହରର ତହସିଲଦାରଙ୍କ କାର୍ଯ୍ୟାଳୟ। କଟକ ସହର ଓ ଲାଲବାଗଙ୍କ ଲାଲକିଲ୍ଲା ବିଷୟରେ ଇଷ୍ଟ ଇଣ୍ଡିଆ କମ୍ପାନୀର ସାର ଟମାସରୋଙ୍କର ଏକ ଲିପିବଦ୍ଧ ତଥ୍ୟରେ ଅନେକ ପ୍ରସଙ୍ଗ ସ୍ପଷ୍ଟ ତଥ୍ୟ ଭିତ୍ତିକ ଉଲ୍ଲେଖ କରିଛନ୍ତି। ସେ ସମୟର ଇଂରେଜ ସରକାରଙ୍କ ରାଜତ୍ୱ ସମୟରେ ଲାଲକିଲ୍ଲାକୁ ଅତ୍ୟନ୍ତ ମର୍ଯ୍ୟାଦା ସମ୍ପନ୍ନ କରାଯାଇଥିଲା। ଏଇଠି ଥିଲା ଜିଲ୍ଲା କଲେକ୍ଟର ଓ କମିଶନରଙ୍କ ସୁରମ୍ୟ ବଡ଼ ବଡ଼ କୋଠୀ। ତତ୍କାଳୀନ ଶାସନ ମୁଖ୍ୟ ଜନ ବିମ୍ସ, ରେଭେନ୍ସା ସାହେବମାନେ ଏକଦା ଏହି କୋଠୀରେ ସପରିବାର ରହୁଥିଲେ।

ସ୍ୱାଧୀନତା ପାଇବା ପରେ ଏହି କୋଠୀକୁ 'ରାଜଭବନ' ନାମରେ ନାମିତ କରାଗଲା। ଏକଦା ରାଜ୍ୟପାଳ ଦାୟିତ୍ୱରେ ଥିବା ଯଶୋବନ୍ତ ନାରାୟଣ ସୁକଠଣକର ଓ ଚନ୍ଦୁଲାଲ ତ୍ରିବେଦୀଙ୍କ ପରି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱମାନେ ଅବସ୍ଥାନ କରୁଥିଲେ। ଯେତେବେଳେ ଗଡ଼ଜାତ ମିଶ୍ରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସେ ସମୟରେ ଏହାର ବଡ଼ ଭୂମିକା ନିର୍ବାହ କରୁଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହିଠାରେ ଆସି ସାମୟିକ ଭାବେ ରହୁଥିଲେ। ଐତିହାସିକ ତଥ୍ୟ ଯାହା ରହିଛି ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାର ଗଡ଼ଜାତ ରାଜାମାନେ ଚୁକ୍ତି ସ୍ୱାକ୍ଷର କରିଥିଲେ। ୧୯୬୧ ମସିହାରେ ଏହି ରାଜଭବନ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା ଏବଂ ସେ ସମୟର ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର ଏହି ଗୁରୁତ୍ୱପୂର୍ଣ୍ଣ କୋଠୀକୁ ଭାରତୀୟ ରେଡ଼କ୍ରସ ସଂସ୍ଥାକୁ ପରିଚାଳନା ନିମିତ୍ତ ପ୍ରଦାନ କରିଥିଲେ। ୧୯୬୬ ମସିହାରୁ ଓଡ଼ିଶା ସରକାରଙ୍କ ପରିଚାଳନା ତତ୍ତ୍ୱାବଧାନ ଓ ସହାୟତାରେ ଏଠାରେ ଶିଶୁ ମାନଙ୍କ ପାଇଁ ଏକ ଚିକିତ୍ସାଳୟ ନିର୍ମିତ ହେଲା।

ସେ ସମୟର ଶିଶୁ ଭବନ ଅନେକ ପ୍ରତିକୂଳତାକୁ ସାମ୍ନାକରି ଅନେକ ମୁମୂର୍ଷୁଙ୍କୁ ନୂଆ ଜୀବନ ଦେବା ସହ ଅତି ଜଟିଳତମ ଅପରେସନ ଦ୍ୱାରା ଛୋଟ ଛୋଟ ପିଲାମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚା ଯାଇପାରିଛି। କେବଳ ଶିଶୁ ମାନଙ୍କ ଚିକିତ୍ସା ଏହି ଅନୁଷ୍ଠାନର ମୁଖ୍ୟ ଦାୟିତ୍ୱ ଥିବାରୁ ସେ ସମୟରେ ପ୍ରାଥମିକ ଭାବେ ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଚିକିତ୍ସକ ଡାକ୍ତର କାଶୀନାଥ ମିଶ୍ର। ପରବର୍ତ୍ତୀ ସମୟରେ ଡାକ୍ତର ଶରତ ଚନ୍ଦ୍ର ମିଶ୍ର, ଡାକ୍ତର ଗୋପାଳ ଚରଣ ଦାସ, ଡାକ୍ତର ସଂଗ୍ରାମ କେଶରୀ ବେହେରା, ଡାକ୍ତର କ୍ଷୀରୋଦ ଚନ୍ଦ୍ର ପ୍ରହରାଜ, ଡାକ୍ତର କୁଶଧର ମହନ୍ତ ଏହି ଶିଶୁ ଅନୁଷ୍ଠାନକୁ ଅଧିକରୁ ଅଧିକ ଭାବେ ସକ୍ରିୟ ଏବଂ କର୍ମଚାରୀମାନେ ନିଷ୍ଠାପର ଓ କର୍ମତତ୍ପର ହୋଇ ଅନୁଷ୍ଠାନର ସମ୍ମାନ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବିଶିଷ୍ଟ ଲେଖକ ଶଙ୍କରର୍ଷଣ ମଙ୍ଗରାଜଙ୍କ ତଥ୍ୟ ଅନୁଯାୟୀ ୧୯୮୧ ମସିହାରେ ଏହି ଅନୁଷ୍ଠାନ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଲା। ସର୍ବପ୍ରଥମେ ଏଠାରେ ସ୍ନାନତୋକତ୍ତର ଶ୍ରେଣୀର ଛାତ୍ର ମାନଙ୍କ ଶିକ୍ଷା ପାଇଁ ବ୍ୟବହାରିକ ଜ୍ଞାନଦାନ ବ୍ୟବସ୍ଥା ଓ ପ୍ରଫେସର ପଦବୀ ସୃଷ୍ଟି କରାଗଲା। ନବଜାତକ ଓ ଶିଶୁ ମାନଙ୍କର କେବଳ ଚିକିତ୍ସା ନୁହେଁ ଅପରେସନ ନିମିତ୍ତ ଭେଷଜ, ଶଲ୍ୟ, ଅସ୍ଥିଶଲ୍ୟ, ଗଳା-କର୍ଣ୍ଣ-ନାସା, ମନୋବୈଜ୍ଞାନିକ ଚିକିତ୍ସା ପଦ୍ଧତି, ନିଦାନ ବିଭାଗ, ରଞ୍ଜନ ରଶ୍ମୀ କେନ୍ଦ୍ର, ଜରୁରୀ ଚିକିତ୍ସା କେନ୍ଦ୍ର, ପରିବାର କଲ୍ୟାଣ ସହାୟକ କେନ୍ଦ୍ର ଚିକିତ୍ସାଳୟର ବଡ଼ ଆକର୍ଷଣ। ଗତ ୧୯୯୨ ମସିହାରେ ଶିଶୁ ଭବନ ପଚିଶ ବର୍ଷରେ ପହଞ୍ଚିଥିଲା। ରଜତ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେ ସମୟରେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଶତ ବାର୍ଷିକ ଭାରତ ସାରା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏବଂ ଗଡ଼ଜାତ ମିଶ୍ରଣ ବେଳେ ଏଠାରେ ମଧ୍ୟ ବଲ୍ଲଭଭାଇ ପଟେଲ କିଛି ଦିନ ଅବସ୍ଥାନ କରୁଥିଲେ। ଏହି ଦୁଇ ସଂଯୋଗକୁ ଏକ ବିରଳ ଘଟଣା ଭାବେ ଚିନ୍ତାକରି ତାଙ୍କ ଭଳି ଦେଶପ୍ରେମୀଙ୍କ ସ୍ମୃତିକୁ ସବୁଦିନ ପାଇଁ ସମସ୍ତଙ୍କ ଭିତରେ ଜାଗରିତ କରିବା ନିମିତ୍ତ ତାଙ୍କରି ନାମରେ ଏହି ଶିଶୁଭବନକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସାଳୟ କରାଯାଇଥିଲା। ଆଜି ଶିଶୁ ଭବନ ୩୪ ବର୍ଷରେ ପହଞ୍ଚିଛି। ଅନେକ କର୍ମଦକ୍ଷ, ନିଷ୍ଠାବାନ, ନିଜ ବୃତ୍ତିରେ ପ୍ରଚଣ୍ଡ ପ୍ରତିଭାସମ୍ପନ୍ନ ଡାକ୍ତର, ସେବାକ୍ଷେତ୍ରରେ ଅମୃତର ହସ୍ତ ଛିଞ୍ଚୁଥିବା ସେବିକାମାନେ, ସୁଇପର ହୁଅନ୍ତୁ ବା ଜଗୁଆଳୀ, ଡ୍ରେସର ହୁଅନ୍ତୁ ବା ଡ୍ରାଇଭର, ଫାର୍ମାସିଷ୍ଟ ହୁଅନ୍ତୁ ବା ଯେ କେହି କର୍ମଚାରୀ ସମସ୍ତେ ଅନୁଷ୍ଠାନର ଗର୍ବ ଓ ଗୌରବ ବଢ଼ାଇବା ପାଇଁ ଅହର୍ନିଶ ସେବା ପ୍ରଦାନ ନିମିତ୍ତ ପ୍ରସ୍ତୁତ।

ଅନେକ ନବଜାତକଙ୍କ ସଙ୍କଟମୟ ପରିସ୍ଥିତିରେ ସେମାନଙ୍କ ଜୀବନ ରକ୍ଷା କରାଯାଇପାରିଛି। ଅନେକ ପରିବାର ଏଇଠି ଆନନ୍ଦର ଲୁହ ଗଡ଼ାଇ ଅନୁଷ୍ଠାନକୁ ଆହୁରି ସ୍ମରଣୀୟ କରିଛନ୍ତି। ଅନେକ ନବଜାତକଙ୍କ ଏଇଠି ଭୂମିଷ୍ଠ ହେବା ଅନୁଷ୍ଠାନର ଏକ ଆନନ୍ଦମୟ ଓ ସ୍ମରଣୀୟ ଘଟଣା। ଅନେକ ସମୟରେ ବିଶେଷକରି ଶିଶୁ ମୃତ୍ୟୁହାର କମାଇବା, ଶିଶୁରୋଗୀଙ୍କ ଉନ୍ନତ ଓ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଏହି ଅନୁଷ୍ଠାନ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବିଭିନ୍ନ ଦରିଆପାରି ସଂଗଠନ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। କରୋନା ସମୟରେ ମୁମୂର୍ଷୁଙ୍କ ଜୀବନ ବଞ୍ଚାଇବା ନିମିତ୍ତ ନିଜେ ଡାକ୍ତରମାନେ ନିଜ ଜୀବନକୁ ଏକ ପ୍ରକାର ପାଣି ଛଡ଼ାଇ ପିଲାମାନଙ୍କୁ ବଞ୍ଚାଇବା ନିମିତ୍ତ ଦିନ ଦିନ ଏଇଠି ହିଁ ସମୟ କାଟିଛନ୍ତି। ଶିଶୁ ରୋଗ କ୍ଷେତ୍ରରେ ସମସ୍ତଙ୍କର ଆଶା ଓ ଭରସାର କେନ୍ଦ୍ର ହେଉଛି 'ଶିଶୁ ଭବନ'। ପୂର୍ବଭାରତରୁ ଓ ଆମ ପଡ଼ୋଶୀ ରାଜ୍ୟରୁ ଅନେକ ପୀଡ଼ିତ ଓ ରୋଗୀମାନେ ଅନେକ ଭରସା ନେଇ ଆସିଥାନ୍ତି। ଏହି ଅନୁଷ୍ଠାନର ଆଶା ସମ୍ଭାବନାକୁ ଆହୁରି ଉଜ୍ଜ୍ୱଳତମ ହେଉ ଏହା ହିଁ ମୋର ଶୁଭେଚ୍ଛା ଏବଂ ଏହି ଅନୁଷ୍ଠାନକୁ ମୋର ଗଭୀର ସମ୍ମାନ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


# ଚିନି ଦର ବଢ଼ୁଛି କାହିଁକି ?



ସୁବାସ ଷଡ଼ଙ୍ଗୀ

ଏ ଜିନିଷ ପତ୍ରର ଦାମ ବଢ଼ିବା ଆମ ପାଇଁ ଦେହସୁହା ଘଟଣା ହୋଇଗଲାଣି। କେତେବେଳେ ପିଆଜ ଦାମ ବଢ଼ିଯାଉଛି ତ ଆଉ କେତେବେଳ ଆଳୁ। ତା ଛଡା ପ୍ରତିବର୍ଷ ଏଇ ସମୟରେ ଖାଇବା ତେଲର ଦାମ ବଢ଼ିଯାଏ। ପନିପରିବା କଥା ନ କହିବା ଭଲ। ବର୍ଷା ଅସରାଏ ହେଲେ ପନିପରିବାର ଦାମ ଆକାଶଛୁଆଁ ହୋଇଯାଏ। ସେଇ କ୍ରମରେ ଏଥରକର ପାଳି ହେଉଚି ଚିନିର। ଗୋଟାଏ ସପ୍ତାହ ମଧ୍ୟରେ ଚିନିର ଦାମ ପ୍ରାୟ ଦୁଇଗୁଣ ବଢ଼ିଲାଣି। ପୂର୍ବରୁ ଚିନି କିଲୋଗ୍ରାମ ଦର ଥିଲା ୪୦ ରୁ ପଚାଶ ଟଙ୍କା ଭିତରେ। ଏବେ ସତୁରି ଟଙ୍କା। ଦୋକାନିଙ୍କ ତାଗିଦ ଏଥରକ ପୂଜା ବେଳକୁ ଚିନିର ଦାମ ଆକାଶ ଛୁଇଁବ। ଇଏ ଅଗଷ୍ଟ ମାସ ଶେଷ ସପ୍ତାହ। ଅକ୍ଟୋବର ବେଳକୁ ଦାମ କେତେ ହେବ, କିଏ କହିବ? ଗଣେଶ ପୂଜା ଠାରୁ ଦଶହରା ସବୁ ପର୍ବ ତ ମିଠାକୁ ନେଇ।

ପିଲା ଦିନେ ଚିନିର ଦାମ ବଢ଼ିଲେ, ପୂଜା ପାର୍ବଣରେ ମିଠାରେ ତିଆରିରେ ସାକାରିନ ବ୍ୟବହାର ହେଉଥିଲା। ସେ ସମୟରେ ଚିନିର ଚାଉ, ଗହମ ଭଳି ରାସନ ଦୋକାନରେ ମିଳୁଥିଲା। ଲାଇନ ଲଗେଇ ଏକ ନିର୍ଦ୍ଦିଷ୍ଟ ପରିମାଣ ଚିନି ଆଣିବାକୁ ହେଉଥିଲା। ଏବେ ସେ ଯୁଗ ନାହିଁ। ବଜାରରେ ସାକାରିନ ମିଳୁ ନାହିଁ। ଚିନି ଆଉ ନିୟନ୍ତ୍ରିତ ସାମଗ୍ରୀ ଭିତରେ ନାହିଁ। ଖୋଲାବଜାରରେ ମିଳୁଛି। ରେସନ କାର୍ଡ ମଧ୍ୟ ଆମ ଭଳି ଲୋକଙ୍କ ପାଇଁ ସାତ ସପନ। ଚିନିର ଦାମ ବଢ଼ି ବଢ଼ି କେଉଁଠି ପହଞ୍ଚିବ, ସେ ନେଇକେହି କିଛି କହୁ ନାହାନ୍ତି। ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଉଛି, କିନ୍ତୁ ଦାମ ସରକାରୀ ଲଗାମକୁ ଖାତିର କରୁ ନାହିଁ କୁହାଯାଉଛି, ଚିନିର ଏଭଳି ଅପ୍ରତ୍ୟାଶିତ ଦରବୃଦ୍ଧି ପାଇଁ ଇଥାନଲ ଉତ୍ପାଦନ ଦାୟୀ। ଆଉ କିଏ କିଏ କହୁଛନ୍ତି, ଉତର ପଶ୍ଚିମ ଭାରତରେ ଅଧିକ ବର୍ଷା ହେବା କାରଣରୁ ସବୁ ଅଞ୍ଚଳରେ ଆଖୁ ଉତ୍ପାଦନ ହ୍ରାସ ପାଇଛି। ଜୁନ ମାସରେ ଚିନିର ପାଇକାରି ଦାମ କ୍ୱିଂଟାଲ ପିଛା ଥିଲା ୩୮୦୦ ଟଙ୍କା। ଅର୍ଥାତ କେଜି ପ୍ରତି ଦାମ ହେଲା, ୩୮ ଟଙ୍କା। ଖୋଲା ବଜାରରେ ଦୋକାନି ବିକୁଥିଲେ ୪୦ରୁ ୪୫ ଟଙ୍କା ଦରରେ। ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପାଇକାରି ଦାମ ବଢ଼ି ହେଲା, ୬୮୦୦ ଟଙ୍କା ଏଣୁ ବଜାରରେ ଏବେ ଚିନି କିଲୋଗ୍ରାମ ସତୁରିରୁ ଅଶୀ ଟଙ୍କା। ମାତ୍ର ଦୁଇମାସ ଭିତରେ ଚିନିର ଦାମ ଦୁଇଗୁଣ ହୋଇଯାଇଚି। ଏରୁ ଦରବୃଦ୍ଧି ପୂର୍ବ ରେକର୍ଡ ଭାଙ୍ଗିଛି। ଏପ୍ରିଲ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚିନି କଳରେ ଉତ୍ପାଦନ ହୁଏନା। କାରଣ, ଏଇସମୟରେ ଚାଷୀଙ୍କ ପାଖରେ ଆଖୁ ନଥାଏ। ଏଣୁ ଚିନି କଳ ଗୁଡ଼ିକୁ ସଫା କରାଯାଏ ଆଗାମୀ ଉତ୍ପାଦନ ପାଇଁ ପ୍ରସ୍ତୁତ କରାଯାଏ। ଦୀପାବଳି ପରେ ଚିନି କଳ ଚାଲୁ କରାଯାଏ। ଉତ୍ପାଦନ ହୁଏ। ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚିନିକଳ ଚାଲେ। ଯେଉଁ ବର୍ଷ ଆଖୁ ଫସଲ ଭଲ ହୋଇଥାଏ, ସେ ବର୍ଷ ମେ ମାସ ପର୍ଯ୍ୟନ୍ତ ଚିନିକଳ ଚାଲୁ ରହିଥାଏ। ୨୦୨୫-୨୬ ମସିହାରେ ପ୍ରାଥମିକ ଭାବରେ ସରକାର ଓ ଚିନିକଳ ମାଲିକମାନେ ଭାବିଥିଲେ, ଏ ବର୍ଷ ଭଲ ଆଖୁ ଫସଲ ହେବ। ଏଣୁ ଚିନିକଳ ମେ ମାସ ପର୍ଯ୍ୟନ୍ତ ଚାଲୁ ରହିବ। ଯଦି ଏହା ହୋଇଥାଆନ୍ତା, ତେବେ ଆମ ଦେଶରେ ଚିନି ଉତ୍ପାଦିତ ହୋଇଥାଆନ୍ତା ୩୮୩ ଲକ୍ଷ ମେଟ୍ରିକ ଟନ। ଏମିତି କେଜିରେ ହିସାବ କଲେ ହୋଇଥାଆନ୍ତା, ୩୮୩୮ କୋଟି କିଲୋଗ୍ରାମ। ମାତ୍ର ତାହା ହୋଇପାରିଲା ନାହିଁ।

ଏହାର ପ୍ରଧାନ କାରଣ, ଗତବର୍ଷ ଅର୍ଥାତ ୨୦୨୫ ମସିହାରେ ବର୍ଷାରେ ଉତର ଓ ପଶ୍ଚିମ ଭାରତରେ ଫସଲ ବିଶେଷ କରି ଆଖୁ ଫସଲ ନଷ୍ଟ ହୋଇଗଲା। କୁହାଯାଏ ୨୦୦୧ ମସିହାରେ କୁଆଡେ ଏଇଭଳି ବର୍ଷ ହୋଇଥିଲା। ଉତରାଖଣ୍ଡ, ପଂଜାବ, ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ବହୁତ



ବର୍ଷା ହୋଇଥିଲା। ଯାହାଫଳରେ ଆଖୁ ଚାଷ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି। ରାଜସ୍ଥାନ ଓ ପଂଜାବରେ ସବୁଠୁ ଅଧିକ ବର୍ଷ ହୋଇଥିଲା। ସେଠାରେ ଆଖୁଚାଷ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତା ଛଡା ଏବର୍ଷ ଆଖୁରେ ପୋକ ହୋଇଯିବା ଫଳରେ ଚିନି ଉତ୍ପାଦନ ଉପରେ ଏହାର ପ୍ରଭାବ ମଧ୍ୟ ପଡ଼ିଥିଲା।

ଚିନି ଉତ୍ପାଦନ ସହିତ ଇଥାନଲ ଜଡିତ। ସରକାର ଇଥାନଲ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଚିନି ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ଭାବିଥିଲେ, ଆଖୁ ଫସଲ ଭଲ ହେବ, ଏଣୁ ଇଥାନଲ ଅଧିକ ପ୍ରସ୍ତୁତ କରିବୁ କୁହାଗଲା। ସରକାରି ଭାବେ ଆଶ କରାଯାଉଥିଲା, ଏବର୍ଷ ଚିନି ଉତ୍ପାଦନ ହେବ, ୩୪୩୦ କୋଟି କେଜି। କିନ୍ତୁ ପ୍ରକୃତରେ ହେଲା ୩୦୦୬ କୋଟି କେଜି। କୁହାଯାଉଛି, ଆଖୁ ଚାଷ ସହିତ ଇଥାନଲ ପ୍ରସ୍ତୁତିର କୌଣସି ସିଧା ସମ୍ପର୍କ ନାହିଁ। କାରଣ, ଇଥାନଲ ପାଇଁ ଆଖୁ କମ ବ୍ୟବହାର ହୁଏ। ଯଥ ଅଧିକ ବ୍ୟବହୃତ ହୁଏ। ଆଖୁର ଛେଦାକୁ ପୁଣି ଥରେ ମକଚି ରସ ବାହାର କରାଯାଇ ଇଥାନଲ ପ୍ରସ୍ତୁତ କରାଯାଏ। କିନ୍ତୁ ଯଦି ସେଇ ସବୁ ଆଖୁକୁ ଆଉଥରେ ମକଚା ଯାଇ ଚିନି ପ୍ରସ୍ତୁତ କରାଯାଇଥାନ୍ତା, ତେବେ ଅଧିକ ୩୦୦-୪୦୦ କୋଟି କେଜି ଚିନି ଉତ୍ପାଦିତ ହୋଇଥାନ୍ତା। କିନ୍ତୁ ସରକାର ଇଥାନଲ ପାଇଁ ଗୁରୁତ୍ୱ ଦେବାରୁ ତାହା ହୋଇପାରିଲା ନାହିଁ। ଇଥାନଲମିଶା ପେଟ୍ରୋଲକୁ ଗୁରୁତ୍ୱ ଦିଆଯାଉଛି, କୁହାଯାଉଛି, ଏହାଦ୍ୱାରା ବିଦେଶୀ ମୁଦ୍ରା ଉପରେ ଚାପ କମିବ। ଅପରିଶୋଧିତ ତେଲ ଆମଦାନି କମ ହେବ। ପେଟ୍ରୋଲରେ ଏବେ ଶତକଡା ୨୦ ଭାଗ ଇଥାନଲ ମିଶୁଛି। କିନ୍ତୁ ସରକାରଙ୍କ ଏଇ ଯୁକ୍ତି କାମ କରି ନାହିଁ। ସରକାର ଏବେ ଚିନି ଆମଦାନି କରିବେ।

ଗତ ଦଶ ବର୍ଷ ଭିତରେ ଆମେ ବିଦେଶରୁ ଚିନି ଆମୋଦାନି କରିନଥିଲୁ। ଏବେ କିନ୍ତୁ ସରକାର ଏକଶହ କୋଟି କିଲୋ ଅପରିଧୋିତ ଚିନି ବିଦେଶରୁ ଆଣିବା ପାଇଁ ଅନୁମତି ଦେଇଛନ୍ତି। ଏହା ଉପରେ ସରକାର କୌଣସି ଶୁଳ୍କ ନେବେ ନାହିଁ। ଚିନିର ରପ୍ତାନୀକୁ ବନ୍ଦ କରିଦିଆଯାଇଛି। ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବେପାରିମାନେ ଚିନି ୪୦୦ ଯନରୁ ଅଧିକ ଗଛିତ କରି ରଖିପାରିବେ ନାହିଁ। ମିଠା ପ୍ରସ୍ତୁତ କରୁଥିବା କମ୍ପାନୀମାନେ ପନ୍ଦର ଦିନରୁ ଅଧିକ ଷ୍ଟକ ରଖିପାରିବେ ନାହିଁ। ଆମେ ଚିନି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଉଠିଥିଲୁ। କିନ୍ତୁ ପୁଣିଥରେ ଆମକୁ ବିଦେଶରୁ ଚିନି ଆଣିବାକୁ ହେବ। ଅପରିଶୋଧିତ ଚିନି ଅଣାଯାଇ ଏହାକୁ ପରିଶୋଧନ କରାଯିବ। ତା ପରେ ବଜାରକୁ ଛଡାଯିବ। ଏଥିପାଇଁ କିଛି ସମୟ ଲାଗିବ। ତେଣୁ ନିକଟରେ ଚିନିର ଦାମ କମିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ରକ୍ଷା ବନ୍ଧନ ଠାରୁ ମିଠା ଉପରେ ଅଧିକ ଗୁରୁତ୍ୱ ବଢେ। ଏପରି ଅବସ୍ଥାରେ ଚିନିର ଅଭାବ ଯୋଗୁଁ ପୂଜା ବଜାର କିପରି ହେବ, ତାହା ଦେଖିବାକୁ ବାକି ରହିଲା।


ମୋବାଇଲ୍:୯୪୩୯୬୫୨୩୨୨

### ପ୍ରଧାନମନ୍ତ୍ରୀଙ୍କ ଚାରିଦିନିଆ ମଧ୍ୟ-ଏସିଆ ଗସ୍ତ

# ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀର ମୂଳଦୁଆ ପଡ଼ିବ

ନୂଆଦିଲ୍ଲୀ, ୨୯।୮: ଭାରତ ମଧ୍ୟ-ଏସିଆରେ ଏକ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ଉଜବେକିସ୍ତାନ ସହିତ ସମ୍ପର୍କକୁ ମଜବୁତ କରିବା ଓ କିର୍ଗିଜସ୍ତାନରେ ବାର୍ଷିକ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗ ଦେବା ପାଇଁ ଚାରିଦିନିଆ ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ଏହି ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଏହା ଭାରତ ଓ ଉଜବେକିସ୍ତାନର ଭବିଷ୍ୟତ ଏବଂ ବିଶ୍ୱ ଗତିଶୀଳତାକୁ ପରିବର୍ତ୍ତନ କରିପାରେ। ପ୍ରଧାନମନ୍ତ୍ରୀ ଉଜବେକିସ୍ତାନ ସହିତ କିର୍ଗିଜସ୍ତାନ ମଧ୍ୟ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦିନିଆ ଗସ୍ତ ଅବସରରେ ଉଜବେକିସ୍ତାନ ରାଷ୍ଟ୍ରପତି ଶଭକତ ମିର୍ଜିୟୋୟେଭଙ୍କୁ ଭେଟିବେ। ତାଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ମିର୍ଜିୟୋୟେଭଙ୍କ ସହ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନା କରିବେ। ଦୁଇ ନେତା ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଡିଜିଟାଲ୍



ସଂଯୋଗୀକରଣ, ଶକ୍ତି, ଶିକ୍ଷା ଓ ଲୋକ-ଲୋକ ସମ୍ପର୍କ କ୍ଷେତ୍ରରେ ସହଯୋଗ ସମୀକ୍ଷା କରିବେ ଏବଂ ଅଧିକ ସହଯୋଗ ପାଇଁ ଏଜେଣ୍ଡା ସ୍ଥିର କରିବେ।

ଉଜବେକିସ୍ତାନରେ ରାଷ୍ଟ୍ରଦୂତ ସ୍ମିତା ପନ୍ତ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ଭବିଷ୍ୟତର ଦିଗ ନିର୍ଣ୍ଣୟ କରିବ। ଗସ୍ତ କାର୍ଯ୍ୟକ୍ରମ ସମୟରେ ବାଣିଜ୍ୟ ଓ ନିବେଶ, ସଂଯୋଗୀକରଣ, ପ୍ରତିବନ୍ଧକ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ରେୟାର ଆର୍ଥ, ବିକାଶ ସହଯୋଗ, ସାଂସ୍କୃତିକ ସହଯୋଗ, ପ୍ରତିରକ୍ଷା ଏବଂ ସୁରକ୍ଷା ମାମଲା, ଜାତିସଂଘ ଏବଂ ଅନ୍ୟାନ୍ୟ ବହୁପାକ୍ଷିକ ମଞ୍ଚ ଅନ୍ତର୍ଗତ ସହଯୋଗ, ସ୍ୱାସ୍ଥ୍ୟ, ଔଷଧ କ୍ଷେତ୍ର ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗସ୍ତ। ପ୍ରାୟ ୧୧ ବର୍ଷର ବ୍ୟବଧାନ ପରେ ଏହା ହେଉଛି। ଏହା ଦୁଇ ପକ୍ଷ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ। କାର୍ଯ୍ୟସୂଚୀରେ ବ୍ୟାପକ ଏବଂ ବହୁମୁଖୀ ଆଲୋଚନାକୁ ସାମିଲ କରାଯାଇଥିବା ସେ କହିଛନ୍ତି। ଭାରତୀୟ କୂଟନୀତିଜ୍ଞ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଶେଷଥର ପାଇଁ ୨୦୧୫ରେ ଉଜବେକିସ୍ତାନ ଗସ୍ତ କରିଥିଲେ। ସେବେଠାରୁ ବାଣିଜ୍ୟରେ ୩୦୦ ପ୍ରତିଶତ ବୃଦ୍ଧି ଓ ନିବେଶରେ ୭୦୦ ପ୍ରତିଶତ ବୃଦ୍ଧି ସମେତ ଅନେକ କ୍ଷେତ୍ରରେ ବିସ୍ମୟକର ବିକାଶ ହୋଇଛି। ଏହା ପ୍ରଧାନମନ୍ତ୍ରୀଙ୍କ ଉଜବେକିସ୍ତାନକୁ ଚତୁର୍ଥ ଗସ୍ତ।

### ମମତାଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ

# ମାମଲା ରୁଜୁକଲା ପୁଲିସ



କୋଲକାତା, ୨୯।୮: ତୃଣମୂଳ ଛାତ୍ର ପରିଷଦର ପ୍ରତିଷ୍ଠା ଦିବସ ସମାବେଶ ଆୟୋଜନ ପାଇଁ କୋଲକାତା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଓ ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ବିରୋଧରେ କୋଲକାତା ପୁଲିସ ନିଜଆଡୁ ମାମଲା ରୁଜୁ କରିଛି।

ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, କୋଲକାତାର ହେଷ୍ଟିଙ୍ଗସ ପୁଲିସ ଷ୍ଟେସନରେ ମମତା ବାନାର୍ଜୀ ଏବଂ ଏହି ସଭାର ଆୟୋଜକମାନଙ୍କ ବିରୋଧରେ ଏହି ମାମଲା ଦାୟର କରାଯାଇଛି। କୋର୍ଟଙ୍କ ଆଦେଶ ଅବମାନନା କରିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ତଦନ୍ତ ସମୟରେ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ଭୂମିକା ଯାଞ୍ଚ କରାଯିବ। ଶୁକ୍ରବାର ସେଣ୍ଟ୍ରାଲ କୋଲକାତାର କ୍ୟାଥେଡ୍ରାଲ ରୋଡରେ ଏହି ସମାବେଶ ଆୟୋଜନ କରିବା ପାଇଁ ହାଇକୋର୍ଟ ଯେଉଁସବୁ ସର୍ତ୍ତ ରଖିଥିଲେ, ତାହାର ଯାଞ୍ଚ କରାଯିବା ପରେ ପୁଲିସ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ଅଗଷ୍ଟ ୨୪ରେ ଫେସବୁକ୍ ଲାଇଭରେ ବଡ଼ ମନ୍ତବ୍ୟ ଦେଇଥିଲେ ମମତା ବାନାର୍ଜୀ। ସେ କହିଥିଲେ, ଯେପର୍ଯ୍ୟନ୍ତ ବିଜେପିକୁ ଅନ୍ଧକାରକୁ ଠେଲି ନଦେଇଛନ୍ତି, ସେପର୍ଯ୍ୟନ୍ତ ସେ ଚୁପ୍ ବସିବେ ନାହିଁ। ଲାଇଭ ଭିଡିଓରେ ମମତା ବାନାର୍ଜୀ ଦାବି କରିଥିଲେ ଯେ, ରାଜ୍ୟରେ ସରକାର ପରିବର୍ତ୍ତନର ମାତ୍ର ୪ ମାସରେ ଜନତାଙ୍କୁ ବିଜେପିର ଅସଲ ଚେହେରା ଦେଖାଗଲାଣି। ମହିଳାଙ୍କ ଲାଗି ଆସିଥିବା 'ଅନ୍ନପୂର୍ଣ୍ଣା ଭଣ୍ଡାର' ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ଟଙ୍କା ଆବଣ୍ଟନରେ କଥିତ ବିଳମ୍ବକୁ ନେଇ ଶୁଭେନ୍ଦୁଙ୍କ ସରକାରଙ୍କୁ ଘେରିଥିଲେ ମମତା।

## ଶାହଙ୍କ ହାତରେ ରାକ୍ଷୀ ବାନ୍ଧିଲେ ସୁନେତ୍ରା



ମୁମ୍ବାଇ, ୨୯।୮: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣବୀସ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ଶାହଙ୍କ ହାତରେ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନର ଶୁଭେଚ୍ଛା ଜଣାଇଥିଲେ। ଏହି ସାକ୍ଷାତକାର ରାଜନୈତିକ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ, ରକ୍ଷା ବନ୍ଧନର ଅବସର ଯୋଗୁଁ ଏହାର ଭାବନାତ୍ମକ ପକ୍ଷ ମଧ୍ୟ ସାମ୍ନାକୁ ଆସିଥିଲା। ସ୍ୱାଗତ ପରେ ସୁନେତ୍ରା ଶାହଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ବିଶେଷ ମୁହୂର୍ତ୍ତର ଫଟୋ ସୁନେତ୍ରା ପାୱାର ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି। ମୁମ୍ବାଇରେ ଅମିତ ଶାହଙ୍କୁ ସ୍ୱାଗତ କରିବା ସହ ରକ୍ଷାବନ୍ଧନର ପବିତ୍ର ଅବସରରେ ତାଙ୍କୁ ରାକ୍ଷୀ ବାନ୍ଧିଥିବା ନେଇ ସେ ଜଣାଇଥିଲେ। ମହାରାଷ୍ଟ୍ରର ବିକାଶ ଓ ଦେଶହିତ ସମ୍ପର୍କିତ ବିଷୟରେ ଅମିତ ଶାହଙ୍କ ମାର୍ଗଦର୍ଶନ ଓ ସହଯୋଗ ସବୁବେଳେ ପ୍ରେରଣାଦାୟକ ବୋଲି ସେ ନିଜ ବାର୍ତ୍ତାରେ ଉଲ୍ଲେଖ କରିଥିଲେ।

## ଭାରତ-ପାକ୍ ସୀମାନ୍ତରେ ପାକ୍ ଡ୍ରୋନ୍
## ନିୟନ୍ତ୍ରଣ ରେଖାରେ ବ୍ୟାପକ ସର୍ଚ୍ଚ ଅପରେସନ୍



ଶ୍ରୀନଗର, ୨୯।୮: ଜମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲା ସ୍ଥିତ ନିୟନ୍ତ୍ରଣ ରେଖା (ଏଲଓସି) ନିକଟବର୍ତ୍ତୀ ଅଞ୍ଚଳରେ ଏକ ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମେନ୍ଧର ସେକ୍ଟରର ବାଲାକୋଟ୍ ଅଞ୍ଚଳସ୍ଥିତ ବେହରୁଟି ଗ୍ରାମ ନିକଟରେ ଏହି ଡ୍ରୋନ୍ କାର୍ଯ୍ୟକଳାପ ଦେଖାଯାଇଥିଲା। ଏହି ଡ୍ରୋନଟି ମଙ୍ଗଳନାର-ଡବରୋଟ୍ ଅକ୍ଷ ଆଡ଼କୁ ଗତି କରିବା ପରେ ପୁନର୍ବାର ପାକିସ୍ତାନ ପଟକୁ ଫେରିଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହି ସନ୍ଦିଗ୍ଧ ଆକାଶମାର୍ଗୀୟ ଗତିବିଧି ପରେ ସୀମାନ୍ତରେ ଥିବା ସେନାବାହିନୀକୁ ହାଇ ଆଲର୍ଟରେ ରଖାଯାଇଛି। ଡ୍ରୋନ୍ ମାଧ୍ୟମରେ ସୀମା ପାରରୁ କୌଣସି ଅସ୍ତ୍ରଶସ୍ତ୍ର କିମ୍ବା ନିଶାଦ୍ରବ୍ୟ ଖସାଯାଇଛି କି ନାହିଁ, ସେ ନେଇ ଯାଞ୍ଚ କରିବା ପାଇଁ ଶନିବାର ସକାଳୁ ପୋଲିସ, ସେନା ଏବଂ ପାରାମିଲିଟାରୀ ଫୋର୍ସ ପକ୍ଷରୁ ମିଳିତ କୋମ୍ବିଂ ଅପରେସନ୍ ଜାରି ରହିଛି।

### ଚୀନ୍ ସେନାରେ ହଇଚଇ
## ୨ ଜେନେରାଲଙ୍କୁ ବହିଷ୍କାର



ବେଜିଂ, ୨୯।୮: ଚୀନର ସର୍ବୋଚ୍ଚ ସାମରିକ କମାଣ୍ଡରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନେତୃତ୍ୱରେ କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ରୁ ଦୁଇ ବରିଷ୍ଠ ଅଧିକାରୀ, ଝାଙ୍ଗ ୟୁକ୍ସିଆ ଏବଂ ଲିଉ ଜେନଲିଙ୍କୁ ହଟାଇ ଦିଆଯାଇଛି। ସରକାରୀ ସମାଚାର ଏଜେନ୍ସି ଜିନହୁଆ ଅନୁଯାୟୀ, ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ ପାଇଁ ଉଭୟଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ସେମାନଙ୍କୁ ହଟାଇବା ସହିତ, ସାତ ସଦସ୍ୟ ବିଶିଷ୍ଟ ସିଏମସିରେ ଏବେ କେବଳ ଦୁଇ ଜଣ ସକ୍ରିୟ ସଦସ୍ୟ ଅଛନ୍ତି, ଯେଉଁଥିରେ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଅଛନ୍ତି। ଏହି କାର୍ଯ୍ୟକୁ ଚୀନ ସେନା ମଧ୍ୟରେ ଦୀର୍ଘକାଳୀନ ଦୁର୍ନୀତି ବିରୋଧୀ ଅଭିଯାନର ଏକ ଅଂଶ ଭାବରେ ବିବେଚନା କରାଯାଉଛି।

### ନେପାଳ ବନ୍ୟା ବିପର୍ଯ୍ୟୟ
## ଲକର୍ ଲୁଟ୍ ଅଭିଯୋଗରେ ୨୯ ଗିରଫ

କାଠମାଣ୍ଡୁ, ୨୯।୮: ନେପାଳରେ ବନ୍ୟା ବିପର୍ଯ୍ୟୟର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ସୁରକ୍ଷାକର୍ମୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତ୍ରିଶୂଳୀ ନଦୀର ପ୍ରବଳ ସ୍ରୋତରେ ରସୁୱା ଓ ଉପରମୁଖୀ ଅଞ୍ଚଳରୁ ଭାସି ଆସିଥିବା ବ୍ୟାଙ୍କ ଲକରକୁ ଭାଙ୍ଗି ଟଙ୍କା ଲୁଟି ନେଉଥିବା ବେଳେ ୨୯ ଜଣଙ୍କୁ ଗିରଫ କରାଯାଇଛି। ସଶସ୍ତ୍ର ପୁଲିସ ବଳ (ଏପିଏଫ୍) ଏବଂ ନେପାଳ ପୁଲିସର ଏକ ମିଳିତ ଟିମ୍ ତଲାସି ଓ ପାଟ୍ରୋଲିଂ ସମୟରେ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ୯୨ ଲକ୍ଷ ୬୮ ହଜାର ୫୦୫ ନେପାଳୀ ଟଙ୍କା ଜବତ କରିଛି। ଗିରଫ ହୋଇଥିବା ସମସ୍ତ ୨୯ ଜଣଙ୍କୁ ଧାଡିଂ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ହେପାଜତରେ ରଖାଯାଇଛି।

### ବିହାର ଓ କାଶ୍ମୀର ପଣ୍ଡିତଙ୍କ ଉପରେ ମନ୍ତବ୍ୟ
## ପୁଣି ବିବାଦରେ ସମୟ ରୈନା

ମୁମ୍ବାଇ, ୨୯।୮: କମେଡିଆନ ସମୟ ରୈନା ଶୁକ୍ରବାର 'ଇଣ୍ଡିଆସ୍ ଗଟ୍ ଲାଟେଣ୍ଟ, ସିଜିନ୍ ୨' ର ଆଉ ଏକ ଏପିସୋଡ୍ ରିଲିଜ୍ କରିଛନ୍ତି, ଯାହାର କିଛି ଅଂଶ ପରେ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ରୈନା ଓ ଷ୍ଟାଣ୍ଡ-ଅପ୍ କମେଡିଆନ ଶାରୋନ୍ ବର୍ମାଙ୍କ ସହିତ ଏକ ଆଲୋଚନା ସମୟରେ ବିହାରର ଲୋକ ଓ କାଶ୍ମୀର ପଣ୍ଡିତମାନଙ୍କ ବିଷୟରେ କଥିତ ମନ୍ତବ୍ୟକୁ ନେଇ ବିବାଦ ହୋଇଛି।

# ଦୁର୍ନୀତି ପାଇଁ ସରକାର ଓ ବ୍ୟବସ୍ଥା ଦାୟୀ: ଯୋଶୀ

ନୂଆଦିଲ୍ଲୀ, ୨୯।୮: ପୂର୍ବତନ କେନ୍ଦ୍ର ମାନବ ସମ୍ବଳ ଓ ବିକାଶ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ମୁରଲୀ ମନୋହର ଯୋଶୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ନୀତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସେ ଶିକ୍ଷା ବଜେଟ ହ୍ରାସ, ସରକାରୀ ସ୍କୁଲ ବନ୍ଦ କରିବା, ଘରୋଇକରଣ, ପେପର ଲିକ୍ ଓ ଦୁର୍ନୀତି ସମ୍ପର୍କରେ ସରକାରଙ୍କ ପ୍ରାଥମିକତାକୁ କଡ଼ା ସମାଲୋଚନା କରିଛନ୍ତି। ଏକ ସାକ୍ଷାତକାରରେ, ସେ କେବଳ ପରୀକ୍ଷା ବ୍ୟବସ୍ଥାର ତ୍ରୁଟିକୁ ପେପର ଲିକ୍ ପାଇଁ ଦାୟୀ କରିବା ପରିବର୍ତ୍ତେ ଏହି ପ୍ରସଙ୍ଗକୁ ସମାଜ ଏବଂ ଶାସନରେ ବୃଦ୍ଧି ପାଉଥିବା ଦୁର୍ନୀତି ସହିତ ଯୋଡ଼ିଛନ୍ତି। ସେ କହିଛନ୍ତି,



ଯେତେବେଳେ ଲୋକମାନେ ସବୁଠି ଟଙ୍କା ଓ ଦୁର୍ନୀତି ଦେଖନ୍ତି, ସେମାନେ ମଧ୍ୟ ଭୁଲ ରାସ୍ତାର ସାହାରା ନିଅନ୍ତି ଏବଂ ଏଥିପାଇଁ ସରକାର ଏବଂ ବ୍ୟବସ୍ଥା ମୁଖ୍ୟତଃ ଦାୟୀ। ପେପର ଲିକ୍ ପ୍ରସଙ୍ଗରେ ସେ କହିଛନ୍ତି, ଏହାର ଏକ ବଡ଼ କାରଣ ହେଉଛି ଆମେ ଶିକ୍ଷା କ୍ଷେତ୍ରରେ କେଉଁଠାକୁ ଯିବାକୁ ଚାହୁଁଛୁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଶିକ୍ଷାକୁ ନିଯୁକ୍ତି ସହିତ ଯୋଡ଼ା ଯାଉଛି। ଶିକ୍ଷା ଅର୍ଥପୂର୍ଣ୍ଣ ହେବା ଉଚିତ୍। ଯଦି ଶିକ୍ଷା ଅର୍ଥପୂର୍ଣ୍ଣ ନୁହେଁ, ତେବେ ଏହା କି ପ୍ରକାରର ଶିକ୍ଷା ବୋଲି ପ୍ରଶ୍ନ କରି ସେ ବିଜେପିକୁ ସମାଲୋଚନା କରିଛନ୍ତି। ଆଜି ଦିଲ୍ଲୀର ପରିସ୍ଥିତି ଏପରି ହୋଇଛି, ଜଣେ ଏମଏ ପାସ କରିଥିବା ବ୍ୟକ୍ତି ନଗର ନିଗମରେ କାମ କରୁଛନ୍ତି ଏବଂ ଜଣେ ପିଏଚଡି ଡିଗ୍ରୀଧାରୀ ନଗର ନିଗମ କାର୍ଯ୍ୟାଳୟରେ କାମ କରୁଛନ୍ତି।

# ହିମାଳୟରେ ରହିଛି ୭୫୦୦ ହିମହ୍ରଦ

### ନେପାଳକୁ ଦେଖି ଭାରତର ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ, ୨୯।୮: ନେପାଳରେ ହିମବାହ ହ୍ରଦ ବିପର୍ଯ୍ୟୟ ପରେ ହିମାଳୟ ଅଞ୍ଚଳରେ ଥିବା ପ୍ରାୟ ୨୦୦ ଉଚ୍ଚ-ବିପଦପୂର୍ଣ୍ଣ ହିମବାହ ହ୍ରଦକୁ ନେଇ ଭାରତ ନିଜସ୍ୱ ରଣନୀତି ଓ ଏପରି ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଉପରେ ପୁନଃ ଆଲୋଚନା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ କରାଯାଇଥିବା ହିମବାହ ହ୍ରଦ ସର୍ଭେ ଅନୁଯାୟୀ, ହିମାଳୟ ପର୍ବତମାଳାରେ ପ୍ରାୟ ୭, ୫୦୦ ହିମବାହ ହ୍ରଦ ଅବସ୍ଥିତ। ଏହାର ୧୦% ସିକିମରେ ରହିଛି। ଏହା ଭାଙ୍ଗିବା ଦ୍ୱାରା ଏକ ବିରାଟ ଧରଣର କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ୩ ଅକ୍ଟୋବର ୨୦୨୩ରେ, ସିକିମର ଦକ୍ଷିଣ ଲହୋନାକ୍ ହ୍ରଦରେ ୧୪.୭ ଘନ ମିଟରର ହିମଶିଳା ପଥର ମଧ୍ୟରାତ୍ରିରେ ଧସି ପଡ଼ିଥିଲା। ଏହା ଯୋଗୁଁ ୨୦ ମିଟର ଉଚ୍ଚ



ବିସ୍ଥାପନ ତରଙ୍ଗ ସୃଷ୍ଟି କରିଥିଲା, ଯାହା ଫଳରେ ତଳମୁଣ୍ଡରେ ଥିବା ଅନେକ ଜଳ ବିଦ୍ୟୁତ୍ ଭିତ୍ତିଭୂମି ଏବଂ ଜନବସତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା।

ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ କୃଷ୍ଣ ଭାସ୍ର କହିଛନ୍ତି ଯେ ନେପାଳ ଘଟଣା ହିମାଳୟ ବିପର୍ଯ୍ୟୟ ବିପଦର ଏକ ନୂତନ ଦିଗକୁ ଦର୍ଶାଉଛି। ଯଦିଓ ଘଟଣାଗୁଡ଼ିକର ସଠିକ୍ କ୍ରମ ଏପର୍ଯ୍ୟନ୍ତ ବୈଜ୍ଞାନିକ ଭାବରେ ଘଟିବାରେ ଲାଗିଛି। ଭାରତର ଜାତୀୟ ଗ୍ଲାସିୟର ଲେକ୍ ଆଉଟବ୍ରଷ୍ଟ ଫ୍ଲଡ୍ ବିପଦ ହ୍ରାସ କାର୍ଯ୍ୟକ୍ରମ ୧୯୫ ବିପଦପୂର୍ଣ୍ଣ ହିମବାହ ହ୍ରଦକୁ ଚିହ୍ନଟ କରିଛି ଏବଂ ପାଞ୍ଚଟିକୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଘୋଷଣା କରି ମୂଲ୍ୟାୟନ, ତଦାରଖ, ପ୍ରାରମ୍ଭିକ ଚେତାବନୀ, ପ୍ରଶମନ, ସମ୍ପ୍ରଦାୟ ସଚେତନତା ଉପରେ ଗୁରୁତ୍ୱାରୋପ କରିଛି।

### ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବାଧା
## କଂଗ୍ରେସ ନେତା ଗିରଫ



ତିରୁବନନ୍ତପୁରମ୍, ୨୯।୮: କେରଳ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନଙ୍କ ସୁରକ୍ଷାଦଳକୁ ବାଧା ଦେବା ଅଭିଯୋଗରେ ତିରୁବନନ୍ତପୁରମ୍‌ରେ ପୁଲିସ ଜିଲ୍ଲା କଂଗ୍ରେସ କମିଟିର ନେତା ଅନିଲ କୁମାର ଓରଫ ଚେଛି ଅନିଙ୍କୁ ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟାରେ ଚେମ୍ପଜାଛିରେ ଶ୍ରୀ ନାରାୟଣ ଗୁରୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ପୁଲିସ ସୂଚନା ଅନୁଯାୟୀ ଚେଛିଙ୍କ ଦଳ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ଅଟକିବାକୁ ଇଙ୍ଗିତ କରିଥିଲେ। ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ଗାଡ଼ିରୁ ଓହ୍ଲାଇଥିଲେ। ସିସିଟିଭି ଫୁଟେଜରେ ସେ ଚେଛିଙ୍କ ସହ ଯୁକ୍ତିତର୍କ କରୁଥିବାର ଦେଖାଯାଉଛି। କିଛି ମିନିଟ୍ ଅଟକିବା ପରେ, ମୁଖ୍ୟମନ୍ତ୍ରୀ ତାଙ୍କ ଗାଡ଼ି ପାଖକୁ ଫେରି ଆସିଥିଲେ ଏବଂ ଗନ୍ତବ୍ୟ ପଥରେ ଯାଇଥିଲେ। ପୁଲିସ କହିଛି, ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ଚେଛିଙ୍କ ନାମ ଉଲ୍ଲେଖ କରାଯାଇ ନଥିଲା। ତାଙ୍କୁ ଅଟକ ରଖାଯାଇ ଶ୍ରୀକାର୍ଯ୍ୟମ୍ ପୁଲିସ ଷ୍ଟେସନକୁ ନିଆଯାଇଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ଦଣ୍ଡ ସଂହିତାର ଧାରା ଅନୁଯାୟୀ ତାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଛି।

### ନେପାଳ ସହାୟତା ପାଇଁ ଏକଜୁଟ ସରକାର ଓ ବିରୋଧୀ
## ମୋଦିଙ୍କୁ ଚିଠି ଲେଖିଲେ ଖାର୍ଗେ



ନୂଆଦିଲ୍ଲୀ, ୨୯।୮: ମହା ଜଳପ୍ରଳୟ ପରେ ଭାରତ ପଡ଼ୋଶୀ ନେପାଳକୁ ରିଲିଫ୍ ଏବଂ ସହାୟତା ଯୋଗାଇବାରେ ନିୟୋଜିତ ଅଛି। ଭାରତ ଏପର୍ଯ୍ୟନ୍ତ ୪୦ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛି। ଏହି ସମୟରେ, କଂଗ୍ରେସ ଦଳ ମଧ୍ୟ ନେପାଳ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକାଶ କରିଛି।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ସେ ନେପାଳରେ ଫସି ରହିଥିବା ଭାରତୀୟମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଓ ନେପାଳକୁ ମାନବୀୟ ସହାୟତା ପଠାଇବାକୁ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଖାର୍ଗେ କହିଛନ୍ତି, ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁଁ ସେ ଗଭୀର ଚିନ୍ତିତ, ଯାହାର ପ୍ରଭାବରେ ବ୍ୟାପକ ଧନଜୀବନ ହାନି ହୋଇଛି।

ବନ୍ୟା ପ୍ରଭାବିତ ଲୋକଙ୍କୁ ପର୍ଯ୍ୟାପ୍ତ ମାନବିକ ଏବଂ ରିଲିଫ୍ ସହାୟତା ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନେପାଳ ସରକାରଙ୍କ ସହିତ କାମ କରିବାକୁ ଖାର୍ଗେ ଅନୁରୋଧ କରିଛନ୍ତି। ବନ୍ୟା ଯୋଗୁଁ ନେପାଳର ବିଭିନ୍ନ ସ୍ଥାନରେ ଅନେକ ଭାରତୀୟ ନାଗରିକ ଫସି ରହିଥିବା ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି।

# ନ୍ୟୁୟର୍କରେ ପହଞ୍ଚିଲେ ମୋହନ ଭାଗବତ

### ଫେଲ୍ ମାରିଲା ମମଦାନୀଙ୍କ ବିରୋଧ

ନୂଆଦିଲ୍ଲୀ, ୨୯।୮: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଶନିବାର ନ୍ୟୁୟର୍କର ମୋଡିସନ୍ ସ୍କୋୟାର ଗାର୍ଡେନର ଇନଫୋସିସ୍ ଥିଏଟରରେ ସମ୍ବୋଧନ କରିବେ। ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ସ୍ତରରେ ରାଜନୈତିକ ଛବି ତିଆରି କରିବାର ମାଷ୍ଟର କ୍ଲାସ ଭାବରେ ଦେଖାଯାଉଛି। ମୋହନ ଭାଗବତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ପ୍ରବାସୀ ଭାରତୀୟ ସାମିଲ ହେବେ। ଆମେରିକାରେ ଥିବା ଲକ୍ଷାଧିକ



ଭାରତୀୟଙ୍କର ଏହା ଉପରେ ନଜର ରହିବ।

ମୋହନ ଭାଗବତ ଆମେରିକା ଗସ୍ତକୁ ନେଇ ହେଉଥିବା ବିରୋଧ ଏହି କାର୍ଯ୍ୟକ୍ରମର ରାଜନୈତିକ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଆମେରିକାରେ ୬୦ରୁ ଅଧିକ ରାଜନୈତିକ ଓ ଧାର୍ମିକ ସଂଗଠନ ଏହି କାର୍ଯ୍ୟକ୍ରମର ବିରୋଧ କରିଛନ୍ତି। ସଡ଼କରୁ ଆରମ୍ଭ ହୋଇଥିବା ବିବାଦ ନ୍ୟୁୟର୍କ ସିଟିରେ ପହଞ୍ଚିଛି। ତେବେ ନ୍ୟୁୟର୍କର ପ୍ରଥମ ମୁସଲମାନ ଓ ଭାରତୀୟ ବଂଶୋଦ୍ଭବ ମେୟର ଜୋହରାନ ମମଦାନୀ ଏହାର ସାର୍ବଜନୀକ ବିରୋଧ କରିଛନ୍ତି। ମମଦାନି ଆରଏସଏସ୍‌କୁ ଭେଦଭାବ ପୂର୍ଣ୍ଣ ଶକ୍ତି ବୋଲି କହିଛନ୍ତି। ଏହା ସହ ଏହାକୁ ରଦ୍ଦ କରିବା ତାଙ୍କ ଅଧିକାର ସୀମାରେ ନାହିଁ ବୋଲି କହିଛନ୍ତି।

### ଭିସା ବାତିଲ
## ଜଳ ପ୍ରଳୟରୁ ବଞ୍ଚିଗଲେ ମହିଳା

ନୂଆଦିଲ୍ଲୀ, ୨୯।୮: ପବିତ୍ର କୈଳାସ ମାନସରୋବର ଯାତ୍ରା ଲାଗି ବାହାରିଥିବା କୋଲକାତାର ଜଣେ ମହିଳା ଚୀନ୍ ଭିସା କରିଥିଲେ। ଟୁର୍‌କୁ ନେଇ ବହୁତ ଖୁସିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ଭିସା ବାତିଲ ହୋଇଯାଇଥିଲା। ମନ ଦୁଃଖ କରିଥିଲେ। ତେବେ ସେଥିଯୋଗୁଁ ତାଙ୍କର ଜୀବନ ବର୍ତ୍ତି ଯାଇଛି। ନେପାଳ-ତିବ୍ବତ ସୀମାରେ ବନ୍ୟା ପରେ କୈଳାସ ମାନସରୋବର ଯାତ୍ରା ପାଇଁ ଚୀନ୍ ଯାଇଥିବା ତାଙ୍କ ଗ୍ରୁପ୍‌ର ୩୩ ସଦସ୍ୟ ନିଖୋଜ ଅଛନ୍ତି। ତାପସୀ ସିଂ(୬୧)କୋଲକାତାର ଏକ ଟ୍ରାଭେଲ ଏଜେନ୍ସି ମାଧ୍ୟମରେ ୧୩ ଦିନିଆ କୈଳାସ ମାନସରୋବର ଯାତ୍ରାରେ ଯିବା ଲାଗି ଗତ ମେ ମାସରୁ ପ୍ରସ୍ତୁତି କରୁଥିଲେ। କିନ୍ତୁ ଯାତ୍ରା ଆରମ୍ଭ କରିବାର ମାତ୍ର କିଛି ଦିନ ପୂର୍ବରୁ ନିକଟରେ ତାଙ୍କର ଚୀନ୍ ଭିସା ଖାରଜ ହୋଇଗଲା।

# ଜୀବନ-ଜୀବିକାକୁ ପ୍ରଭାବିତ କରିଛି ଜଳବାୟୁ ପରିବର୍ତ୍ତନ

### ମୁଡ୍ ଅଫ୍ ଦି ନେସନ୍ ସର୍ଭେ

ନୂଆଦିଲ୍ଲୀ, ୨୯।୮: ଜଳବାୟୁ ପରିବର୍ତ୍ତନ ଅଧିକାଂଶ ଭାରତୀୟଙ୍କ ପାଇଁ ଆଉ ଦୂର ପରିବେଶ ସମସ୍ୟା ହୋଇ ନାହିଁ। ସଦ୍ୟତମ ଇଣ୍ଡିଆ ଟୁଡେ-ସିଭୋଟର୍ ମୁଡ୍ ଅଫ୍ ଦ ନେସନ୍ ସର୍ଭେ ଅନୁସାରେ, ପ୍ରତି ୪ ଜଣଙ୍କ ମଧ୍ୟରେ ୩ରୁ ଅଧିକ ଲୋକ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିଛି। ସର୍ଭେରେ ସାମିଲ ଅଧାରୁ ଅଧିକ ଲୋକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା କହିଛନ୍ତି। ସେହିପରି ୪ ଣଜଙ୍କ ମଧ୍ୟରୁ ଜଣେ କିଛି ମାତ୍ରାରେ ପ୍ରଭାବିତ ବୋଲି କହିଛନ୍ତି।

ସର୍ଭେରେ ସାମିଲ ୫୨.୭% ଲୋକ କହିଲେ, ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନ ବା ଜୀବିକା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ୨୫% କହିଲେ, ସେମାନେ କମ୍ ପ୍ରଭାବିତ ହୋଇଛନ୍ତି। ପ୍ରାୟ



୧୦ ଜଣଙ୍କ ମଧ୍ୟରୁ ୮ ଜଣ କହିଲେ, କେତେକ କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନ ସେମାନଙ୍କୁ ପ୍ରଭାବିତ କରିଛି। ମାତ୍ର ୮.୬% କହିଲେ, ଏହା ସେମାନଙ୍କ ଜୀବନ କିମ୍ବା ଜୀବିକା ଉପରେ ପ୍ରଭାବ ପକାଇ ନାହିଁ। ସର୍ଭେରେ ସାମିଲ ଅଧିକାଂଶ ଲୋକଙ୍କ ବିଶ୍ୱାସ ଯେ ପରିବେଶର ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉଛି। ୧୦ ଜଣଙ୍କ ମଧ୍ୟରୁ ପ୍ରାୟ ୬ ଜଣ ବା ୫୯%ଙ୍କର ଏପରି ଧାରଣା। ଅନ୍ୟପକ୍ଷେ, ୩୪.୪% ଏଥିରେ ଏକମତ ନୁହନ୍ତି। ଅନ୍ୟ ୬.୭% ଏ ବିଷୟରେ ଜାଣିନଥିଲେ କିମ୍ବା ଉତ୍ତର ଦେଇନଥିଲେ। ଏହି ଦୃଶ୍ୟ ୨୦୨୬ରେ ମୋଟାମୋଟି ସ୍ଥିର ରହିଛି। ଗତ ଜାନୁଆରୀରେ ୫୯.୬% କହିଥିଲେ, ପରିବେଶ ପାଇଁ ଯଥେଷ୍ଟ କାର୍ଯ୍ୟ କରାଯାଉଛି। ଚଳିତ ଅଗଷ୍ଟରେ ୫୯% ପ୍ରତିଶତ ଏହାକୁ ଦୋହରାଇଛନ୍ତି। 'ନା'ରେ ଉତ୍ତର ଦେଇଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଆପାତତଃ ସମାନ। ଜାନୁଆରୀରେ ୩୪.୨% ଏଥିରେ ଏକମତ ନ ଥିଲେ, ଅଗଷ୍ଟରେ ୩୪.୪% ପ୍ରତିଶତ ସମାନ କଥା ଦୋହରାଇଛନ୍ତି।

ବିଶ୍ୱରେ ବନାଗ୍ନି, ଭୟଙ୍କର ହିଟ୍‌ୱେଭ୍ ଓ ମହାସାଗର ତାପମାତ୍ରାରେ ରେକର୍ଡ ବୃଦ୍ଧି ଯୋଗୁଁ ୨୦୨୬ ସବୁଠୁ ଉତ୍ତପ୍ତ ବର୍ଷ ହେବାର ଚିନ୍ତା ବଢ଼ାଇଛି। ବୈଜ୍ଞାନିକଙ୍କ ଅନୁସାରେ, ମାନବକୃତ ବିଶ୍ୱ ଉତ୍ତାପନ ଓ ଏଲ୍ ନିନୋ ଶକ୍ତିଶାଳୀ ହେଉଥିବାରୁ ୨୦୨୪କୁ ୨୦୨୬ ଟପିଯିବାର ଆଶଙ୍କା ଅଧିକ। ତଥାପି ଅନେକ ବୈଜ୍ଞାନିକଙ୍କ ଆଶଙ୍କା ଯେ ୨୦୨୭ ଅଧିକ ଗରମ ବର୍ଷ ହେବ। ଏଲ୍ ନିନୋ ବିଶ୍ୱ ତାପମାତ୍ରାକୁ ଆହୁରି ବଢ଼ାଇବ ଏବଂ ଚରମ ଜଳବାୟୁ ପରିବର୍ତ୍ତନର କାରଣ ହେବ।

# କୃତୀ କ୍ରୀଡ଼ାବିତଙ୍କୁ ଡିଜିଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ସ୍ଥାନୀୟ ଡିଜିପି କ୍ୟାମ୍ପ ଅଫିସଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କୃତୀ ଖେଳାଳିମାନଙ୍କୁ ସମ୍ମାନିତ କରିଛନ୍ତି। ଓଡ଼ିଶା ପୁଲିସର ଏହି କ୍ରୀଡ଼ାବିତମାନେ ଜାତୀୟ ସ୍ତରର କାୟାକିଂ ଓ କାନୋଇଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟ ତଥା ଓଡ଼ିଶା ପୁଲିସ ପାଇଁ ଗୌରବ ଆଣିଛନ୍ତି। ଡିଜିପି ଶ୍ରୀ ମିଶ୍ର କ୍ରୀଡ଼ାବିତମାନଙ୍କ ନିଷ୍ଠା, ପରିଶ୍ରମ ଓ ଉତ୍କର୍ଷର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପୁଲିସର ସୁନାମ ବଢ଼ାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ଗତ ୮ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ହୋଇଥିବା ଅଖିଳ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ୍-୨୦୨୬ରେ ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଡବ୍ଲ୍ୟୁସି/୧୩୬୬ ରଶ୍ମିତା ସାହୁ ୩ଟି ପଦକ ହାସଲ କରିଛନ୍ତି। ସେ କାନୋଇଂ ସିଙ୍ଗଲ୍ ୧ ହଜାର ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଡବ୍ଲ୍ୟୁସି/୩୯୧ ସବିତା ବେହେରା ମଧ୍ୟ ୩ଟି ପଦକ ହାସଲ କରିଛନ୍ତି। ସେ କାନୋଇଂ-୪ର ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଡବ୍ଲ୍ୟୁସି/୩୨୨ ଫୁଲମଣି ଖାଖା କାୟାକିଂ-୨ ୨୦୦ ମିଟରରେ ରୌପ୍ୟ ଏବଂ ସିଙ୍ଗଲ୍ ୧୦୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପୁଲିସ ପାଇଁ ଗୌରବ ଆଣିଛନ୍ତି।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁଣି ଲଘୁଚାପ

# ୬ ଜିଲ୍ଲାରେ ଅତିପ୍ରବଳ ବର୍ଷା!

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉପକୂଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ୫ଟା ୩୦ରେ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଥିବାର ଜଣାପଡ଼ିଛି। ଆଗାମୀ ୪୮ ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଏହା ଗତି କରିବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଗତି କରିବ ବୋଲି ଆକଳନ କରାଯାଉଛି। ଏହା ପ୍ରଭାବରେ ଆସନ୍ତା ୬ ଦିନ ଅର୍ଥାତ୍ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଏନେଇ ଉକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି ଯାଜପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଓ ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଏହାଛଡ଼ା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲା ପାଇଁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ସିଗାରେଟ୍ ଧୂଆଁ ପାଇଁ ଚାକିରି ଛାଡ଼ିଲେ ଯୁବତୀ



ବେଙ୍ଗାଲୁରୁ, ୨୯।୮: କର୍ପୋରେଟ୍ ଦୁନିଆରେ କର୍ମଚାରୀମାନେ ପ୍ରାୟତଃ ଦରମା, ୱାର୍କ ଲାଇଫ୍ ବାଲାନ୍ସ ଓ ଟକ୍ସିକ୍ କଲଚର ପାଇଁ ଚାକିରି ଛାଡ଼ନ୍ତି। ହେଲେ ସୋସିଆଲ ମିଡିଆରେ ଏବେ ଏକ ଅଲଗ ଇସ୍ତଫାପତ୍ର ଭାଇରାଲ୍ ହେଉଛି। ଜାହ୍ନବୀ ବାଡ଼ୁଆ ନାମକ ବେଙ୍ଗାଲୁରୁରେ ଜଣେ ଯୁବତୀ ସିଗାରେଟ୍ ଗନ୍ଧ ସହିନପାରି ଚାକିରି ଛାଡ଼ିଛନ୍ତି। ସେ ନିଜ ଇସ୍ତଫା ଇମେଲ୍‌ର ସ୍କ୍ରିନସଟ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରିଛନ୍ତି, ଯାହା ଏବେ ଖୁବ୍ ଭାଇରାଲ ହେଉଛି। ପୋଷ୍ଟକୁ ୫୬ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ଜାହ୍ନବୀ ଏକ୍ସରେ ଇସ୍ତଫା ଦେବାର କାରଣ କହିଛନ୍ତି। ସେ ଲେଖିଛନ୍ତି ଯେ, ଯେଉଁ ଲବିରେ ସେ କାମ କରୁଥିଲେ, ସିଗାରେଟ୍ ଧୂଆଁ ସେପର୍ଯ୍ୟନ୍ତ ଆସୁଥିଲା। ଏହି ପରିବେଶରେ ନିଜକୁ ସମ୍ଭାଳିବାକୁ ସେ ଖୁବ୍ ଚେଷ୍ଟା କଲେ, କିନ୍ତୁ ପାରିଲେନି। ଶେଷରେ ଚାକିରି ଛାଡ଼ିବାକୁ ସେ ନିଷ୍ପତ୍ତି ନେଲେ।

## କିଭ୍‌ରେ ରୁଷର ଧ୍ୱଂସଲୀଳା: ୨୭ ମୃତ

କିଭ୍, ୨୯।୮: ୟୁକ୍ରେନର ରାଜଧାନୀ କିଭ୍ ଉପରେ ରୁଷ ପ୍ରଚଣ୍ଡ ଆକ୍ରମଣ କରିଛି। କିଭ୍‌ର ବୁଚା ଜିଲ୍ଲାରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ତିମୁର ତକାଚେଙ୍କୋଙ୍କ ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ୫୦ରୁ ଅଧିକ କୋଠା କ୍ଷତିଗ୍ରସ୍ତ ହୋଇଛି। ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଗାଁ ଓ ସେଣ୍ଟେଶାଣ୍ଟ୍‌କୁ ବ୍ୟାପିଯାଇଥିଲା। ଲଗାତାର ଆକ୍ରମଣ ଯୋଗୁଁ ଲୋକମାନେ ଭୟଭୀତ ହୋଇ ରହିଛନ୍ତି। ଶୁକ୍ରବାର ମଧ୍ୟ ରୁଷ ସେନା କିଭ୍ ଓ ଏହାର ଆଖପାଖ ଅଞ୍ଚଳରେ ଡ୍ରୋନ ଆଟାକ୍ କରିଥିଲା। ବର୍ତ୍ତମାନ ସୁଦ୍ଧା ୩୭୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି।

## ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଅର୍ଥାତ୍ ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଉକ୍ତଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସୋମବାର ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣି ଶିବିର ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି।

● କେଏମ୍‌ସିରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

## ଓଡ଼ିଶା ଜନତା କଂଗ୍ରେସର ଜନସଚେତନତା ର‍୍ୟାଲି

କଟକ,୨୯।୮(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମ୍‌ସି)ରେ ଚାଲିଥିବା ବ୍ୟାପକ ଅନିୟମିତତା, ଦୁର୍ନୀତି ଓ ସହରର ବିଭିନ୍ନ ନାଗରିକ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ଜନସଚେତନତା ର‍୍ୟାଲି ଅନୁଷ୍ଠିତ ହୋଇଛି। କଟକ ସହର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ସ୍ଥାନୀୟ ବକ୍ସି ବଜାରସ୍ଥିତ ଗୋପବନ୍ଧୁ ବାଗରୁ ବାହାରି ସହରର ପ୍ରମୁଖ ରାସ୍ତା ପରିକ୍ରମା କରିବା ସହ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ପୌର କର୍ତ୍ତୃପକ୍ଷଙ୍କ ବିଫଳତା ଓ ଜନବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ। ର‍୍ୟାଲି ଅବସରରେ ଦଳ ପକ୍ଷରୁ କେଏମ୍‌ସିର ବିଭିନ୍ନ ବିଭାଗରେ ହେଉଥିବା ଅନିୟମିତତାର ଭିଜିଲାନ୍ସ ତଦନ୍ତ ସହ ଜନସ୍ୱାର୍ଥ ସମ୍ବଳିତ ଏକାଧିକ ଦାବି ଉପସ୍ଥାପନ କରାଯାଇଛି। ବିଶେଷକରି ଓପନ୍ ଜିମ୍ ଯନ୍ତ୍ରାଂଶ କିଣିବାରେ ହୋଇଥିବା ଦୁର୍ନୀତିର ତୁରନ୍ତ ତଦନ୍ତ, ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର, ହୋଲ୍ଡିଂ ଟେକ୍ସର କାର୍ଯ୍ୟକାରୀ କରିବା ଏବଂ ବୁଲା କୁକୁର ଓ ଷଣ୍ଢ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆହ୍ୱାନ ଦିଆଯାଇଛି। ଏହାଛଡ଼ା ରାସ୍ତାଘାଟରେ ଅଚଳ ହୋଇଥିବା ଷ୍ଟ୍ରିଟ୍ ଲାଇଟ୍, ହାଇମାଷ୍ଟ ଓ ସେମି-ହାଇମାଷ୍ଟ ଲାଇଟ୍‌ଗୁଡ଼ିକୁ ତୁରନ୍ତ ମରାମତି କରିବା, ଡ୍ରେନ୍ ସଫେଇ ନାଁରେ ଚାଲିଥିବା ଅର୍ଥ ହରିଲୁଟ୍‌କୁ ବନ୍ଦ କରି କୃତ୍ରିମ ବନ୍ୟା ଦାଉରୁ କଟକବାସୀଙ୍କୁ ରକ୍ଷା କରିବା ଏବଂ ଜନ୍ମ-ମୃତ୍ୟୁ ପଞ୍ଜୀକରଣ ବିଭାଗକୁ ଦଲାଲମୁକ୍ତ କରିବାକୁ ଦାବି କରାଯାଇଛି। ଏହି ଅବସରରେ ମଶା ତେଲ କିଣା ଓ ସ୍ପ୍ରେ ନାଁରେ ହେଉଥିବା ବ୍ୟାପକ ଅନିୟମିତତାକୁ ରୋକିବା ସହ ଐତିହାସିକ ଡିଅର୍ ପାର୍କ ଓ ଅନ୍ୟାନ୍ୟ ସହରୀ ପାର୍କଗୁଡ଼ିକର ପୁନରୁଦ୍ଧାର ଓ ସବୁଜିକରଣ ଉପରେ ଗୁରୁତ୍ୱ ଦିଆଯାଇଛି।

### ବଢ଼ିଲା 'ଏଭରେଷ୍ଟ' ଅଡୁଆ

# ହିଙ୍ଗୁ ବିକ୍ରି ଉପରେ କଟକଣା, ଅନ୍ୟ ଉତ୍ପାଦ ଉପରେ ନଜର

ନୂଆଦିଲ୍ଲୀ, ୨୯।୮: ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଦେଶର ପ୍ରସିଦ୍ଧ ମସଲା ଉତ୍ପାଦନକାରୀ କମ୍ପାନୀ ଏଭରେଷ୍ଟ ଫୁଡ୍ ପ୍ରଡକ୍ଟସ୍ ଓ ଲାଲଜୀ ଗୋଧୁ ଦ୍ୱାରା ଉତ୍ପାଦିତ ହେଙ୍ଗୁର ବିକ୍ରି ଉପରେ ଅସ୍ଥାୟୀ ଭାବେ କଟକଣା ଲଗାଇଛନ୍ତି। ପ୍ରଡକ୍ଟଗୁଡ଼ିକର ଲାବୋରେଟୋରି ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଉତ୍ପାଦକଗୁଡ଼ିକ ନିମ୍ନମାନର ଜଣାପଡ଼ିବା ପରେ ପ୍ରାଧିକରଣ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କମ୍ପାନୀଗୁଡ଼ିକୁ ନିୟମର ଉଲ୍ଲଂଘନ ବିଷୟରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଥିବା ବେଳେ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ସେମାନେ କିପରି ପାଳନ କରିବେ ସେ ବିଷୟରେ ବିସ୍ତୃତ କାର୍ଯ୍ୟ ଯୋଜନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବିକ୍ରି ଉଦ୍ଦେଶ୍ୟରେ ଉପଲବ୍ଧ ହୋଇସାରିଥିବା ନିମ୍ନମାନର ଉତ୍ପାଦଗୁଡ଼ିକୁ ସ୍ୱଇଚ୍ଛାରେ ବଜାରରୁ ପ୍ରତ୍ୟାହାର କରି ଆଣିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ପ୍ରାଧିକରଣ କହିଛି ଯେ ଏହା ଏକ ଅସ୍ଥାୟୀ ନିଷେଧାଦେଶ। କମ୍ପାନୀଦ୍ୱୟ ଯେତେଦିନ ଯାଏ ନିୟମ ପାଳନ କରିନାହାନ୍ତି, ସେତେଦିନଯାଏ ସେମାନଙ୍କ ଉତ୍ପାଦର ବିକ୍ରି ଉପରେ କଟକଣା ବଳବତ୍ତର ରହିବ।




ହେଙ୍ଗୁକୁ ଛାଡ଼ି ଏଭରେଷ୍ଟର ଅନ୍ୟ ତିନି ମସଲା ଯଥା ଏଗ୍-କରି ମସଲା, ଚିକେନ ମସଲା ଓ ଗରମ ମସଲାରେ ମଧ୍ୟ ଅଣ-ଅନୁପାଳନ ଚିହ୍ନଟ କରାଯାଇଛି। ତେବେ ଏହି ତିନୋଟି ମସଲା-ଉତ୍ପାଦର ବିକ୍ରିକୁ ନିଷେଧ କରାଯାଇନାହିଁ।

ପ୍ରାଧିକରଣ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଜଣେ ଖାଉଟିଙ୍କ ଅଭିଯୋଗ ପରେ ପ୍ରମୁଖ ହେଙ୍ଗୁ ବ୍ରାଣ୍ଡଗୁଡ଼ିକରେ ତଦାରଖ କରିବା ଆରମ୍ଭ କରାଯାଇଥିଲା। ମୁମ୍ବାଇରେ ଥିବା କମ୍ପାନୀଗୁଡ଼ିକର ଉତ୍ପାଦନ ୟୁନିଟ୍ ଓ ଗୁଜରାଟର ଉମ୍ବରଗାଓଁରେ ଥିବା ଏଭରେଷ୍ଟର ଉତ୍ପାଦନ ୟୁନିଟ୍‌ରୁ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା। ସଂଗୃହିତ ନମୁନାଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିଲେ।

ବର୍ତ୍ତମାନର ନିୟମ ଅନୁସାରେ ମିଶ୍ରିତ ହେଙ୍ଗୁ (କମ୍ପାଉଣ୍ଡେଡ ହେଙ୍ଗୁ)ରେ ଅତିକମ୍‌ରେ ୫ ପ୍ରତିଶତ ଆଲକୋହଲ-ଦ୍ରବଣୀୟ ଏକ୍ସଟ୍ରାକ୍ଟ ରହିବା ନିହାତି ଆବଶ୍ୟ। କମ୍ପାଉଣ୍ଡେଡ ହେଙ୍ଗୁ ହେଉଛି ଦୈନନ୍ଦିନ ବ୍ୟବହାର ପାଇଁ ଖାଦ୍ୟୋପଯୋଗୀ ଷ୍ଟାର୍ଚ କିମ୍ବା ମଇଦାର ଏକ ମିଶ୍ରିତ ପାଉଡର। ମାତ୍ର ପରୀକ୍ଷାରୁ ବଜାରରେ ଉପଲବ୍ଧ ହେଙ୍ଗୁରେ ମାତ୍ର ୦ରୁ ୩ ପ୍ରତିଶତ ଆଲକୋହଲ-ଦ୍ରବଣୀୟ ଏକ୍ସଟ୍ରାକ୍ଟ ଥିବା ଜଣାପଡ଼ିଥିଲା। ଏହାର ଅର୍ଥ ଉତ୍ପାଦନକାରୀଗୁଡ଼ିକ ଆବଶ୍ୟକତାଠାରୁ ୩୦ରୁ ୪୦ ପ୍ରତିଶତ କମ୍ କଞ୍ଚା ହେଙ୍ଗୁ ବ୍ୟବହାର କରୁଛନ୍ତି ବୋଲି ସୁରକ୍ଷା ନିୟାମକ ଦର୍ଶାଇଛି। ସେହିପରି, ଲାଲଜୀ ଗୋଧୁ ଉତ୍ପାଦନ ୟୁନିଟ୍‌ରୁ ଯେଉଁ ୬ ପ୍ରକାରର କଞ୍ଚା ହେଙ୍ଗୁ ସଂଗ୍ରହ କରାଯାଇଛି ସେସବୁରେ ୧୫ରୁ ୩୨ ପ୍ରତିଶତ ଷ୍ଟାର୍ଚ ମିଳିଛି। ଏହା ଅନୁମୋଦିତ ସର୍ବାଧିକ ୧ ପ୍ରତିଶତଠାରୁ ଯଥେଷ୍ଟ ଅଧିକ।

ଫସାଇ ଆହୁରି କହିଛି ଯେ, ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଖାଦ୍ୟ ପ୍ୟାକେଟ ଉପରେ ଉଜ୍ଜ୍ୱଳ ଲାଲ୍ ରଙ୍ଗର ଏକ ଷଡ଼ଭୁଜ 'ୱାର୍ଣ୍ଣିଂ ଲେବଲ' ରହିବ, ଯେଉଁଥିରେ ବିକ୍ରିଯୋଗ୍ୟ ଉତ୍ପାଦରେ କେତେ ପରିମାଣରେ ଅଧିକ ସୁଗାର, ସଲ୍ଟ ତଥା ସାଚୁରେଟେଡ୍ ଫ୍ୟାଟ୍ ରହିଛି ତାହା ଖାଉଟି ସହଜରେ ଜାଣିପାରିବ।

# ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ, ୨ ଗିରଫ

ଛତ୍ରପୁର,୨୯।୮(ସଂଚାର ବ୍ୟୁରୋ): ଚୋରି ଘଟଣାରେ ରମ୍ଭା ଥାନା ପୁଲିସକୁ ସଫଳତା ମିଳିଛି। ଚୋରି ଉଦ୍ୟମ ଅଭିଯୋଗରେ ପୁଲିସ ଦୁଇ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୬ଟି ମୋବାଇଲ ଫୋନ୍ ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରମ୍ଭା ଥାନା ଅଧୀନସ୍ଥ ବାଲସିଂହପଲ୍ଲୀ ଗାଁର ଅରୁଣ କୁମାର ଦାସ (୨୦) ଓ ମନୋଜ ଦାସ (୨୨)।

ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ଗତକାଲି ଭୋର ପ୍ରାୟ ୩ଟାରେ କାର୍ତ୍ତିକଡିହ ଗାଁର ଜି. ଚୁନା ରେଡ୍ଡୀଙ୍କ ପରିବାର ଘରେ ଶୋଇଥିବା ସମୟରେ କିଛି ଶବ୍ଦ ଶୁଣିବାକୁ ପାଇଥିଲେ। ସନ୍ଦେହ ହେବାରୁ ପରିବାର ଲୋକେ ବାହାରକୁ ଆସି ଦେଖିବା ବେଳକୁ ଲାଲ ଶାର୍ଟ ପିନ୍ଧିଥିବା ଜଣେ ଯୁବକ ଦୌଡ଼ି ପଳାଉଥିଲେ। ଏହା ଦେଖି ପରିବାର ଲୋକେ ପାଟି କରିବାରୁ ଗ୍ରାମବାସୀ ଏକାଠି ହୋଇ ଉକ୍ତ ଯୁବକଙ୍କୁ ଖୋଜିଥିଲେ। ପରେ ଅରୁଣଙ୍କୁ କାବୁ କରି ସେମାନେ ରମ୍ଭା ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ। ଅରୁଣଙ୍କୁ ପଚରାଉଚରା ପରେ ତାଙ୍କ ସହଯୋଗୀ ମନୋଜ ଦାସଙ୍କ ସମ୍ପୃକ୍ତି ନେଇ ପୁଲିସ ଜାଣିବାକୁ ପାଇଥିଲା। ତଦନ୍ତରୁ ଉଭୟେ ବିଭିନ୍ନ ସ୍ଥାନରେ ଚୋରି, ମୋବାଇଲ ଛଡ଼ାଇନେବା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ସେଗୁଡ଼ିକୁ ବିକ୍ରି କରୁଥିବା ଜଣାପଡ଼ିଥିବା ପୁଲିସ କହିଛି। ଚୋରି କରି ଅଧିକ ଟଙ୍କା ପାଇବା ଆଶାରେ ସେମାନେ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିକଟରୁ ୧୬ଟି ମୋବାଇଲ ଫୋନ୍, ଗୋଟିଏ ହାଲୋଜେନ୍ ଲାଇଟ୍, ଦୁଇଟି ସାଇକେଲ, ଗୋଟିଏ ଡିଜିଟାଲ ଅଡିଓ ପ୍ଲେୟର, ଗୋଟିଏ ଛୋଟ ଫ୍ୟାନ୍, ଗୋଟିଏ ମିକ୍ସର ଆମ୍ପ୍ଲିଫାୟର, ଗୋଟିଏ ମେଗାଫୋନ୍ ଓ ଦୁଇଟି ସ୍ପିକର ଜବତ କରାଯାଇଛି। ଏନେଇ ରମ୍ଭା ଥାନାରେ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ଗତକାଲି ମଧ୍ୟ ରାତ୍ର ପ୍ରାୟ ୨ଟାରେ ଗିରଫ କରାଯାଇଛି। ଏ ସମ୍ପର୍କରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ସବିଶେଷ ସୂଚନା ଦେଇଛନ୍ତି। ରମ୍ଭା ଥାନାଧିକାରୀ କୁମାର ମୁଦୁଲିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି।

# ଆର୍‌ଟିଓ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ

### ଜଳିଗଲା ଗୁରୁତ୍ୱପୂର୍ଣ୍ଣ ଫାଇଲ୍, ଆସବାବପତ୍ର

ପାରଳାଖେମୁଣ୍ଡି, ୨୯।୮ (ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ। ଶନିବାର ପୂର୍ବାହ୍ଣ ପ୍ରାୟ ୯ଟା ୩୦ ସମୟରେ ପାରଳାଖେମୁଣ୍ଡିସ୍ଥିତ ଗଜପତି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ହଠାତ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର ବହୁ ଅଂଶ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଫାଇଲ୍ ଓ ଆସବାବପତ୍ର ପୋଡ଼ି ଯାଇଛି। ନିଆଁ ଲାଗିବା ନେଇ ସୂଚନା ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାୟ ଦେଢ଼ ଘଣ୍ଟା ଧରି ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏବେବି ଅସ୍ପଷ୍ଟ ଥିବାବେଳେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଶନିବାର ପୂର୍ବାହ୍ଣରେ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ କର୍ମଚାରୀମାନେ କମ୍ପ୍ୟୁଟର ସେକ୍ସନରୁ ଧୂଆଁ ବାହାରୁଥିବା ଦେଖିଥିଲେ। ତୁରନ୍ତ ଏନେଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା।



ସୂଚନା ପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲା। ଦୀର୍ଘ ସମୟର ପ୍ରଚେଷ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଅଗ୍ନିକାଣ୍ଡରେ କମ୍ପ୍ୟୁଟର ସେକ୍ସନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କହିଛନ୍ତି ଗଜପତି ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି। ସୌଭାଗ୍ୟବଶତଃ କାର୍ଯ୍ୟାଳୟକୁ କର୍ମଚାରୀମାନେ ଆସିବା ପୂର୍ବରୁ ଏହି ଅଘଟଣ ଘଟିଥିବାରୁ କୌଣସି ଜୀବନହାନି ହୋଇନାହିଁ। ତେବେ ଅଗ୍ନିକାଣ୍ଡରେ କାର୍ଯ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜଳିଯାଇଥିବା ସରକାରୀ ଫାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀର କ୍ଷୟକ୍ଷତିର ପରିମାଣ ଆକଳନ ପରେ ଜଣାପଡ଼ିବ।

### କେଏମସି ପକ୍ଷରୁ ତିନିଦିନିଆ ସ୍ୱାୟତ୍ତ ଶାସନ ଦିବସ ସମାରୋହ

# ହଜାରେ ବର୍ଷର ସହରକୁ ନୂଆ ରୂପରେଖରେ ବିକଶିତ କରାଯାଉଛି

● ପାଣି ଓ ପବନକୁ ସମାନ ଭାବରେ ବାଣ୍ଟିବାର ନାଁ କଟକ

● ବିଭାଜିତ ମତ ସତ୍ତ୍ୱେ ସାମୂହିକ ଉନ୍ନତିରେ ବିଶ୍ୱାସ କରନ୍ତି ସହରବାସୀ



କଟକ,୨୯।୮(ସଂଚାର ବ୍ୟୁରୋ): ଓଡ଼ିଶାରେ ଏକମାତ୍ର ହଜାରେ ବର୍ଷର ସହର ଭାବେ ସାରା ରାଜ୍ୟରେ ଗୌରବ ଅର୍ଜନ କରିଛି କଟକ। ସହରର କଳେବର ବୃଦ୍ଧି ସହ ତାଳଦେଇ ଏହାର ବିକାଶ କାର୍ଯ୍ୟକୁ ଗୁରୁତ୍ୱ ଦେଇଆସିଛି କଟକ ମହାନଗର ନିଗମ (କେଏମ୍‌ସି)। ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଐତିହାସିକ ସହରକୁ ନୂଆ ରୂପରେଖରେ ଆହୁରି ବିକଶିତ କରାଯାଉଛି। ଲୋକଙ୍କର ବିଶ୍ୱାସ ଓ ଭାଗିଦାରୀରେ କଟକକୁ ଏକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ, ସମାବେଶୀ, ଆଧୁନିକ ଓ ମାନବିକ ସହର ଭାବେ ଗଢ଼ି ତୋଳିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିଛନ୍ତି। ନିଗମ ଆଗାମୀ ଦିନରେ ମଧ୍ୟ କଟକବାସୀଙ୍କ ସହଯୋଗ ଓ ଭାଗିଦାରୀ ସହ ନିରନ୍ତର କାର୍ଯ୍ୟ କରିବ ବୋଲି କହିଛନ୍ତି ମେୟର ସୁବାସ ସିଂହ। ନିଗମର ୧୫୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି ଚଳିତ ବର୍ଷ ପାଳିତ ହେଉଥିବା ତିନିଦିନିଆ ସ୍ୱାୟତ୍ତ ଶାସନ ଦିବସ ଉଦ୍‌ଘାଟନୀ ସନ୍ଧ୍ୟାରେ ମେୟର ଏହା କହିଥିଲେ।

ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ ସାଂସଦ ତଥା ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ। ସେ କହିଥିଲେ ଯେ ଓଡ଼ିଶାରେ ଆଉ ହଜାରେ ବର୍ଷର ସହର ନାହିଁ। ତେଣୁ ବଡ଼ ବଡ଼ କଥାକୁ ନେଇ ଗଢ଼ିଉଠିଥିବା ଏ ସହର ସାରା ରାଜ୍ୟକୁ ଭିନ୍ନ ଭିନ୍ନ ସମୟରେ ନୂଆ ନୂଆ ସ୍ମୃତି ପ୍ରଦାନ କରିଛି। ପାଣି ଓ ପବନକୁ ସମାନ ଭାବେ ବାଣ୍ଟିବାର ନାଁ ହେଉଛି ସହର। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ସମସ୍ତଙ୍କର ବିକାଶକୁ ଦୃଷ୍ଟି ଦେବା ହିଁ ସମାବେଶୀ ବିକାଶ ବୋଲି ସେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ କଟକ ଜିଲ୍ଲା ପରିଷଦର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଓ ପୂର୍ବତନ ବିଧାୟକ ତଥା ନିଗମ ମେହେନ୍ତର ସଂଘ ସଭାପତି ପ୍ରଭାତ ତ୍ରିପାଠୀ। ଉଭୟେ କଟକର ଭାଇଚାରା ଓ ସଂସ୍କୃତି କେତେ ପ୍ରାଚୀନ ସେ ସମ୍ପର୍କରେ ମତ ରଖିଥିଲେ। ବିଭାଜିତ ମତ ସତ୍ତ୍ୱେ ସାମୂହିକ ଉନ୍ନତିରେ କଟକ ସହରବାସୀ ବିଶ୍ୱାସ କରନ୍ତି ବୋଲି କହିଥିଲେ ଶ୍ରୀ ତ୍ରିପାଠୀ।

## ଶ୍ରୀମନ୍ଦିର ଗର୍ଭଗୃହରେ ମୂଷା-ଅସରପାଙ୍କ ଦୌରାତ୍ମ୍ୟ

● ଶ୍ରୀଅଙ୍ଗ ସୁରକ୍ଷା ନେଇ ସେବାୟତଙ୍କ ଚିନ୍ତା

ପୁରୀ,୨୯।୮(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ମୂଷା ଓ ଅସରପାଙ୍କ ପ୍ରାଦୁର୍ଭାବ ପୁଣିଥରେ ଆରମ୍ଭ ହୋଇଯାଇଛି। ମହାପ୍ରଭୁ ନିଦ୍ରା ଯିବା ସମୟରେ ମୂଷା ଓ ଅସରପା ମହାପ୍ରଭୁଙ୍କ ନିଦ୍ରାରେ ବାଧା ସୃଷ୍ଟି କରୁଛନ୍ତି। ଗର୍ଭଗୃହରେ ମୂଷା ଓ ଅସରପାଙ୍କ ଦୌରାତ୍ମ୍ୟ ବଢ଼ିବା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି ସେବାୟତ। ଏହାର ନିରାକରଣ ଓ ପ୍ରତିକାର ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ବୈଠକ। ସେବାୟତଙ୍କ ସହ ଆଲୋଚନା କରିଛନ୍ତି ପୁରୀ ଜିଲ୍ଲାପାଳ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବରିଷ୍ଠ ସେବାୟତ, ଛତିଶା ନିଯୋଗ ନାୟକ, ଦଇତାପତି ନିଯୋଗର ସମ୍ପାଦକଙ୍କୁ ନେଇ ବିସ୍ତୃତ ଆଲୋଚନା କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ବୈଠକ ପରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି ଯେ ମୂଷା ଓ ଅସରପା ଅନ୍ଧାରର ସୁଯୋଗ ନେଇ ମହାପ୍ରଭୁଙ୍କ ନିଦ୍ରାରେ ବାଧା ସୃଷ୍ଟି କରୁଛନ୍ତି। ଏଣୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ କୌଣସି କ୍ଷତି ହେବା ପୂର୍ବରୁ ଏହାର ନିରାକରଣ ଓ ପ୍ରତିକାର ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଶାସ୍ତ୍ରସମ୍ମତ ତଥା ପରମ୍ପରା ଅନୁଯାୟୀ ମୂଷାଙ୍କ ପାଇଁ ଯନ୍ତା ବସିବା ସହ ଅସରପାଙ୍କ ପାଇଁ ଗୁଡ଼ ମାଠିଆ ବସିବାର ବିଧି ବ୍ୟବସ୍ଥା ରହିଛି। ମହାପ୍ରଭୁ ନିଦ୍ରାରେ ଯିବା ସମୟରେ ଜୟ ବିଜୟ ଦ୍ୱାରଠାରୁ ଗର୍ଭଗୃହ ଅନ୍ଧାର ରହିବାର ପରମ୍ପରା ରହିଛି। ଏହାର ସୁଯୋଗ ନେଇ ମୂଷା ଓ ଅସରପାଙ୍କ ଉପଦ୍ରବ ବଢୁଛି। ବିଭିନ୍ନ ସମୟରେ ମହାପ୍ରଭୁଙ୍କ କନକମୁଣ୍ଡି ଚାନ୍ଦୁଆରେ ମୂଷା ଓ ଅସରପା ଘର କରି ରହୁଛନ୍ତି। ଖୁବଶୀଘ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାର ନିରାକରଣ ଓ ପ୍ରତିକାର ଉପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଶା ସିଣ୍ଡିକେଟର...

ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ପୁଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ 'ଚାନ୍ଦା ଆଦାୟ' ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ଏନ୍‌ସିଆର୍‌ବିର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମ୍‌ରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାର୍ବଣ ଋତୁ ଆଗତ ହେଉଥିବାରୁ 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବାରୁ ଏବଂ OSSF ବାଟାଲିୟନ, ଆକର୍ଷଣୀୟ ଆତ୍ମସମର୍ପଣ ନୀତି ଯୋଗୁଁ ଓଡ଼ିଶାକୁ କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ସମ୍ମାନିତ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି। ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ସଂଗଠିତ ଅପରାଧ ବିରୋଧରେ 'ଜିରୋ ଟଲରେନ୍ସ' ନୀତି କାର୍ଯ୍ୟକାରୀ କରାଯାଉଥିବା ବେଳେ ରାଜ୍ୟରେ ଦଣ୍ଡବିଧାନ ହାରକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଉଚିତ। 'ଡାର୍କ ୱେବ୍' ଏବଂ ସାଇବର ଠକେଇକୁ ରୋକିବା ପାଇଁ ଆଧୁନିକ ଡିଜିଟାଲ ସର୍ଭେଲାନ୍ସ ସହ ବ୍ୟାପକ ସଚେତନତା ସୃଷ୍ଟି କରିବା ଓ ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟିର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ଏଥିସହ ୨୦୨୯ ସୁଦ୍ଧା 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ନିଶା ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ଥାନାକୁ ଆସୁଥିବା ନିରୀହ ପୀଡ଼ିତଙ୍କ ସହ ସମ୍ବେଦନଶୀଳ ବ୍ୟବହାର କରି ପୁଲିସକୁ ଦେଖି ଅପରାଧୀ ଛାନିଆ ହେବେ, ନିର୍ଦ୍ଦୋଷ ନାଗରିକ ନୁହଁନ୍ତି' ବୋଲି ବାର୍ତ୍ତା ଦେବା, ପୁଲିସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା, ଡ୍ରୋନ୍ ମାଧ୍ୟମରେ ୫୭୫ କିମି ତଟରେଖାର ସୁରକ୍ଷା ଓ ବେଆଇନ ଅନୁପ୍ରବେଶ ରୋକିବା ସହ ଅସାମାଜିକ ତତ୍ତ୍ୱଙ୍କ ଜୋର୍-ଜବରଦସ୍ତି ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଅଭିଭାଷଣ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ପୋଲିସ ବାହିନୀ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୁଲିସ ମହାନିର୍ଦ୍ଦେଶକ ଆରପି କୋଚେ, ପୁଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା ଉପସ୍ଥିତ ଥିଲେ।

### ସେପ୍ଟେମ୍ବରରେ ଦୁଇଦିନିଆ...

ମଧ୍ୟପ୍ରାଚ୍ୟର ଏକ ପ୍ରମୁଖ ବ୍ୟାବସାୟିକ ଓ ଆର୍ଥିକ ହବ୍ ହୋଇଥିବାରୁ ଏଠାରେ ଅନୁଷ୍ଠିତ ହେବାକୁ ଥିବା ମିଟ୍‌ରୁ ଓଡ଼ିଶାକୁ ଯଥେଷ୍ଟ ଫାଇଦା ମିଳିବ ବୋଲି କୁହାଯାଉଛି। ଏହି ମଞ୍ଚ ଜରିଆରେ ୟୁଏଇ ସହ ମଧ୍ୟପ୍ରାଚ୍ୟରେ କାରବାର କରୁଥିବା ବଡ଼ ବଡ଼ ଅନ୍ତର୍ଜାତୀୟ କମ୍ପାନୀମାନଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆକୃଷ୍ଟ କରିବାର ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦୁବାଇ ଗସ୍ତରୁ ନୂଆ ନିବେଶ ପ୍ରସ୍ତାବ, ବଡ଼ ପ୍ରକଳ୍ପ ଓ ରାଜ୍ୟରେ ଅଧିକ ନିଯୁକ୍ତି ସୃଷ୍ଟି ନେଇ ଆଶା ବଢ଼ିଛି। ତେବେ ଏହି ଇନଭେଷ୍ଟର୍ସ ମିଟ୍‌ରୁ ଓଡ଼ିଶାକୁ କେତେ ନିବେଶ ପ୍ରତିଶ୍ରୁତି ମିଳୁଛି ଓ କେଉଁ ବଡ଼ କମ୍ପାନୀ ଓଡ଼ିଶା ପ୍ରତି ଆଗ୍ରହ ଦେଖାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।

### ଓଡ଼ିଶା ଆପଣାଇବ...

ଦେଖାଦେଇପାରେ। ଆଗୁଆ ସମାଧାନ ପାଇଁ ବୈଠକରେ ଏଡିବିର ପ୍ରୟାସରେ ପ୍ରାଥମିକ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏନେଇ ଜଳସମ୍ପଦ, ଜଙ୍ଗଲ, ମତ୍ସ୍ୟ ପଶୁ ସମ୍ପଦ ବିଭାଗ ସହ ରାଜସ୍ୱ ବିଭାଗର ଆଲୋଚନା ହୋଇଛି। ବିଭାଗୀୟ ଅଧିକାରୀ ରିପୋର୍ଟକୁ ପରୀକ୍ଷା ନିରୀକ୍ଷା କରି ସାରିଛନ୍ତି। ପ୍ରାଥମିକ ଅଟକଳ ୨ ହଜାରରୁ ଅଢ଼େଇ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏନେଇ କେନ୍ଦ୍ରରୁ ଅନୁଦାନ ମିଳିବ ଓ ଋଣ ମଧ୍ୟ କରାଯିବ। କେନ୍ଦ୍ରାପଡ଼ା ସାତଭାୟା, ଜଗତସିଂହପୁର ଶିଆଳି ବିଚ୍, ଗଞ୍ଜାମ ରାମେୟା ପାଟଣା ଅଧିକ ସେନସିଟିଭ ରହିଛି। ଏଡିବିର ଫେଜ ୱାନ କାମ ଦେଖିବାକୁ ଓଡ଼ିଶାର ଏକ ଟିମ୍ କର୍ଣ୍ଣାଟକ ଯିବ। ଭିତ୍ତିଭୂମି ଓ ଜଙ୍ଗଲ ସୃଷ୍ଟିକୁ ଗୁରୁତ୍ୱ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

### ମୃତ୍ୟୁସଂଖ୍ୟା...

ନେଇ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁଃଖ ପ୍ରକାଶ କରିଛନ୍ତି। ଡାକ୍ତର ଓ ଟନେଲ୍-ତଲାସୀ ସଦସ୍ୟଙ୍କୁ ନେଇ ଭାରତର ଏକ ୧୧ ଜଣିଆ ଦଳ ନେପାଳ ଗସ୍ତ କରିଥିବା ସେ ସୂଚନା ଦେଇଛନ୍ତି। ଭାରତୀୟ ଟନେଲ-ତଲାସୀ ଦଳ ଚୀନର ଟିମ୍ ସହ ମିଳିତ ଭାବେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ରସୁୱାର ଭୋଟେକୋଶୀ ଅଞ୍ଚଳରେ ବନ୍ୟା ପରେ ହାଇଡ୍ରୋପାୱାର ପ୍ରୋଜେକ୍ଟର ଟନେଲ୍ ଓ ଭୂତଳ ଢାଞ୍ଚାରେ ବହୁ ଲୋକ ଓ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ପୁଣି ସେସବୁ ସ୍ଥାନରେ ରେସ୍କ୍ୟୁ ଅପରେସନ୍ ଉଦ୍ଧାରକାରୀଙ୍କ ଲାଗି ଏକ ଆହ୍ୱାନ ସୃଷ୍ଟି କରିଛି। ଏହି କଷ୍ଟସାଧ୍ୟ ଅଭିଯାନରେ ଚୀନ୍ ଓ ଭାରତର ଟନେଲ୍ ରେସ୍କ୍ୟୁ ବିଶେଷଜ୍ଞ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବନ୍ୟା ବିଭୀଷିକାରେ ନେପାଳର ହୋଇଥିବା କ୍ଷତିଗ୍ରସ୍ତ ଅଞ୍ଚଳର ପୁନଃନିର୍ମାଣ ଲାଗି ୪ ବିଲିଅନରୁ ୫ ବିଲିଅନ୍ ଡଲାର ଆବଶ୍ୟକ ବୋଲି ନେପାଳର ଅର୍ଥମନ୍ତ୍ରୀ ସ୍ୱର୍ଣ୍ଣିମ୍ ୱାଗଲେ କହିଛନ୍ତି।

### ତଥ୍ୟ ଗୋପନ ରଖି...

ପସନ୍ଦର ପରିବାର ଓ ସଂସ୍ଥାମାନଙ୍କୁ ଖଣି ବଣ୍ଟନ କରାଯାଉଥିଲା, ଯାହା ଫଳରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ମାତ୍ର ୫,୦୦୦ କୋଟି ଟଙ୍କାରେ ସୀମିତ ଥିଲା। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ଏମଏମଡିଆର ସଂଶୋଧନ ଦ୍ୱାରା ସ୍ୱଚ୍ଛ ଇ-ନିଲାମ ଓ ରୟାଲଟି ୧୦ରୁ ୧୫%କୁ ବୃଦ୍ଧି କରାଯାଇଥିଲା। ଫଳରେ ରାଜ୍ୟର ବାର୍ଷିକ ଖଣି ରାଜସ୍ୱ ଦଶ ଗୁଣ ବୃଦ୍ଧି ପାଇ ପ୍ରାୟ ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଶ୍ରୀ ପ୍ରଧାନ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି, ୨୦୧୫ରୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ଡିଏମଏଫ୍ ମାଧ୍ୟମରେ ଓଡ଼ିଶାର ଖଣି ଅଞ୍ଚଳଗୁଡ଼ିକର ବିକାଶ ପାଇଁ ୩୭,୦୦୦ କୋଟିରୁ ଅଧିକ ଟଙ୍କା ମିଳିଛି। ସେହିପରି ସିଏଜି ରିପୋର୍ଟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବ ବିଜେଡି ସରକାର ସମୟରେ ଖଣି ଦ୍ୱାରା ଆଦୌ କ୍ଷତିଗ୍ରସ୍ତ ହୋଇ ନ ଥିବା ୯୭୬ଟି ଗାଁରେ ୯୮୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ୫୮୪ଟି ଗାଁକୁ କୌଣସି ପାଣ୍ଠି ଦିଆଯାଇନାହିଁ। ଏଥିସହ ଗ୍ରାମସଭାର ମଞ୍ଜୁରୀ ନ ନେଇ ୧,୭୩୦ଟି ପ୍ରକଳ୍ପ କାମ କରାଯାଇଥିବା ସିଏଜି ଅଡିଟ୍ ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି। ଏଥିସହ ଓଡ଼ିଶାର ସାଂସଦମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥ, ଶିଳ୍ପ ସମୃଦ୍ଧି ଓ ଯୁବପିଢ଼ିଙ୍କ ନିଯୁକ୍ତି ସୁରକ୍ଷା ପାଇଁ ସଂସଦରେ ଏମଏମଡିଆର୍ ସଂଶୋଧନ ବିଲ୍, ୨୦୨୬କୁ ସମର୍ଥନ କରିଛନ୍ତି। ବିରୋଧୀ ଦଳ ନେତା ଦଳୀୟ ମନୋଭାବରୁ ଊର୍ଦ୍ଧ୍ୱକୁ ଯାଇ ରାଜ୍ୟର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରୁଥିବା ଏହି ଐତିହାସିକ ଆଇନକୁ ସମର୍ଥନ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

### ବିବେକକୁ ଡାକ...

ଟଙ୍କାରୁ ଅଧିକ କ୍ଷତି ହେବ ଏବଂ ସମୟକ୍ରମେ ଲକ୍ଷ କୋଟି ଟଙ୍କାର କ୍ଷତି ହେବ। କିନ୍ତୁ ବଡ଼ କ୍ଷତି ହେଉଛି ଯେ ଏକ ଆଇନଗତ ପଦକ୍ଷେପରେ ରାଜ୍ୟର ନିଜ ଖଣିଜ ଓ ଖଣିଜ ଭୂମି ଉପରେ ନିୟନ୍ତ୍ରଣ କାଢ଼ି ନିଆଯାଇଛି। ଏହା ସେମାନଙ୍କ ଦେଖାଦେଖିରେ ଘଟିଛି। ଚିଠିରେ କୁହାଯାଇଛି ଯେ ଏହି ଆଇନ ଓଡ଼ିଶାର ଶିଶୁ ଓ ଯୁବକମାନଙ୍କ ପ୍ରତି ଅନ୍ୟାୟ, ଯେଉଁମାନଙ୍କ ଭବିଷ୍ୟତ ଏହି ରାଜ୍ୟର ସମ୍ପଦ ଓ ସୁଯୋଗ ସହିତ ଜଡ଼ିତ। ଏହା ଖଣି କାରଣରୁ ପ୍ରଦୂଷଣ, ବିସ୍ଥାପନ, ପରିବେଶ କ୍ଷୟ ଓ ବିପଦ ସହିତ ରହୁଥିବା ଲୋକଙ୍କ ପ୍ରତି ମଧ୍ୟ ଅନ୍ୟାୟ। ସର୍ବୋପରି, ଏହା ଏକ ସଶକ୍ତ ଓଡ଼ିଶାର ସ୍ୱପ୍ନ ପ୍ରତି ଅନ୍ୟାୟ, ଯାହା ନିଜ ଭବିଷ୍ୟତ ନିର୍ଣ୍ଣୟ କରିବାର ଆତ୍ମବିଶ୍ୱାସ ଓ ସମ୍ପଦ ରଖିଥାଏ। ନବୀନ ପଟ୍ଟନାୟକ ସାଂସଦମାନଙ୍କୁ ନିଜ ବିବେକକୁ ଶୁଣିବାକୁ ଏବଂ ଓଡ଼ିଶାର ଭବିଷ୍ୟତ ପିଢ଼ି ବିଷୟରେ ଚିନ୍ତା କରିବାକୁ ଆହ୍ୱାନ ଦେଇଛନ୍ତି। ସେ ସେମାନଙ୍କୁ ଏମଏମଡିଆର ଆଇନରେ ହୋଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରିବାକୁ ଓ ପ୍ରତ୍ୟାହାର ପାଇଁ ଦାବି କରିବାକୁ କହିଛନ୍ତି। ସେ ଲେଖିଛନ୍ତି, 'ଇତିହାସ ସେହିମାନଙ୍କୁ ମନେ ରଖେ ଓ ସମ୍ମାନ ଦିଏ ଯେଉଁମାନେ ନିଜ ଲୋକ ଓ ସମ୍ପଦ ପ୍ରତି ଅନ୍ୟାୟ ହେଉଥିବା ସମୟରେ ସ୍ୱର ଉଠାନ୍ତି। ଇତିହାସ ଆପଣଙ୍କୁ ଦଳ ଦୃଷ୍ଟିରୁ ନୁହେଁ, ବରଂ ଓଡ଼ିଶା ପାଇଁ ଠିକ୍ ସମୟରେ ଆପଣ ଠିଆ ହୋଇଥିଲେ କି ନାହିଁ ତାହା ଦୃଷ୍ଟିରୁ ବିଚାର କରିବ'। ସେ କହିଛନ୍ତି ଯେ ସେମାନେ ଏକ ଐତିହାସିକ ମୋଡ଼ରେ ଅଛନ୍ତି। ଲୋକସଭାକୁ ପଠାଇଥିବା ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ଓ ଲୋକଙ୍କ ପାଇଁ ଲଢ଼ିବାର ବାଛିବାର ସୁଯୋଗ ସେମାନଙ୍କ ପାଖରେ ଅଛି। ଶେଷରେ ନବୀନ ପଟ୍ଟନାୟକ ଲେଖିଛନ୍ତି, 'ମୁଁ ଏହା ଆପଣଙ୍କ ବିଚାର ଉପରେ ଛାଡ଼ିଦେଉଛି'।

## ଡାଲା ଅଟୋ ସହ ୬୫୫ ବୋତଲ ମଦ ଜବତ, ଜଣେ ଗିରଫ




ସତ୍ୟବାଦୀ,୨୯।୮ (ସଂଚାର ବ୍ୟୁରୋ)ଃ ପୁରୀ ସ୍ପେଶାଲ ସ୍କ୍ୱାଡ୍ ଓ ସତ୍ୟବାଦୀ ଥାନା ପୁଲିସର ମିଳିତ ଚଢ଼ାଉରେ ବିପୁଳ ପରିମାଣର ବେଆଇନ ବିଦେଶୀ ମଦ ଓ ବିୟର ଜବତ ହୋଇଛି। ଏହି ଘଟଣାରେ ପିପିଲି ଥାନା ଅଧୀନ ଅବଲାପୁର ଗ୍ରାମର ତ୍ରିନାଥ ଗୁରୁ ଓରଫ ଛୋଟୁ (୨୬)ଙ୍କୁ ପୁଲିସ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସନ୍ଧ୍ୟାରେ ମିଳିତ ପୁଲିସ ଟିମ୍ ପାଟ୍ରୋଲିଂ ଓ ଅବକାରୀ ଚଢ଼ାଉ କରୁଥିବା ବେଳେ ଗୁପ୍ତ ସୂଚନା ପାଇଥିଲା। ତ୍ରିନାଥ ଏକ ଡାଲା ଅଟୋ (ଓଡି-୩୩-ଏବି-୭୦୫୩)ରେ ସାକ୍ଷୀଗୋପାଳରୁ ଅଳଗୁମ ଅଭିମୁଖେ ବେଆଇନ ଭାବେ ମଦ ଚାଲାଣ କରୁଥିବା ଜାଣି ପୁଲିସ ଗାଡ଼ିକୁ ଅଟକାଇ ତଲାସି କରିଥିଲା। ତଲାସି ବେଳେ ଗାଡ଼ିରୁ ବିଭିନ୍ନ ବ୍ରାଣ୍ଡର ମୋଟ ୬୫୫ ବୋତଲ ବିଦେଶୀ ମଦ, ରମ୍, ଭୋଡକା ଓ ବିୟର ଜବତ ହୋଇଥିଲା। ଏଥିସହ ଚୋରାଚାଲାଣରେ ବ୍ୟବହୃତ ଡାଲା ଅଟୋକୁ ମଧ୍ୟ ପୁଲିସ ଜବତ କରିଛି। ଅଭିଯୁକ୍ତ ତ୍ରିନାଥଙ୍କୁ ୨୭ ତାରିଖରେ ଗିରଫ କରାଯାଇଥିବା ବେଳେ ୨୮ ତାରିଖରେ ମାନ୍ୟବର ଜେଏମ୍ଏଫ୍ସି (କଗ୍-୨), ପୁରୀଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଏହି ବେଆଇନ ମଦ ଚାଲାଣ ପଛରେ ଥିବା ଅନ୍ୟ ବ୍ୟକ୍ତି ଓ ନେଟୱାର୍କ ସମ୍ପର୍କରେ ତଦନ୍ତ ଜାରି ରହିଥିବା ସତ୍ୟବାଦୀ ପୁଲିସ ପକ୍ଷରୁ କୁହାଯାଇଛି।

## ଟ୍ରକ୍‌ରୁ ଡକାୟତି ପାଇଁ ଯୋଜନା ବେଳେ ୩ ଗିରଫ

● ଚୋରି ସାମଗ୍ରୀ ସହ କାର୍, ମାରଣାସ୍ତ୍ର ଓ ଲଙ୍କାଗୁଣ୍ଡ ଜବତ



ସୁନ୍ଦରଗଡ଼,୨୯।୮ (ସଂଚାର ବ୍ୟୁରୋ)ଃ ରାଜପଥରେ ଚଳାଚଳ କରୁଥିବା ଟ୍ରକ୍‌ରୁ ଡକାୟତି ପାଇଁ ଯୋଜନା କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ତିନି ଜଣଙ୍କୁ ଗିରଫ କରିଛି ତଲସରା ପୁଲିସ। ଅଭିଯୁକ୍ତଙ୍କ ନିକଟରୁ ମାରଣାସ୍ତ୍ର, ଲଙ୍କାଗୁଣ୍ଡ, ଫେସ୍ ମାସ୍କ ସହ ଚୋରି ସାମଗ୍ରୀ ଏବଂ ଏକ ଟାଟା ନେକ୍ସନ୍ କାର୍ ଜବତ ହୋଇଛି।

୨୭ରୁ ୨୮ ତାରିଖ ରାତ୍ରିରେ ତଲସରା ପୁଲିସର ନାଇଟ୍ ପେଟ୍ରୋଲିଂ ଚାଲିଥିବା ବେଳେ ସୌନାମୁରା ଛକ ନିକଟ ଏସଏଚ-୨୪ରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମାଗମ ନେଇ ମିଳିଥିଲା ସୂଚନା। ସୂଚନା ଆଧାରରେ ତଲସରା ଥାନା ଏସ ଆଇ ଦମୟନ୍ତୀ ମହନ୍ତଙ୍କ ନେତୃତ୍ୱରେ ପୁଲିସ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରୁଥିବା ତିନି ଜଣଙ୍କୁ କାବୁ କରାଯାଇ ଥିଲା। ତଲାସୀ ବେଳେ ସେମାନଙ୍କ ନିକଟରୁ ତିନୋଟି ଲୁହା ରଡ୍, ଦୁଇଟି ଛୁରୀ, ଫେସ୍ ମାସ୍କ, ଲଙ୍କାଗୁଣ୍ଡ, ପ୍ଲାଷ୍ଟିକ୍ ଦଉଡ଼ି ଓ ଟର୍ଚ୍ଚ ଲାଇଟ୍ ଭଳି ସାମଗ୍ରୀ ଜବତ ହୋଇଥିଲା। ପୁଲିସର ପଚରାଉଚରାରେ ଅଭିଯୁକ୍ତମାନେ ରାଜପଥରେ ଟ୍ରକ୍‌ଗୁଡ଼ିକୁ ଟାର୍ଗେଟ୍ କରି ଡକାୟତି କରିବା ପାଇଁ ଏକ ନିର୍ଜନ ସ୍ଥାନରେ ଏକାଠି ହୋଇ ଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗ୍‌ର ଲିଙ୍କ୍ କେବଳ ସୁନ୍ଦରଗଡ଼ ନୁହେଁ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଅଛି। ପୂର୍ବ ଚୋରି ଏବଂ ଘରଭଙ୍ଗା ଘଟଣାରେ ଏମାନଙ୍କର ସମ୍ପୃକ୍ତି ଥିବା କଥା ଜଣା ପଡିଛି । ଗିରଫ ତିନି ଅଭିଯୁକ୍ତ ହେଲେ ୨୩ ବର୍ଷୀୟ ବିଶାଳ କୁମାର କିସ୍ପଟ୍ଟା, ୨୬ ବର୍ଷୀୟ ରୁସ୍ତମ କୁଜୁର ଏବଂ ୨୫ ବର୍ଷୀୟ ସାଞ୍ଜୁ କୁଜୁର। ଅଭିଯୁକ୍ତଙ୍କ ଘର ଛତିଶଗଡ଼ ରାଜ୍ୟର ସରଗୁଜା ଜିଲ୍ଲା ବଟୌଲି ଥାନା ଅନ୍ତର୍ଗତ ଦେଓରୀ ଗାଁ ବୋଲି ପୁଲିସ କହିଛି। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ଅନ୍ୟ ଫେରାର ସଦସ୍ୟଙ୍କୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

## ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ୪୦୦ କେଜି ଗଞ୍ଜେଇ ଜବତ



ମାଲକାନଗିରି,୨୯।୮ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାରେ ଚାଲୁଥିବା ବିଶେଷ ଅଭିଯାନ ଅବସରରେ ଅବକାରୀ ଅଧୀକ୍ଷକ, ମାଲକାନଗିରି ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ୨୯ ତାରିଖରେ ମାଲକାନଗିରି ଅବକାରୀ ଟିମ୍ ପକ୍ଷରୁ ପେପରମେଟଲା ଥାନା ଅଧିନସ୍ତ ଧୂଳିପୁଟ ଗ୍ରାମ ପଂଚାୟତର ସୁରୁବନ୍ଧ ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ପ୍ରାୟ ୪୦୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଉକ୍ତ ଗଞ୍ଜେଇକୁ ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ କରିବା ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଘଟଣାସ୍ଥଳରେ କୌଣସି ବ୍ୟକ୍ତି ଉପସ୍ଥିତ ନଥିବାରୁ ଏହି ଘଟଣାରେ ଅଜଣା/ଅନକ୍ଲେମ୍ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଛି। ଘଟଣାର ମୁଖ୍ୟ ଚାଲାଣକାରୀ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁଇଟି ଦେଶୀ ପିସ୍ତଲ ଜବତ, ଯୁବକ ଗିରଫ



କୋରେଇ,୨୯।୮ (ସଂଚାର ବ୍ୟୁରୋ)ଃ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଅଂଚଳରେ ଅପରାଧ ଘଟିବା ପୂର୍ବରୁ ଅପରାଧୀଙ୍କୁ ଚେକ୍ ଦେବାରେ ମାହିର ବୋଲି ଅଂଚଳର ବୁଦ୍ଧିଜୀବୀ ମହଲରେ ଏବେ ଆଲୋଚନା ହେଉଛି। ଏହାରି ଭିତରେ କୋରେଇ ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ତେବେ କୋରେଇ ପୋଲିସ ପୂର୍ବକୋଟ, ରଗଡି ଅଂଚଳରେ ଗତକାଲି ପେଟ୍ରୋଲିଙ୍ଗ କରୁଥିବା ବେଳେ ମାଇକେଲ ସନ୍ତୋଷ ନାମରେ ଜଣେ ଯୁବକ ଏକ ବିଏମଡବଲ୍ଲୁ ବାଇକରେ ଘୁରୁଥୁବା ଦେଖି ପୋଲିସ ସନ୍ଦେହ କରିଥିଲା। ତାକୁ ଅଟକାଇ ପଚାର ଉଚରା କରିଥିଲା। ଏହି ସମୟରେ ମାଇକେଲ ସନ୍ତୋଷ ପାଖରେ ଏକ ଦେଶୀ ବନ୍ଧୁକ ଶହ ୫ଟି ଅଫୁଟା ଗୁଳି ରହିଥିବା ନେଇ ଦେଖିବାକୁ ପାଇଥିଲା। ପୋଲିସ ସଂଗେ ସଂଗେ ଉକ୍ତ ଯୁବକକୁ ଥାନାକୁ ଆଣି ଅଧିକା ତଦନ୍ତ କରିବା ପରେ ଆଉ ଏକ ବନ୍ଧୁକ ଶହ ଦୁଇଟି ମାଗାଜିନ ତାପାଖରେ ରହିଥିବା ସେ ସ୍ୱୀକାର କରିଥିଲା। ପୋଲିସ ଏହି ଘଟଣାରେ ତଦନ୍ତ କରି ଗାଡିଟିକୁ ଜବତ କରିବା ଶହ କେଶ ନମ୍ବର ୩୧୯/୨୬ ଧାରା ୨୫(୧-ଏଏ)/୨୮ ଆଧାରରେ କୋର୍ଟ ଚାଲାଣ କରାଯିବ ନେଇ ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ବର୍ଷ ବର୍ଷ ହେଲା ଚାଲିଛି ୱାଚ୍ ଟାୱାର ନିର୍ମାଣ କାମ

କେବେ ସରିବ କାମ ?

ବିଳମ୍ବ ପାଇଁ ଦାୟୀ କିଏ ?

ବ୍ୟାରେଜର ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ



ଆନନ୍ଦପୁର,୨୯।୮ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ୟାରେଜ ନିକଟରେ ନିର୍ମାଣାଧୀନ ୱାଚ୍ ଟାୱାରକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ବ୍ୟାରେଜ ଡିଭିଜନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟକୁ ପ୍ରାୟ ଚାରି ବର୍ଷ ପୂରିବାକୁ ବସିଲାଣି, କିନ୍ତୁ ଏଯାଏଁ କାମ ସରିବାର ନାଁ ଧରୁନାହିଁ।

ଆନନ୍ଦପୁର ବ୍ୟାରେଜ ନିକଟରେ ନିର୍ମାଣ ହେଉଛି ୱାଚ୍ ଟାୱାର। ବ୍ୟାରେଜର ସୁରକ୍ଷା ଓ ନିରୀକ୍ଷଣ ସହ ବିଭିନ୍ନ ଉଦ୍ଦେଶ୍ୟରେ ଏହି ଟାୱାର ନିର୍ମାଣ କରାଯାଉଥିବା କୁହାଯାଉଛି। ହେଲେ ଦୀର୍ଘ ବର୍ଷ ବର୍ଷ ଧରି କାମ ଚାଲିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହେଉନଥିବାରୁ ଉଠିଛି ପ୍ରଶ୍ନ। କିଏ ଏହି କାମର ଠିକାଦାର? କେତେ ଟଙ୍କାରେ ହେଉଛି ଏହି ନିର୍ମାଣ? କାମ ସାରିବା ପାଇଁ କେତେ ସମୟର ଅବଧି ଧାର୍ଯ୍ୟ କରାଯାଇଥିଲା? ସେହି ଅବଧି ଶେଷ ହୋଇସାରିଛି କି? ଆଉ ଯଦି ଅବଧି ସରିଛି, ତେବେ କାହିଁକି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ?

ସେହିପରି କାମର ତଦାରଖ କରୁଥିବା ଯନ୍ତ୍ରୀ କିଏ ଏବଂ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ଅଗ୍ରଗତି ଉପରେ କେତେ ନଜର ରହିଛି, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସରକାରୀ କାମରେ ବିଳମ୍ବ ହେଲେ ଏହାର ଜବାବଦେହି କିଏ? ଠିକାଦାର ନିଜ ଇଚ୍ଛା ମୁତାବକ କାମ କରୁଛନ୍ତି କି, ନା ବିଭାଗୀୟ ଅଧିକାରୀଙ୍କ ତଦାରଖରେ ହିଁ ନିର୍ମାଣ କାର୍ଯ୍ୟ ଚାଲିଛି, ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ କୌଣସି ବୁଝାବଣା ରହିଛି କି ନାହିଁ, ତାହା ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ତେବେ ଏସବୁ ଅଭିଯୋଗ ଓ ପ୍ରଶ୍ନର ସତ୍ୟତା କଣ, ତାହା ବିଭାଗୀୟ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଯେଉଁ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ୱାଚ୍ ଟାୱାର ନିର୍ମାଣ ହେଉଛି, ତାହା କେବେ ସମ୍ପୂର୍ଣ୍ଣ ହେବ ଏବଂ କେବେ ଏହା ନିଜର ଉଦ୍ଦେଶ୍ୟ ସାଧନ କରିବ ସେହି ପ୍ରଶ୍ନର ଉତ୍ତରକୁ ଏବେ ଅପେକ୍ଷା।

### ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

## ଆୟୁଷ ଡାକ୍ତରଙ୍କ ଭରସାରେ ଚିକିତ୍ସା ସେବା



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି,୨୯।୮ (ସଂଚାର ବ୍ୟୁରୋ)ଃ ଅବ୍ୟବସ୍ଥାରେ ଚାଲିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଂଖ୍ୟା ବଢୁଥିବା ବେଳେ ଡାକ୍ତର ଅଭାବ ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏମ୍‌ବିବିଏସ୍ ଡାକ୍ତରମାନେ ପିଜି ପରୀକ୍ଷା ପାଇଁ ଛୁଟିରେ ଯାଇଥିବାରୁ ବର୍ତ୍ତମାନ ଚିକିତ୍ସା ବ୍ୟବସ୍ଥା ମୁଖ୍ୟତଃ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲୁଥିବା ଜଣାପଡ଼ିଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ମଧ୍ୟ ଉପସ୍ଥିତ ନଥିଲେ। ଏଭଳି ସ୍ଥିତିରେ ଏମ୍‌ବିବିଏସ୍ ଡାକ୍ତରଙ୍କ ଅନୁପସ୍ଥିତି ରୋଗୀ ଓ ସେମାନଙ୍କ ପରିବାର ପାଇଁ ଚିନ୍ତା ବଢ଼ାଇଛି। ବିଶେଷକରି ଜରୁରୀକାଳୀନ ଓ ଜଟିଳ ରୋଗୀଙ୍କ ଚିକିତ୍ସା କିପରି ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି।

କେବିକେ ଅଞ୍ଚଳର ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକଦା ଲୋକେ ଅନ୍ଧବିଶ୍ୱାସ ଓ ପାରମ୍ପରିକ ଚିକିତ୍ସା ଉପରେ ଅଧିକ ନିର୍ଭର କରୁଥିଲେ। ତେବେ ସମୟ ବଦଳିବା ସହିତ ସ୍ୱାସ୍ଥ୍ୟ ସଚେତନତା ବଢ଼ିଛି। ଏବେ ଲୋକେ ଆଧୁନିକ ଚିକିତ୍ସା ଉପରେ ଭରସା କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଫଳରେ ଦିନକୁ ଦିନ ରୋଗୀଙ୍କ ଭିଡ଼ ବଢ଼ୁଛି। ଏପରି ସମୟରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କ ସମୂହ ଅନୁପସ୍ଥିତି ଯୋଗୁଁ ଆୟୁଷ ଡାକ୍ତରଙ୍କ ଉପରେ ଚିକିତ୍ସାର ମୁଖ୍ୟ ଦାୟିତ୍ୱ ରହିବାକୁ ନେଇ ରୋଗୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ପିଜି ପରୀକ୍ଷା ପାଇଁ ଛୁଟିରେ ଯାଇଥିବା ଡାକ୍ତରଙ୍କ ବଦଳରେ ତୁରନ୍ତ ବିକଳ୍ପ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତ କରି ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ଛାତ

ତୁରନ୍ତ ମରାମତି ପାଇଁ ଦାବି



ଫୁଲବାଣୀ,୨୯।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ୍ ଗୁଗୁରୁମାହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲିମିଣ୍ଡାମାହା ରେ ଲଗାଣ ବର୍ଷା ଯୋଗୁଁ ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାର ଛାତ ଭୁଶୁଡ଼ି ପଡ଼ିଛି। ଫଳରେ ବିଦ୍ୟାଳୟରେ ପାଠପଢ଼ା ଅସୁବିଧା ହେବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ବାରଣ୍ଡାର ଛାତ ଭୁଶୁଡ଼ି ପଡ଼ିବା ପରେ ବିଦ୍ୟାଳୟରେ ଆବଶ୍ୟକ ସ୍ଥାନ ଅଭାବରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି ।

ଛାତ୍ରଛାତ୍ରୀଙ୍କ ହିତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁଶୁଡ଼ି ପଡ଼ିଥିବା ବାରଣ୍ଡା ଛାତର ତୁରନ୍ତ ମରାମତି ସହ ଆବଶ୍ୟକ ବିକଳ୍ପ ବ୍ୟବସ୍ଥା କରିବାକୁ ବିଦ୍ୟାଳୟର ଶିକ୍ଷକ, ପରିଚାଳନା କମିଟି ଓ ଗ୍ରାମବାସୀ ସରପଞ୍ଚ ଓ ପ୍ରଶାସନଙ୍କ ନିକଟରେ ଅନୁରୋଧ କରିଛନ୍ତି। ତତ୍‌ସହିତ ଦୁର୍ବଳ ହୋଇ ରହିଥିବା ଶ୍ରେଣୀ ଗୃହ ଗୁଡ଼ିକ ମଧ୍ୟ ପୁନରୁଦ୍ଧାର କରାଯାଉ ବୋଲି ସରପଞ୍ଚଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

### ନଦୀ ଭିତରେ ରବର ଟ୍ୟୁବରେ ଚୋରା ମଦ ଚାଲାଣ

## ୩୬୦ ଲିଟର ଜବତ, ଜଣେ ଗିରଫ



ଯାଜପୁର ରୋଡ଼,୨୯।୮ (ସଂଚାର ବ୍ୟୁରୋ)ଃ ଯାଜପୁର ରୋଡ଼ ଡୋଲିପୁର ଅବକାରୀ ବିଭାଗ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨.୩୦ ସମୟରେ ଖାପୁରିଆପଦା ନଦୀ କୂଳରୁ ୩୬୦ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ସୂଚନା ଅନୁସାରେ ଡୋଲିପୁର ଅବକାରୀ ବିଭାଗ ଥାନା ଅଧିକାରୀ ରାମେଶ୍ୱର ମହାନ୍ତିଙ୍କ ଏକ ଟିମ ସୁକିନ୍ଦା ଥାନା ଅନ୍ତର୍ଗତ କାନ୍ତିରାରୁ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ପାହାଙ୍ଗାକୁ ନଦୀ ମଧ୍ୟଦେଇ ରବର ଟ୍ୟୁବ ଓ ବାଉଁଶ ସାହାଯ୍ୟରେ ମଦ ଚାଲାଣ ହେଉଥିଲା। ଡୋଲିପୁର ଅବକାରୀ ବିଭାଗ ଥାନା ଅଧିକାରୀ ରାମେଶ୍ୱର ମହାନ୍ତି ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ଟିମ୍ ସହ ଚଢାଉ କରି ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଦାନଗଦି ବ୍ଲକ ଅଧିନସ୍ଥ କୁମ୍ଭୀରଗଡ଼ିଆ ଅଂଚଳ ବ୍ରାହ୍ମଣଗାଁର ବିଚିତ୍ର ପ୍ରଧାନ (୪୧) ବୋଲି ଜଣାପଡିଛି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ନିକଟରେ ବିଦ୍ୟୁତ ଟ୍ରାନ୍ସଫର୍ମର

### ସ୍ଥାନାନ୍ତର ଦାବି



କେସିଙ୍ଗା,୨୯।୮ (ସଂଚାର ବ୍ୟୁରୋ)ଃ ଶିକ୍ଷାନୁଷ୍ଠାନକୁ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ବୋଲି ବିବେଚନା କରାଯାଏ। କିନ୍ତୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଅମଠା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିକଟରେ ଦେଖାଦେଇଛି ଏକ ଚିନ୍ତାଜନକ ପରିସ୍ଥିତି। ବିଦ୍ୟାଳୟକୁ ଲାଗି ତଥା ବାଳିକା ଶୌଚାଳୟ ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି।

ବିଦ୍ୟାଳୟରେ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀଙ୍କ ଯାତାୟାତ ରହୁଥିବା ବେଳେ ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ବିଶେଷକରି ବାଳିକା ଶୌଚାଳୟ ପାଖରେ ଟ୍ରାନ୍ସଫର୍ମର ରହିଥିବାରୁ ଛାତ୍ରୀମାନଙ୍କ ସୁରକ୍ଷା ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ସବୁଠାରୁ ଗୁରୁତର ଅଭିଯୋଗ ହେଉଛି— ଏହି ସମସ୍ୟା ସମ୍ପର୍କରେ ବିଦ୍ୟୁତ ବିଭାଗର ଏସ୍‌ଡିଓଙ୍କୁ ପ୍ରାୟ ୬ ମାସରୁ ଅଧିକ ସମୟ ପୂର୍ବରୁ ଅବଗତ କରାଯାଇଥିଲା। ଅଧିକାରୀଙ୍କ ପକ୍ଷରୁ ବାରମ୍ବାର "ହଁ ହଁ, ଦେଖୁଛୁ" ପ୍ରକାରର ଆଶ୍ୱାସନ ମିଳିଥିଲେ ମଧ୍ୟ ବାସ୍ତବରେ ସମସ୍ୟାର ସମାଧାନ ପାଇଁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ରହିଛି।

ଏଠାରେ ପ୍ରଶ୍ନ ଉଠୁଛି— ଏକ ବିଦ୍ୟାଳୟ ଭଳି ସମ୍ବେଦନଶୀଳ ସ୍ଥାନରେ ବିପଦସଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମର ଥିବା ନେଇ ୬ ମାସ ଧରି ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ଯଦି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତେବେ ଆଉ କେତେ ଦିନ ଅପେକ୍ଷା କରାଯିବ?

ଅମଠା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମରକୁ ନେଇ ଉଠିଥିବା ଅଭିଯୋଗର ତୁରନ୍ତ ତଦନ୍ତ କରିବାକୁ ଦାବି ହେଉଛି। ବିଦ୍ୟୁତ ବିଭାଗର ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରନ୍ତୁ। ଆବଶ୍ୟକ ହେଲେ ଟ୍ରାନ୍ସଫର୍ମରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉ। ନଚେତ ଅନ୍ତତଃ ତୁରନ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଉ। କାରଣ ଅଘଟଣ ଘଟିବା ପରେ ତଦନ୍ତ କରିବା ଅପେକ୍ଷା, ଅଘଟଣ ପୂର୍ବରୁ ସତର୍କ ହୋଇ ପଦକ୍ଷେପ ନେବା ହିଁ ପ୍ରକୃତ ପ୍ରଶାସନିକ ଦାୟିତ୍ୱ।

## ତ୍ରିଦିବସୀୟ ଜାତୀୟ କ୍ରୀଡ଼ା ଦିବସ -୨୦୨୬ ପାଳନ




ଖୋରଧା,୨୯।୮ (ସଂଚାର ବ୍ୟୁରୋ)ଃ ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପାଳନ କରାଯାଉଥିବା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ପାଳନରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଡେପୁଟୀ କଲେକ୍ଟର ଆର୍ତ୍ତ ତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ କହିଲେ ଯେ ସ୍ୱର୍ଗତ ଧ୍ୟାନଚାନ୍ଦ ସୈନ୍ୟ ବାହିନୀରେ ଚାକିରି କରି ଥିଲେ ମଧ୍ୟ ରାତିରେ ଚନ୍ଦ୍ର ଆଲୋକରେ ନିଜର ହକି କ୍ରୀଡ଼ା ଅଭ୍ୟାସ କରି ଜଣେ ଉଦୀୟମାନ ହକି ଖେଳାଳି ଯାହା ତାଙ୍କୁ ଧ୍ୟାନ ସିଂରୁ ଧ୍ୟାନଚାନ୍ଦ ନାମ ପରିବର୍ତ୍ତନ ଓ ହକି ଯାଦୁଗରରେ ସମ୍ମାନିତ କରିଥିଲା । ଆଜି ଭାରତର ଜାତୀୟ କ୍ରୀଡା ହକି ଥିବା ବେଳେ ସମସ୍ତେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଶରୀର ସୁସ୍ଥ ଓ ନିରାମୟ ରଖିବା ପାଇଁ କ୍ରୀଡ଼ା ଅଭ୍ୟାସ କରି ଅନ୍ୟକୁ ପ୍ରେରଣା ଦେବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଫଳ କ୍ରୀଡ଼ା ବିତ୍ ବ୍ୟକ୍ତିତ୍ୱର ଆଲୋକପାତ କରିଥିଲେ ।

## ସରକାରଙ୍କ କାଳକ୍ଷେପଣ ନୀତିକୁ ଶିକ୍ଷକ ସଂଘର ନିନ୍ଦା




ହିଞ୍ଜିଳିକାଟୁ,୨୯।୮ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ବୃନ୍ଦାବନ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି କାହ୍ନୁ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ।

ସାମ୍ପ୍ରତିକ ସମୟରେ ପ୍ରାଥମିକ ଶିକ୍ଷା ଏବଂ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହିତ ପ୍ରାଥମିକ ଶିକ୍ଷକ ମାନଙ୍କ ନ୍ୟାର୍ଯ୍ୟ ଦାବି ଗୁଡିକୁ ପୂରଣ କରିବାରେ ସରକାରଙ୍କ କାଳକ୍ଷେପଣ ନୀତିକୁ ଘୋର ନିନ୍ଦା କରାଯାଇଥିଲା । ଗତ ବର୍ଷ ଠିକା ନିଯୁକ୍ତି ବନ୍ଦ କରି ସ୍କିମାଟିକ ଶିକ୍ଷକ ମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ, ତେଣୁ ଶିକ୍ଷକମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ସମସ୍ତ ନୈରାଶ୍ୟ ମଧ୍ୟରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ବରଣ କରୁଥିବା କର୍ମଚାରୀଙ୍କ ପରିବାରକୁ ମିଳୁଥିବା ପୁନର୍ବାସ ପ୍ରଣାଳୀକୁ ସରଳ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମସ୍ତେ ସାଧୁବାଦ ଜଣାଇଥିଲେ।

ସମ୍ମିଳନୀରେ ହିଞ୍ଜିଳୀ ଗୋଷ୍ଠୀ ଶିକ୍ଷାଧ୍ୟାକାରୀ ଚାନ୍ଦିନୀପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର ଏବଂ ସୂର୍ଯ୍ୟକାନ୍ତ ପାତ୍ର ଯୋଗ ଦେଇ କହିଥିଲେ, କୋମଳମତି ଶିଶୁମାନଙ୍କର ଶୈକ୍ଷିକ ଅଭିବୃଦ୍ଧି ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ସଦା ଚେଷ୍ଟିତ ରହିବା ଆବଶ୍ୟକ । ଅବସରପ୍ରାପ୍ତ ଛଅ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା ।

## ବନ୍ଦର ମଧ୍ୟରେ ଜଳିଗଲା ମାଛଧରା ବୋଟ୍



ପାରାଦ୍ୱୀପ,୨୯।୮ (ସଂଚାର ବ୍ୟୁରୋ)ଃ ପାରାଦୀପ ମାଛଧରା ବନ୍ଦର ମଧ୍ୟରେ ଅଗ୍ନିକାଣ୍ଡରେ ଜଳିଗଲା ବୋଟ୍ | ଦେବୀଲକ୍ଷ୍ମି - ୨ ନାମକ ବୋଟ୍‌ରେ ଲାଗିଥିଲା ନିଆଁ | ତିନୋଟି ଦମକଳ ଗାଡି ଅକ୍ଲାନ୍ତ ପରିଶ୍ରମ କରିବା ପରେ ନିଆଁ ଆୟତ ହୋଇଥିଲା | ନିଆଁ ଲିଭିବା ପରେ ବୋଟ୍ଟି ସମ୍ପୂର୍ଣ୍ଣ ପୋଡି ଯାଇଥିବା ଦେଖିବାକୁ ମିଳିଛି । ନିଆଁ ଲାଗିବାର ପ୍ରକୃତ କାରଣ କିଛି ଜଣାପଡ଼ି ନାହିଁ | ଗତ କିଛିଦିନ ତଳେ ମାଛଧରା ବନ୍ଦରରେ ନିଆଁ ଲାଗି ପୋଡି ଯାଇଥିଲା ୭ଟି ବୋଟ୍ | ଆଜି ଅଗ୍ନିକାଣ୍ଡରେ କୌଣଷି ବୋଟ୍ କର୍ମଚାରୀ ଙ୍କର କିଛି କ୍ଷତି ହୋଇ ନଥିବା ବେଳେ ସେମାନେ ସମସ୍ତେ ନିରାପଦ ସ୍ଥାନକୁ ଚାଲି ଆସିଥିଲେ | ବାରମ୍ବାର ପାରାଦୀପ ମାଛଧରା ବନ୍ଦରରେ ଏଭଳି ନିଆଁ ଲାଗୁଥିବା ବେଳେ ସେଠାରେ ଗୋଟେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହେଉଛି |

# ନୂଆ ବିଦେଶୀ ମଦ ଦୋକାନରେ ମହାଗୋଳମାଳ ଅଭିଯୋଗ, ତଦନ୍ତ ଦାବି

ଖୋଲିବା ଦିନ କାଉଣ୍ଟରରେ ଲକ୍ଷାଧିକ ଟଙ୍କାର ଷ୍ଟକ୍ କେମିତି ?

ଗାଁକୁ ବେଆଇନ ଚାଲାଣ ଚର୍ଚ୍ଚା, ରସିଦ ନାହିଁ



କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ନୂତନ ଭାବେ ଖୋଲିଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଘୋର ଚର୍ଚ୍ଚା ଓ ସନ୍ଦେହ ଘନୀଭୂତ ହେଉଛି। ଜୁଲାଇ ୧ରେ ଲଟ୍ରି ଉଠାଣ ପରେ ନୂଆ ଦୋକାନ ଖୋଲିବା ପରେ ହଠାତ କାଉଣ୍ଟର ଓ ଗୋଦାମରେ ଏତେ ପରିମାଣର ମଦ ଷ୍ଟକ୍ ଆସିଲା କେମିତି, ତାହା ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ଅବକାରୀ ନିୟମ ଅନୁଯାୟୀ ଠିପି ବନ୍ଦ ଅବଧିରେ ସମସ୍ତ ପରିବହନ ପାସ୍ ବନ୍ଦ ରହେ, ପୁରୁଣା ଷ୍ଟକ୍ ଗଣତି ଓ ସିଲ୍ ହୁଏ। ଏପରି ସ୍ଥିତିରେ ନୂଆ ଲାଇସେନ୍ସଧାରୀଙ୍କୁ କେଉଁ ଆଧାରରେ ଓ କେଉଁ ପରମିଟରେ ଏତେ ଷ୍ଟକ୍ ମିଳିଲା, ତାହାର ରେକର୍ଡ ଯାଞ୍ଚ ହେବା ଆବଶ୍ୟକ। ଅଭିଯୋଗ ଅନୁସାରେ ବିନା ସଠିକ ଯାଞ୍ଚରେ ଲକ୍ଷ ଲକ୍ଷ ଟଙ୍କାର ମଦ ଗଦା ହୋଇଥିଲା ଏବେ ମଧ୍ୟ ହୋଇଛି।

ଆହୁରି ସାଂଘାତିକ ଅଭିଯୋଗ, ଏହି କାଉଣ୍ଟରରୁ ବିଭିନ୍ନ ଗାଁକୁ ବେଆଇନ ମଦ ଚାଲାଣ ହେଉଛି ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଦିନରେ କାଉଣ୍ଟରରେ ବିକ୍ରି ଓ ଦିନ ହେଉ ସନ୍ଧ୍ୟା ପରେ ବାଇକ୍, କାରରେ ଗାଁ ଗାଁକୁ କାର୍ଟୁନ ଯାଉଛି। ଯାହା ସମ୍ପୂର୍ଣ୍ଣ ବେଆଇନ ଓ ଲାଇସେନ୍ସ ସର୍ତ୍ତ ବିରୋଧୀ। ଏହାର ସତ୍ୟାସତ୍ୟ ପାଇଁ ସିସିଟିଭି ଯାଞ୍ଚ ହେଉ।

ଏହା ସହ ଗ୍ରାହକଙ୍କୁ ରସିଦ ଦିଆଯାଉନି, ଏମଆରପି ଠାରୁ ଅଧିକ ଦାମ ନିଆଯାଉଛି ବୋଲି ମଧ୍ୟ ଅଭିଯୋଗ କରୁଛନ୍ତି କେତେକ ଗ୍ରାହକ। ଅବକାରୀ ନୀତିରେ ପ୍ରତି ବିକ୍ରିରେ ରସିଦ ବାଧ୍ୟତାମୂଳକ।

ତେଣୁ ଅବକାରୀ ଅଧୀକ୍ଷକ ଜୁଲାଇ ୧ ପରର ଆବଣ୍ଟନ ଆଦେଶ, ଷ୍ଟକ୍ ରେଜିଷ୍ଟର, ଟିପି , ବିଲ୍ ଓ ସିସିଟିଭି ଯାଞ୍ଚ କରି ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବୀ ହୋଇଛି।

**ରାଜ୍ୟସ୍ତରୀୟ କ୍ରୀଡ଼ା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ**

# 'ପଡ଼ିଆରୁ ପୋଡ଼ିୟମ୍'- କ୍ରୀଡ଼ାରେ ଓଡ଼ିଶାର ହେବ କାୟାକଳ୍ପ

- ସୌମ୍ୟରଞ୍ଜନଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର
- ନୀଳମାଧବ ଓ ସୁନିଲଙ୍କୁ ମରଣୋତ୍ତର ସାହସିକତା ପୁରସ୍କାର
- ପ୍ରଣତି ମିଶ୍ରଙ୍କୁ 'ଜୀବନବ୍ୟାପୀ ସାଧନା' ପୁରସ୍କାର

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆଜି ରାଜ୍ୟସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସାହସୀ ବ୍ୟକ୍ତିବିଶେଷଙ୍କୁ ମର୍ଯ୍ୟାଦାଜନକ 'ବିଜୁ ପଟ୍ଟନାୟକ କ୍ରୀଡ଼ା ଏବଂ ସାହସିକତା ପୁରସ୍କାର' ପ୍ରଦାନ କରିଛନ୍ତି। ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇବା ସହ ମେଜର ଧ୍ୟାନଚାନ୍ଦଙ୍କ ଉକ୍ତି 'ଦେଶ ମୋ ପାଇଁ କ'ଣ କରିଛି, ତା' ବଡ଼ କଥା ନୁହେଁ, ମୁଁ ଦେଶ ପାଇଁ କ'ଣ କରିଛି, ତାହା ମହତ୍ତ୍ୱପୂର୍ଣ୍ଣ'ର ମହାମନ୍ତ୍ରକୁ ରାଜ୍ୟର ପ୍ରତ୍ୟେକ ଯୁବକଯୁବତୀ ନିଜ ଦୈନନ୍ଦିନ ଜୀବନରେ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଚଳିତ ବର୍ଷର ଜାତୀୟ ଥିମ୍ 'ଖେଳିବ ଭାରତ, ଜିତିବ ଭାରତ' ଆଧାରରେ 'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା' ସଂକଳ୍ପ ନେଇ ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଖେଳ ପଡ଼ିଆରୁ ବିଶ୍ୱ ଦରବାର ପର୍ଯ୍ୟନ୍ତ ଓଡ଼ିଶାର ଏହି କାୟାକଳ୍ପକୁ 'ପଡ଼ିଆରୁ ପୋଡ଼ିୟମ୍' ଅଭିମୁଖ୍ୟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଜି ଭାରତର ଏକ ପ୍ରମୁଖ କ୍ରୀଡ଼ା ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି। ରାଜ୍ୟର ପିଲାମାନଙ୍କ ପାଇଁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ଓ ଆମ ପିଲାମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ଆମେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛୁ ବୋଲି ସେ କହିଛନ୍ତି। ସମାରୋହରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାର ସୌମ୍ୟରଞ୍ଜନ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ସହ ଯାଜପୁର ଜିଲ୍ଲାର ନୀଳମାଧବ ପଣ୍ଡା ଓ ସୁନିଲ କୁମାର ରାୟଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ନିମନ୍ତେ 'ଜୀବନବ୍ୟାପୀ ସାଧନା' ପାଇଁ ପ୍ରଣତି ମିଶ୍ର, କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ଶକ୍ତି ପ୍ରକାଶ ନନ୍ଦ, 'କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ' ପାଇଁ ଲୋମା ସ୍ୱାଇଁ, 'ଶ୍ରେଷ୍ଠ ପ୍ରଶିକ୍ଷକ' ଭାବେ ଗୋପାଳକୃଷ୍ଣ ଦାଶ, 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ଭାବେ ସୁଚିତ୍ରା ପରିଡ଼ା, 'ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ାବିତ୍' ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗ ଓ 'ଶ୍ରେଷ୍ଠ ବୈଷୟିକ ଅଧିକାରୀ' ଭାବେ ପ୍ରବୋଧ କୁମାର ମହାନ୍ତି ଓ 'ସର୍ବୋତ୍ତମ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା' ଭାବେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌କୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, କେବଳ ଦକ୍ଷତା ନୁହେଁ, ବରଂ ନିଷ୍ଠା ଓ ଶୃଙ୍ଖଳା ହିଁ ଜଣେ ସାଧାରଣ ଖେଳାଳିଙ୍କୁ ମହାନ ଖେଳାଳିରେ ପରିଣତ କରେ, ଏହାର ପ୍ରମାଣ ହେଉଛନ୍ତି, ମେଜର ଧ୍ୟାନଚାନ୍ଦ। ତେଣୁ ଏହି ମହାନ୍ କ୍ରୀଡ଼ାବିତ୍‌ଙ୍କ ଖେଳ ପ୍ରତି ନିଷ୍ଠା ଓ ସମର୍ପଣକୁ ପ୍ରତ୍ୟେକ ଖେଳାଳି ନିଜ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବା ପାଇଁ ଶ୍ରୀ ସୂରଜ ଆହ୍ୱାନ ଦେଇଛନ୍ତି।




## ବାଲିଯାତ୍ରାରେ ଲାଗିବନି ଦୋଳି

**ମୀନାବଜାର ମହାସଂଘର ନିଷ୍ପତ୍ତି**



କଟକ, ୨୯।୮ (ସଂଚାର ବ୍ୟୁରୋ): ଏଥର ବାଲିଯାତ୍ରାରେ ମିଳିବନି ଦୋଳିର ମଜା। ଲାଗିବନି ବିପଜ୍ଜନକ ଦୋଳି ହାମର ଦୋଳି ଓ ସିଙ୍ଗଲ ଟାୱାର ଦୋଳି ଉପରେ ବ୍ୟାନ୍ ପାଇଁ ମୀନାବଜାର ମହାସଂଘ ନିଷ୍ପତ୍ତି ନେଇଛି। ଅଧିକ ପୁରୁଣା ଦୋଳି ନ ଲଗାଇବାକୁ ମହାସଂଘର ନିଷ୍ପତ୍ତି ନେଇଛି। ଅନ୍ୟ ଦୋଳିର ମାନ ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରିବ ମହାସଂଘ। ଏନେଇ ସୂଚନା ଦେଇଛନ୍ତି ମହାସଂଘ ସମ୍ପାଦକ ଅଭିଷେକ ଜେନା। ଗତବର୍ଷ ବାଲିଯାତ୍ରାରେ ୭୦ ଫୁଟ ଉଚ୍ଚ ସିଙ୍ଗଲ ଟାୱାର ଦୋଳି ଅଟକି ଯିବାରୁ ଘଣ୍ଟା ଘଣ୍ଟା ଧରି ୧୬ ଜଣ ବ୍ୟକ୍ତି ଫସି ରହିଥିଲେ। ସେପଟେ ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆ ଯାଇଥିବା କଟକ ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ଚଳିତ ବର୍ଷ ଉଭୟ ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି ଜିଲ୍ଲାପାଳ। ବାଲିଯାତ୍ରା କ୍ଷେତ୍ରର ଗୁପ୍ତେଶ୍ୱର ଦ୍ୱାରକ ହୋଇ ସାରିଛି। ଗତ ବର୍ଷ ଦୋଳି ଅଘଟଣକୁ ଦୃଷ୍ଟିରେ ରଖି ବିଶେଷ ପଦକ୍ଷେପ ନିଆଯାଉଛି। ଦୋଳି ଗୁଡ଼ିକ ଭିତରେ ସୁରକ୍ଷିତ ଦୂରତା ରଖାଯିବା ଏ ନେଇ ଦୋଳି ମାଲିକ ସଂଘ ସହିତ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଟ୍ରାଫିକ ପରିଚାଳନାକୁ ଆହୁରି ବ୍ୟବସ୍ଥିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଉପର ପଡ଼ିଆ ସହିତ ବାଲିଯାତ୍ରାର ଇତିହାସ ଯୋଡ଼ି ହୋଇ ରହିଛି। ତେଣୁ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ ହେବା ଉଚିତ୍ ବୋଲି ବାରବାଟୀ- କଟକ ବିଧାୟିକା କହିଛନ୍ତି।

## ଚୌଦ୍ୱାର ଜେଲ୍ ଅଧୀକ୍ଷକଙ୍କ ଆଗୁଆ ଜାମିନ ଖାରଜ



କଟକ ୨୯।୮ (ସଂଚାର ବ୍ୟୁରୋ): ଚୌଦ୍ୱାର ସର୍କଲ ଜେଲ୍ ଅଧିକ୍ଷକ ସୁଜିତ କୁମାର ରାଉଳଙ୍କ ପାଇଁ ବଢ଼ିଲା ଅଡୁଆ। ସୁଜିତଙ୍କ ଆଗୁଆ ଜାମିନ ଆବେଦନ ଆଜି ଖାରଜ କରିଛନ୍ତି ହାଇକୋର୍ଟ। ତେଣୁ କୌଣସି ମୁହୂର୍ତ୍ତରେ ପୋଲିସ ତାଙ୍କୁ ଗିରଫ କରିପାରେ। କାରଣ ଆଗୁଆ ଜାମିନ ଖାରଜ ହେବା ସହିତ ମିଳିଥିବା ଅନ୍ତର୍ବର୍ତ୍ତୀ ସୁରକ୍ଷା ମଧ୍ୟ ହଟିଯାଇଛି। ଗତ ବର୍ଷ ଚୌଦ୍ୱାର ଜେଲ୍‌ରୁ ୨ ଜଣ କୁଖ୍ୟାତ ଅପରାଧୀ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଚୌଦ୍ୱାର ଥାନାରେ ଏତଲା ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଜେଲର ସନ୍ତୋଷିନୀ ଦାସଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। କିନ୍ତୁ ସନ୍ତୋଷିନୀ ଅଭିଯୋଗ କରିଥିଲେ କି ଅପରାଧୀମାନଙ୍କୁ ଫେରାର କରିବାରେ ଜେଲ୍ ଅଧିକ୍ଷକଙ୍କର ପ୍ରମୁଖ ଭୂମିକା ଥିଲା। ଏପରିକି ଜେଲର ମିନିଟ ବୁକରେ ମଧ୍ୟ ଜାଲିଆତି କରାଯାଇଥିଲା। ଏ ସମସ୍ତ ଅଭିଯୋଗକୁ ଆଧାର କରି ତତ୍କାଳୀନ ଜେଲର ସନ୍ତୋଷିନୀ ଚୌଦ୍ୱାର ଥାନାରେ ଏତଲା ଦାୟର କରିଥିଲେ। ପରେ ଅଧିକ୍ଷକ ସୁଜିତ କୁମାର ରାଉଳଙ୍କ ପାଇଁ ସମସ୍ୟା ବଢ଼ିଥିଲା। ତେବେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବାକୁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଯାହା ଆଜି ଖାରଜ ହୋଇଛି।

**ଏସ୍‌ସିବି ମେଡିକାଲ୍‌ରେ ଦେଢ଼କୋଟି ଚଳୁ ମାମଲା**

## ଚୌଦ୍ୱାର ଜେଲରେ ଅଭିଯୁକ୍ତ ଦୀନେଶ

### ୩ ଦିନିଆ ରିମାଣ୍ଡରେ ଆଣିବ ପୁଲିସ୍



କଟକ, ୨୯।୮ (ସଂଚାର ବ୍ୟୁରୋ): ଏସ୍‌ସିବି ମେଡିକାଲ୍ କର୍ମଚାରୀଙ୍କ ଟିଏ, ଡିଏ, ଛୁଟି ଭତ୍ତା ବାବଦ ୧ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ କରିବା ଘଟଣାରେ ଗିରଫ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର କେନ୍ଦ୍ରାପଡ଼ା ରାଜକନିକାର ଦୀନେଶ ରାଉତକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି। ଶୁକ୍ରବାର ସକାଳେ ଦୀନେଶକୁ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାର ଜାମିନ ନାମଞ୍ଜୁର କରି ଜେଲ୍‌କୁ ପଠାଇ ଦେଇଥିଲେ। ତେବେ ଏହି ଜାଲିଆତି ପଛରେ ଏକ ବଡ଼ ର୍‍ୟାକେଟ୍ ଥିବାରୁ ଦୀନେଶକୁ ରିମାଣ୍ଡରେ ଆଣି ଜେରା କରିବା ପାଇଁ ମଙ୍ଗଳାବାଗ ଥାନା ନିଷ୍ପତ୍ତି ନେଇଛି। ଏନେଇ ଆସନ୍ତା ସୋମବାର ଦିନ କୋର୍ଟରେ ଆବେଦନ ହେବ। ପ୍ରାୟ ୩ ଦିନିଆ ରିମାଣ୍ଡ ପାଇଁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଏହି ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ତାହା ଜାଣିବା ପାଇଁ ତଦନ୍ତକାରୀ ଟିମ୍ ଛାନ୍‌ଭିନ୍ ଜାରି ରଖିଛି। ଏହି ଘଟଣାରେ ଆକାଉଣ୍ଟ ସେକ୍ସନ୍‌ର କ୍ୟାସିୟର ଓ କିରାଣିଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଅଭିଯୁକ୍ତ ଦୀନେଶ ଏକ ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଛି। ଗଲା ୧୦ ବର୍ଷ ହେବ ମେଡିକାଲର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯଥା ଆକାଉଣ୍ଟ୍ ସେକ୍ସନରେ ସେ କାମ କରୁଥିଲା। ୨୦୧୫-୧୬ ଆର୍ଥିକ ବର୍ଷରୁ ସେ ଟଙ୍କା ହେରଫେର୍ ଆରମ୍ଭ କରିଥିବା ଅଡିଟ୍‌ରେ ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଏସ୍‌ସିବି ଆକାଉଣ୍ଟ୍ ସେକ୍ସନର ପୂର୍ବତନ କନିଷ୍ଠ କିରାଣି ତଥା ଅଭିଯୁକ୍ତ ଦୀନେଶର ବାପା ଦିଲ୍ଲୀପ କୁମାର ରାଉତକୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବାନ୍ଧିଥିଲା। ବାପାଙ୍କ ନାଁରେ ଏଭଳି ସଂଗୀନ ଅଭିଯୋଗ ଥିବା ବେଳେ ପୁଅ ଦୀନେଶକୁ ସେଠାରେ କିଏ ଓ କାହିଁକି କାମ ଦେଇଥିଲା ତାହା ମଧ୍ୟ ପୁଲିସ ଏବେ ଛାନ୍‌ଭିନ୍ କରୁଛି।

## ଓଡ଼ିଶା ବିକାଶ ଲାଗି ଜାତୀୟ ଚରିତ୍ରର ପରିବର୍ତ୍ତନ ଦରକାର

- ଶିକ୍ଷାର ଉଦ୍ୟମିତା ମନୋଭାବ ହିଁ ରାଜ୍ୟକୁ ସଶକ୍ତ କରିବ
- ନଚିକେତା ବାର୍ଷିକ ବକ୍ତୃତାମାଳାରେ ଓଡ଼ିଶାର ବିକାଶ ପାଇଁ ୧୦ ପ୍ରସ୍ତାବ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଓଡ଼ିଶାର ବିକାଶ ସେତେ ସମ୍ଭବ ହେବ ଯେବେ ଓଡ଼ିଆ ଲୋକଙ୍କର ଜାତୀୟ ଚରିତ୍ର ବଦଳିବ। ଧନୀ ରାଜ୍ୟର ଗରିବ ଓଡ଼ିଆ ହୋଇ ବଞ୍ଚିଲେ ଓ ନିଜକୁ ନ୍ୟୂନ କରି ରଖିଲେ ଓଡ଼ିଶା ଆଗକୁ ଯାଇପାରିବ ନାହିଁ। ଅପରପକ୍ଷରେ ଓଡ଼ିଶାର ବିକାଶ ଲାଗି ଶିକ୍ଷାର ଜାତୀୟକରଣ ଓ ଉଦ୍ୟମିତା ମନୋଭାବର ଆବଶ୍ୟକତା ଜରୁରୀ।

ନଚିକେତା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ 'ନଚିକେତା ବାର୍ଷିକ ବକ୍ତୃତାମାଳା'ରେ 'ଏ ବର୍ଷର ପ୍ରସଙ୍ଗ: ଓଡ଼ିଶାର ବିକାଶ ପାଇଁ ଦଶ ପ୍ରସ୍ତାବ' ଶୀର୍ଷକରେ ଏକ ଆଲୋଚନା ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଚେନ୍ନାଇରେ ଅବସ୍ଥାପିତ ଯୁବ ଓଡ଼ିଆ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ତଥା ସ୍ତମ୍ଭକାର ପୂର୍ଣ୍ଣେନ୍ଦୁ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ୧୦ଟି ପ୍ରସ୍ତାବ ଯଥା- ଚାଷ ବୃତ୍ତି ନ ହୋଇ ବ୍ୟବସାୟ ହେଉ, ରାଜ୍ୟରେ ଆଗ୍ରୋଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ବୃଦ୍ଧି ପାଉ, ମୌଳିକ ଆବଶ୍ୟକତାକୁ ନେଇ ରାଜ୍ୟରେ ଉଦ୍ୟୋଗ କରାଯାଉ, ରାଜ୍ୟ ସୁଦୀର୍ଘ ଉପକୂଳର ସଦୁପଯୋଗ ହେଉ, ରାଜ୍ୟକୁ ବଡ଼ ଶିଳ୍ପ ଆସିବ ପାଇଁ ଇକୋ ସିଷ୍ଟମ ତିଆରି ହେଉ, ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ହେଉ, ଟେକ୍ନୋଲୋଜି ଉଦ୍ୟୋଗ ପରିସର ବୃଦ୍ଧି, ରାଜ୍ୟକୁ ନେଇ ବିଶ୍ୱ ଦରବାରରେ ମାର୍କେଟିଂ ଏବଂ ବ୍ୟବସାୟ ଓ ଉଦ୍ୟୋଗ ପ୍ରତି ମନ ବଦ୍ଳୁ ବୋଲି କହିଥିଲେ।

ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଶାର ବିକାଶ ପାଇଁ ଆମ ଜାତୀୟ ଚରିତ୍ରର ପରିବର୍ତ୍ତନ ଆବଶ୍ୟକତା ଥିବା କହିଥିଲେ। ସମ୍ମାନିତ ଅତିଥି ଭାବରେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିକାଶ ପାଇଁ ୧୦ଟି ପ୍ରସ୍ତାବ ଉପସ୍ଥାପନ କରି କହିଥିଲେ ଯେ ପ୍ରଥମ ପ୍ରସ୍ତାବ ଭାବରେ ଶିକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ପଡ଼ିବ। ସରକାରୀ ଶିକ୍ଷା ବ୍ୟବସ୍ଥାର ପୁନଃବିକେନ୍ଦ୍ରୀକରଣ ଓ ସାର୍ବଜନୀନକରଣ କରିବାକୁ ହେବ। ଶିକ୍ଷା ବ୍ୟବସ୍ଥାରେ ଠିକା ନିଯୁକ୍ତି ରହିବ ନାହିଁ। ଶିକ୍ଷକଙ୍କ ହାତରେ ଶିକ୍ଷାର ଢାଞ୍ଚା ପୂର୍ବପରି ଦିଆଯିବ। ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ନିଯୁକ୍ତି ଓ ରୋଜଗାର କ୍ଷେତ୍ରରେ ଦୂରଦୃଷ୍ଟିସମ୍ପନ୍ନ ଯୋଜନା, ସ୍ୱାବଲମ୍ବନଶୀଳତାର ପ୍ରୟୋଗ- ପ୍ରଚାର ଓପ୍ରୋତ୍ସାହନ, ସମ୍ପଦର ଉଚିତ ଓ ଉପଯୁକ୍ତ ବ୍ୟବହାର, କୃଷି ଏବଂ ଜଳସେଚନର ବିକାଶ ପ୍ରକ୍ରିୟା, ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ, ସମବାୟର ସୁଦୃଢ଼ୀକରଣ ଓ ବିପଣନ, ସାଂସ୍କୃତିକ ଜାଗରଣ ଏବଂ ମୌଳିକ ଢାଞ୍ଚାର ପୁନଃରୁଦ୍ଧାର ଓ ଶେଷରେ ପ୍ରତ୍ୟେକ ନାଗରିକଙ୍କର ବା ସରକାରୀ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ନିର୍ବାହନ ଆଦି ୧୦ଟି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍ୟୋଗ ମନୋବୃତ୍ତି ନ ବଢ଼ିଲେ ବିକାଶର ଚରମ ସୋପାନକୁ ଆମେ ଯାଇପାରିବା ନାହିଁ ବୋଲି କହିଥିଲେ। କେବଳ ସରକାରଙ୍କ ଉପରେ ସବୁବେଳେ ସବୁ ସମୟରେ ନିର୍ଭର କରି ରହିଲେ କୌଣସି ପରିସ୍ଥିତିରେ ଏକ ବିକଶିତ ସମାଜ ଗଢ଼ାଯାଇପାରିବ ନାହିଁ ବୋଲି ସେ ମତ ରଖିଥିଲେ।

**ପାରିବାରିକ କଳହର କରୁଣ ପରିଣତି**

## ସ୍ତ୍ରୀକୁ ହତ୍ୟା କରି ପୋତିଦେଇଥିଲା ସ୍ୱାମୀ!



ଢେଙ୍କାନାଳ,୨୯।୮(ସଂଚାର ବ୍ୟୁରୋ): ପାରିବାରିକ କଳହରୁ ଘଟିଛି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ସ୍ତ୍ରୀକୁ ହତ୍ୟା କରି ଘର ପଛପଟେ ସ୍ୱାମୀ ପୋତିଦେଇଥିବା ଅଭିଯୋଗ ହୋଇଛି। ଏଭଳି ଅଘଟଣ ଘଟିଛି ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦୁପୁର ଗାଁରେ। ମୃତ ମହିଳା ଜଣଙ୍କ ହେଉଛନ୍ତି କୌଶଲ୍ୟା ପ୍ରଧାନ। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ଗିରୀଶ ପ୍ରଧାନ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିବା ନେଇ ଅଭିଯୋଗ ରହିଛି। ଘଟଣା ସମ୍ପର୍କରେ ଖବର ପାଇ ସଦର ଥାନା ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଇନ୍ଦୁପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଗିରୀଶଙ୍କୁ ପୁଲିସ୍ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ଆନ୍ଧ୍ରରେ ଅଟୋ ଓଲଟି ଓଡ଼ିଆ ଶ୍ରମିକ ମୃତ

ରାଇକିଆ,୨୯।୮(ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ଯାଇ ପୁଣି ଜଣେ କନ୍ଧମାଳ ଶ୍ରମିକ ପ୍ରାଣ ହରାଇଛନ୍ତି। ଆନ୍ଧ୍ରପ୍ରଦେଶର ଅଗ୍ଲୁ ଜିଲ୍ଲା ଅନ୍ତର୍ଗତ ମେଜରମେଣ୍ଟାଠାରେ ଗତ ୨୪ ତାରିଖରେ ଅଟୋ ଓଲଟି ପଡ଼ିବାରୁ ଘଟିଥିବା ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଇନ୍ଦ୍ରଗଡ଼ ପଞ୍ଚାୟତ ରିସାଭୂମି ଗ୍ରାମର ମୁରଲୀ ନାୟକ (୫୫)ଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କନ୍ଧମାଳ ଜିଲ୍ଲାରେ ଦାଦନ ଶ୍ରମିକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ କାମ କରୁଥିବା ସ୍ଥାନୀୟ ସାକ୍ ସାମାଜିକ ସଂଗଠନ ପରିବାର ଲୋକଙ୍କୁ ଭେଟି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିବା ବେଳେ କେବଳ ଅଗଷ୍ଟରେ କନ୍ଧମାଳ ଜିଲ୍ଲାର ୧୧ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ପରିବାରର ଭରଣପୋଷଣ ଓ ପିଲାଙ୍କ ପାଠପଢ଼ା ପାଇଁ ମୁରଲୀ ଅନ୍ୟ ଶ୍ରମିକଙ୍କ ସହ ଆନ୍ଧ୍ର ପ୍ରଦେଶ ଯାଇଥିଲେ। ସେଠାରେ ସେ ମୂଲିଆ ଓ ମିସ୍ତ୍ରୀ ଭାବେ ଘର ନିର୍ମାଣ କାମ କରୁଥିଲେ। ମୁରଲୀ ଜଣେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ଆର୍ଥିକ ଅନଟନ ଯୋଗୁ ପରିବାର ପାଇଁ ବାହାର ରାଜ୍ୟରେ ଦାଦନ ଖଟିବାକୁ ବାଧ୍ୟ ହୋଇଥିଲେ।

## ଗୁଳିମାଡ଼ରେ ମାଂସ ଦୋକାନୀଙ୍କ ମୃତ୍ୟୁ



ସମ୍ବଲପୁର,୨୯।୮(ସଂଚାର ବ୍ୟୁରୋ): ସମ୍ବଲପୁରରେ ହୋଇଛି ଫାୟାରିଂ। ଦିନଦ୍ୱିପ୍ରହରେ ଜଣେ ମାଂସ ଦୋକାନୀଙ୍କୁ ଗୁଳିମାଡ଼ କରାଯାଇଛି। ବୁର୍ଲା ଥାନା କିର୍ବା ଛକ ନିକଟରେ ଏହି ଫାୟାରିଂ ହୋଇଛି। ଦୁର୍ବୃତ୍ତମାନେ ୩ ରାଉଣ୍ଡ ଗୁଳିମାଡ଼ କରିବା ଫଳରେ ଉକ୍ତ ମାଂସ ଦୋକାନୀ ମହମ୍ମଦ ଅନୀସ୍ (୩୬)ଙ୍କ ମୃତ୍ୟୁ ଘଟିଛି। ଅନୀସ୍‌ଙ୍କ ମୁଣ୍ଡରେ ଗୋଟିଏ ଓ ଦେହରେ ଦୁଇଟି ଗୁଳି ବାଜିଛି। ପୂର୍ବ ଶତ୍ରୁତାରୁ ତାଙ୍କୁ ରାଜା ସ୍ୱାମୀ (୨୫) ନାମକ ଯୁବକ ଗୁଳିମାଡ଼ କରିଥିବା ସୂଚନା ମିଳିଛି। ରାଜାଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରିବା ସହ ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଅଭିଯୁକ୍ତ ରାଜା ଅଟୋରେ ଆସି ଗୁଳିମାଡ଼ କରିଥିଲା। ଏନେଇ ସମ୍ବଲପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ଅଜୟ କୁମାର ମିଶ୍ର ସୂଚନା ଦେଇ କହିଛନ୍ତି ଯେ ଅନୀସ୍‌ଙ୍କ ନିକଟରେ କାମ କରୁଥିବା ଅଭିଯୁକ୍ତ ରାଜା ଏହି ଗୁଳିଚାଳନା କରିଛନ୍ତି। ଏକ ଦେଶୀ ବନ୍ଧୁକରୁ ଅତି ନିକଟରୁ ସେ ଅତି କମ୍‌ରେ ୩ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଘଟଣାସ୍ଥଳରୁ ୫ଟି ଖୋକା ଉଦ୍ଧାର କରାଯାଇଛି। ଗୁଳିକାଣ୍ଡରେ ଗୁରୁତର ଭାବେ ଆହତ ହେବା ପରେ ଅନୀସ୍‌ଙ୍କୁ ବୁର୍ଲାସ୍ଥିତ ଭୀମସାରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ରାଜାଙ୍କୁ ଅଟକ ରଖିବା ସହ ବ୍ୟବହୃତ ୭.୬୨ ଏମ୍‌ଏମ୍ ବନ୍ଧୁକକୁ ଜବତ କରିଛି।

## କନଷ୍ଟେବଲଙ୍କ ବିରୋଧରେ ପତ୍ନୀଙ୍କ ଭ୍ରୁଣହତ୍ୟା ଅଭିଯୋଗ

**ପୁଲିସ ଶୁଣୁନି, ଡିସିପିଙ୍କୁ ଭେଟିଲେ ପୀଡ଼ିତା**

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ୬ ବର୍ଷ ଧରି ନିର୍ଯାତନା ଦେଉଥିଲେ ସ୍ୱାମୀ। ଯୌତୁକ ପାଇଁ ମାଡ଼ ମାରିବା ସହ ଥାର୍ ଓ ବୁଲେଟ୍ ଗାଡ଼ି ଆଦି ଦାବି କରୁଥିଲେ। ଏପରିକି ଜୋରଜବରଦସ୍ତି ଭ୍ରୁଣହତ୍ୟା କରାଇଥିବାର ମଧ୍ୟ ଅଭିଯୋଗ ଆଣିଛନ୍ତି ପୀଡ଼ିତା ପତ୍ନୀ। ଭୁବନେଶ୍ୱର ନନ୍ଦନକାନନ ଥାନାରେ ଏହି ମାମଲାରେ ପତ୍ନୀ ଜଣଙ୍କ ଏତଲା ମଧ୍ୟ ଦେଇଛନ୍ତି ଓ ସ୍ୱାମୀଙ୍କୁ ଗିରଫ କରି ତାଙ୍କୁ ନ୍ୟାୟ ଦେବା ସକାଶେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୦୧୯ରେ ଢେଙ୍କାନାଳ ଜିଲ୍ଲାର ସର୍ବେଶ୍ୱର ବେହେରାଙ୍କୁ ବିବାହ କରିଥିଲେ ପୀଡ଼ିତା ମହିଳା। ସର୍ବେଶ୍ୱର ଅଗ୍ନିଶମ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତିଓ ସେମାନଙ୍କର ଗୋଟିଏ ପୁଅ ମଧ୍ୟ ଅଛନ୍ତି। କିନ୍ତୁ ବିବାହର କିଛି ଦିନ ପରେ ସ୍ୱାମୀଙ୍କ ଅତ୍ୟାଚାର ବଢ଼ିଥିଲା। ସର୍ବେଶ୍ୱର ଯୌତୁକ ପାଇଁ ସବୁବେଳେ ସ୍ତ୍ରୀକୁ ମାଡ଼ ମାରୁଥିଲେ। ଏପରିକି ପୁଅକୁ ମାରିଦେବାକୁ ଧମକ ବି ଦେଉଥିଲେ ବୋଲି ପୀଡ଼ିତା ପତ୍ନୀ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ଅଧିକ ଯୌତୁକ ବାବଦରେ ଏକ କାର୍ ଓ ବୁଲେଟ୍ ଦାବି କରି ସ୍ୱାମୀ ତାଙ୍କୁ ନିୟମିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ଜୋରଜବରଦସ୍ତି ତାଙ୍କର ଭ୍ରୁଣହତ୍ୟା ମଧ୍ୟ କରାଇଥିବା ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ବାଧ୍ୟ ହୋଇ ପୀଡ଼ିତା ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ସ୍ୱାମୀଙ୍କୁ ତୁରନ୍ତ ଗିରଫ କରିବା ସକାଶେ ସେ ଦାବି କରିଛନ୍ତି।

## ସ୍କ୍ରବ୍ ଟାଇଫସ୍ ଆତଙ୍କ, ଜଣେ ମୃତ

ଅନୁଗୋଳ,୨୯।୮(ସଂଚାର ବ୍ୟୁରୋ): ଅନୁଗୋଳ ପାଲଲହଡ଼ାରେ ସ୍କ୍ରବ୍ ଟାଇଫସ୍ ଆତଙ୍କ ଦେଖାଦେଇଥିବା ବେଳେ ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ୍ ସାନବାଘଧରି ଗାଁରେ ବ୍ୟାପିଛି ଏହି ସ୍କ୍ରବ୍ ଟାଇଫସ୍ ଭୟ। ରୋଗରେ ଆକ୍ରାନ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣଙ୍କ ହେଲେ ଗାଁର ସୁମନ୍ତ ସେଠୀ। ପ୍ରାରମ୍ଭରେ ତାଙ୍କଠାରେ ଜ୍ୱର, ମୁଣ୍ଡବିନ୍ଧା ଓ ଦେହହାତ ବିନ୍ଧିବା ଭଳି ଲକ୍ଷଣ ଦେଖାଦେଇଥିଲା। ପରବର୍ତ୍ତୀ



ସମୟରେ ପରୀକ୍ଷା ପରେ ଜଣାପଡ଼ିଥିଲା ଯେ ସେ ସଂକ୍ରମିତ ଚିଗର୍ ନାମ କୀଟ କାମୁଡ଼ିବା କାରଣରୁ ସ୍କ୍ରବ ଟାଇଫସ୍ ସଂକ୍ରମଣର ଶିକାର ହୋଇଥିଲେ। ଏହି ରୋଗରେ ଆକ୍ରାନ୍ତ ହୋଇଥିବା ୧୦ରୁ ଅଧିକ ଲୋକଙ୍କୁ ଚିକିତ୍ସା ନିମନ୍ତେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ଥିତି ଅନୁଧ୍ୟାନ ପାଇଁ ଗାଁରେ ଏକ ୫ଜଣିଆ ମେଡିକାଲ୍ ଟିମ୍ ବି ପହଞ୍ଚିଛି। ଏହି ଟିମ୍ ସମସ୍ତ ଜ୍ୱର ପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ଯାଞ୍ଚ୍ ଚଳାଇଛି। ଏନେଇ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି ଯେ ସ୍କ୍ରବ ଟାଇଫସ୍ ଆକ୍ରାନ୍ତ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୪ରୁ ୫ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଓ ସଠିକ୍ ଔଷଧ ଦିଆଯାଉଛି। ଆକ୍ରାନ୍ତମାନଙ୍କୁ ଡାକ୍ତରୀ ଦଳଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଖପାଖ ଗ୍ରାମଗୁଡ଼ିକୁ ସତର୍କ କରାଯାଇଛି ଓ ଆବଶ୍ୟକ ଡାକ୍ତରୀ ବ୍ୟବସ୍ଥା ବି ଗ୍ରହଣ କରାଯାଇଛି।

**ବିଏମସିର ତାନାସାହି ବିରୋଧରେ ଫେରାଦ**

# ରାଜଧାନୀବାସୀଙ୍କୁ ନୋଟିସରେ ଆତଙ୍କିତ କରାଯିବନି: ଏସିଏସ

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆମେ ଭୁବନେଶ୍ୱରିଆ, ଭୁବନେଶ୍ୱର ଉନ୍ନୟନ ପରିଷଦ, ଜନ ଜାଗରଣ ତଥା ସହଯୋଗୀ ଆବାସିକ କଲ୍ୟାଣ ସମିତି, ହାଉସିଂ ସୋସାଇଟି ଓ ଛୋଟ ବ୍ୟବସାୟୀଙ୍କ ଏକ ପ୍ରତିନିଧିମଣ୍ଡଳ ଆଜି ଗୃହ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ବିଏମସି ଜାରି କରିଥିବା ପ୍ରାୟ ୪,୬୨୩ଟି ସମାନ ଧରଣର କାରଣ ଦର୍ଶାଅ ନୋଟିସ୍ ବିରୋଧରେ ଜରୁରୀ ଅଭିଯୋଗ ଦାଖଲ କରିଛନ୍ତି।



ପ୍ରତିନିଧିମଣ୍ଡଳରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ଆମେ ଭୁବନେଶ୍ୱରିଆର ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଏସିଏସଙ୍କ ସହ ଆଲୋଚନା କରିଥିଲେ। ବିଏମସି ପକ୍ଷରୁ ଉତ୍ତର ଓ ଦକ୍ଷିଣ ଜୋନ୍ ପାଇଁ ଗତ ୩୦ ଓ ୩୧ ତାରିଖରେ ୪ଟି ନୋଟିସ କରାଯାଇଛି। ଏଥିରେ ବାଣିଜ୍ୟିକ ନକ୍ସା ଓ ଅଧିଭୋଗ ପ୍ରମାଣପତ୍ର ନ ଦେଲେ ସିଲ କରିବା କିମ୍ବା ଭାଙ୍ଗିବାକୁ ଧମକ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେବାକୁ ଯାଇ ବିଏମସିର ଯାନ୍ତ୍ରିକ ଅଭିଯାନ ରାଜ୍ୟ ସରକାରଙ୍କ ୨୦୨୫ ନଭେମ୍ବର ୧୫ରେ ଜାରି ଗେଜେଟ୍ ବିଜ୍ଞପ୍ତିର ବିରୁଦ୍ଧାଚରଣ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସଂଶୋଧିତ 'ଆବାସିକ ଭବନ' ସଂଜ୍ଞାରେ ବୃତ୍ତିଜୀବୀ ବାସଗୃହ, ଭଡ଼ା ଆବାସ, ପିଜି, ହୋମ୍‌ଷ୍ଟେ, ହଷ୍ଟେଲ, ଅତିଥି ଗୃହ ଅଛି। ଆବାସିକ ଜୋନ୍‌ରେ ୨୩ଟି ବ୍ୟବହାର ପୂର୍ବରୁ ଅନୁମୋଦିତ। ଯାହା ଆବାସିକ ଜୋନ୍‌ରେ ବୈଧ, ତାହା ପାଇଁ 'ବାଣିଜ୍ୟିକ ନକ୍ସା' ମାଗିବା ଉଚିତ ନୁହେଁ। କେତେକ ଦୋକାନକୁ ଶୁଣାଣି ବିନା ସିଲ୍ କରାଯାଇଛି; ବାଣିଜ୍ୟିକ କର କିମ୍ବା ଜିଏର ବ୍ୟାବସାୟିକ ଘର ଅନୁମତି ଥିବା ମାଲିକଙ୍କୁ ମଧ୍ୟ ନୋଟିସ୍ ମିଳିଛି ଓ ସିଲ୍ ବି କରାଯାଇଛି ବୋଲି ସେ କହିଥିଲେ।

ତେଣୁ ସିଲିଂ, ଭାଙ୍ଗିବା, ବିଦ୍ୟୁତ୍-ଜଳ ବିଚ୍ଛିନ୍ନ ପରି ଅତ୍ୟଧିକ ଚାପ ତୁରନ୍ତ ସ୍ଥଗିତ ରହୁ, ଗେଜେଟ୍ ବିଜ୍ଞପ୍ତି ୨୦୨୫ ଓ ୨୩ଟି ଅନୁମୋଦିତ ବ୍ୟବହାରର ପ୍ରଥମେ ପରୀକ୍ଷା କରାଯାଉ, ସର୍ବକ୍ଷମା ଯୋଜନାରେ ନିୟମିତକରଣ ପାଇଁ ସରକାର ଯୋଜନା କରନ୍ତୁ ଓ କେବଳ ଜନସୁରକ୍ଷା ବିପନ୍ନ କରୁଥିବା ବଡ଼ ଅବୈଧ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ପ୍ରତିନିଧିମଣ୍ଡଳୀ ଦାବି କରିଥିଲା।

ଶ୍ରୀମତୀ ପାଢ଼ୀ ଏହିସବୁ ଦାବିରେ ସହମତି ପ୍ରକାଶ କରି ଭୁବନେଶ୍ୱରିଆ ସହ ପରାମର୍ଶ ବୈଠକ ଡକାଯିବ, ନୋଟିସ୍ ଦ୍ୱାରା ଭୁବନେଶ୍ୱରିଆଙ୍କୁ ଆତଙ୍କିତ କରାଯିବ ନାହିଁ ଏବଂ ୨୦୨୫ ଗେଜେଟ୍ ଅଧୀନରେ ଉଲ୍ଲଂଘନ ନିୟମିତ କରିବାକୁ ସୁବ୍ୟବସ୍ଥିତ ପ୍ରକ୍ରିୟା ଅନୁସରଣ କରିବାକୁ ଏସିଏସ ଆଶ୍ୱାସନା ଦେଇଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏସିଏସ୍ ସ୍ପଷ୍ଟ କରିଛନ୍ତି କୋର୍ଟଙ୍କ ନାମରେ ଜବରଦସ୍ତ କାର୍ଯ୍ୟ ହେବ ନାହିଁ, କାରଣ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇନାହାନ୍ତି। ୨୦୨୫ ଗେଜେଟରେ ଆବାସିକ ଅନୁମତି ଅଧୀନରେ ବିଭିନ୍ନ କାର୍ଯ୍ୟ ଅନୁମୋଦିତ। ସେହି ଗେଜେଟ୍‌କୁ ବିଏମସି ଅଣଦେଖା କରିପାରିବ ନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଚିନି ପରେ ବଢ଼ିଲା ଗୁଡ଼, ମିଶ୍ରି ଦର

## କେଜି ପିଛା ୧୫ରୁ ୨୦ ଟଙ୍କା ବୃଦ୍ଧି



ଭୁବନେଶ୍ୱର, ୨୯।୮: ଚିନି ଦର ବଢ଼ୁଥିଲା। ଲୋକେ ଗୁଡ଼ରେ କାମ ଚଳାଇନେଉଥିଲେ। ଓଷାବ୍ରତ ହେଲେ ଗୁଡ଼ କିଣାଯାଉଥିଲା। ହେଲେ ତାକୁ ବି ଛାଡ଼ିଲେନି। ଏକାଥରକେ କେଜି ପିଛା ୨୦ଟଙ୍କା ବଢ଼ିଯାଇଛି ଗୁଡ଼ ଦର। ପୂର୍ବରୁ ଦର ୬୦ଟଙ୍କା ଥିବା ବେଳେ ଏବେ ୮୦। ଖାଲି ଗୁଡ଼ ନୁହେଁ, ମିଶ୍ରି ଦର ବି ବଢ଼ିଛି। ପୂର୍ବରୁ ଦର ୬୫ଟଙ୍କା ଥିବାବେଳେ ଏବେ ୧୫ଟଙ୍କା ବଢ଼ି ୮୦ରେ ପହଞ୍ଚିଛି। ସେପଟେ ବଜାରରେ ଗୁଡ଼ କେଜି ୯୦ ଟଙ୍କା ହୋଇଛି। ପାର୍ବଣ ଋତୁ ଆସୁଥିବା ବେଳେ ଚିନିର ବିକଳ୍ପ ଭାବେ ବ୍ୟବହାର କରୁଥିବା ଗୁଡ଼ ଓ ମିଶ୍ରିର ଦର ବଢ଼ିବା ଗ୍ରାହକଙ୍କୁ ଚିନ୍ତା ଦେଇଛି। ଓଡ଼ିଶାରେ ମିଶ୍ରି ଉତ୍ପାଦନ ନାହିଁ କହିଲେ ଚଳେ। ସେଥିପାଇଁ ରାଜସ୍ଥାନରୁ ମିଶ୍ରି ଆସୁଛି। ବର୍ତ୍ତମାନ ୨୦କିଲୋ ମିଶ୍ରିର ଦାମ୍ ୧୬୦୦ ଟଙ୍କା ହୋଇଛି। ସେହିପରି ଗୁଡ଼ର ପାଇକାରୀ ଦର ୭୧ ଟଙ୍କା ଥିବା ବେଳେ ବଜାରରେ ତାହା ୮୦ ଟଙ୍କାରେ ବିକ୍ରି ହେଉଛି। ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ବ୍ୟବସାୟୀମାନଙ୍କ କହିବା କଥା, ଆଖୁରୁ ଇଥାନଲ ହେଉଥିବାରୁ ସବୁ ଦର ବଢ଼ୁଛି। ପେଟ୍ରୋଲିୟମ ସାମଗ୍ରୀର ଦର ଉଚ୍ଚ ଯୋଗୁଁ ଗୁଡ଼ ଆସୁଥିବା ଡବାର ଦାମ ବି ବଢ଼ିଛି। ଯଦ୍ୱାରା ଗୁଡ଼ ମହଙ୍ଗା ହୋଇଛି। ସେପଟେ ଚିନି ଦର ସେହି ୭୦ରୁ ୭୫ ଟଙ୍କାରେ ଅଟକିଛି। ଦର ଆକାଶଛୁଆଁ ହୋଇଥିବାରୁ ଚିନି କିଣିବାକୁ ଡର। ଆଜି କେନ୍ଦ୍ର ସରକାର ଦେଶର ସମସ୍ତ ଚିନି ବ୍ୟବସାୟୀଙ୍କୁ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପୋର୍ଟାଲରେ ପଞ୍ଜୀକରଣ କରିବା ସହ ପ୍ରତି ଶୁକ୍ରବାର ଚିନି ଷ୍ଟକ୍‌ର ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଢ଼ୁଥିବା ଚିନି ଦର, କୃତ୍ରିମ ଅଭାବକୁ ନଜରରେ ରଖି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଅସାଧୁ ବ୍ୟବସାୟୀମାନେ ଅଧିକ ଚିନି ଗଚ୍ଛିତ କରି ରଖିପାରିବେନି କି ବଜାରରେ କୃତ୍ରିମ ଅଭାବ ସୃଷ୍ଟି ହେବନି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ସେପ୍ଟେମ୍ବର ପହିଲାରୁ ବଦଳିବ ୭ ବଡ଼ ନିୟମ

ନୂଆଦିଲ୍ଲୀ,୨୯।୮:ଅଗଷ୍ଟ ମାସ ଶେଷ ହେବା ସହିତ ସେପ୍ଟେମ୍ବର ୧ରୁ ଦୈନନ୍ଦିନ ଜୀବନ ଓ ଆର୍ଥିକ କାରବାର ସହ ଜଡ଼ିତ କିଛି ନିୟମରେ ପରିବର୍ତ୍ତନ ହେବ। ଏହାର ପ୍ରଭାବ ଏଲପିଜି ଗ୍ରାହକ, ଆୟକରଦାତା, ବିଦେଶ ଯାତ୍ରୀ, କ୍ରେଡିଟ୍ କାର୍ଡ ବ୍ୟବହାରକାରୀ ଏବଂ ଏଫଡି କରୁଥିବା ଲୋକଙ୍କ ଉପରେ ପଡ଼ିପାରେ। ସେପ୍ଟେମ୍ବର ୧ରୁ ଲାଗୁ ହେବାକୁ ଥିବା ପ୍ରମୁଖ ପରିବର୍ତ୍ତନଗୁଡ଼ିକ ଜାଣନ୍ତୁ। ବିଦେଶ ଯାତ୍ରା କରୁଥିବା ଭାରତୀୟ ଯାତ୍ରୀଙ୍କ ପାଇଁ ଇମିଗ୍ରେସନ୍ ପ୍ରକ୍ରିୟାରେ ପରିବର୍ତ୍ତନ । ସେପ୍ଟେମ୍ବର ୧ରୁ ବୋର୍ଡିଂ ପାସ୍‌ରେ ଇମିଗ୍ରେସନ୍ ଷ୍ଟାମ୍ପ ଲଗାଇବାର ଆବଶ୍ୟକତା ରହିବ ନାହିଁ। ଯାତ୍ରୀମାନେ ମୋବାଇଲ୍ କିମ୍ବା ପ୍ରିଣ୍ଟେଡ୍ କପିରେ ଇ-ବୋର୍ଡିଂ ପାସ୍ ଦେଖାଇ ପ୍ରକ୍ରିୟା ସମ୍ପନ୍ନ କରିପାରିବେ।

ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ଅଗଷ୍ଟ ୩୧ ତାରିଖ ଗୁରୁତ୍ୱପୂର୍ଣ୍ଣ। ଇଣ୍ଡିଆନ୍ ଅଏଲ୍, ବିପିସିଏଲ ଓ ଏଚପିସିଏଲ ଭଳି ତୈଳ ବିପଣନ କମ୍ପାନି ସହିତ ଜଡ଼ିତ ଗ୍ରାହକଙ୍କୁ ଏଲପିଜି କନେକ୍ସନ୍ ପାଇଁ ଇକେୱାଇସି ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ସମୟସୀମା ମଧ୍ୟରେ ଆଧାର ଆଧାରିତ ବାୟୋମେଟ୍ରିକ୍ ଯାଞ୍ଚ ନକଲେ ସବସିଡି କିମ୍ବା ସିଲିଣ୍ଡର ଯୋଗାଣ ପ୍ରଭାବିତ ହୋଇପାରେ। ପ୍ରତି ମାସର ପ୍ରଥମ ଦିନ ଭଳି ସେପ୍ଟେମ୍ବର ୧ରେ ତୈଳ ବିପଣନ କମ୍ପାନିଗୁଡ଼ିକ ଏଲପିଜି ଦର ସମ୍ପର୍କରେ ନୂଆ ଘୋଷଣା କରିବେ। ଏହା ସହିତ ଏଟିଏଫ, ସିଏନଜି ଓ ପିଏନଜି ଦରରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ଏଟିଏଫ ଦର ବଦଳିଲେ ଏହାର ପ୍ରଭାବ ବିମାନ ଭଡ଼ା ଉପରେ ମଧ୍ୟ ପଡ଼ିପାରେ। ବ୍ୟବସାୟ କିମ୍ବା ବୃତ୍ତିରୁ ଆୟ କରୁଥିବା ଏବଂ ଅଡିଟ୍ ଆବଶ୍ୟକ ନଥିବା କିଛି କରଦାତାଙ୍କ ପାଇଁ ୨୦୨୬-୨୭ ମୂଲ୍ୟାଙ୍କନ ବର୍ଷର ଏଟିଆର ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୩୧। ତେଣୁ ଯୋଗ୍ୟ କରଦାତାମାନେ ସମୟସୀମା ମଧ୍ୟରେ ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ।

ସେପ୍ଟେମ୍ବର ୧ରୁ ଆମେରିକାନ୍ ଏକ୍ସପ୍ରେସ୍‌ର ପ୍ଲାଟିନମ୍ ଟ୍ରାଭେଲ୍ କ୍ରେଡିଟ୍ କାର୍ଡରେ କିଛି ମାଇଲଷ୍ଟୋନ୍ ରିୱାର୍ଡରେ ପରିବର୍ତ୍ତନ ହେବ। ଏହାସହ ଅନ୍ୟ କିଛି ବ୍ୟାଙ୍କ ମଧ୍ୟ କ୍ରେଡିଟ୍ କାର୍ଡର ନିୟମ ଓ ସର୍ତ୍ତରେ ପରିବର୍ତ୍ତନ କରିଛନ୍ତି।

ଚିନି ଦର ନିୟନ୍ତ୍ରଣ ପାଇଁ ବଲ୍କ ଚିନି କ୍ରେତାଙ୍କ ଉପରେ ଷ୍ଟକ୍ ସୀମା ଲାଗୁ ହେବ। ସେପ୍ଟେମ୍ବର ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଏହି କଟକଣା ରହିବ। ମାସକୁ ୧୦ ମେଟ୍ରିକ୍ ଟନ୍‌ରୁ ଅଧିକ ଚିନି ବ୍ୟବହାର କରୁଥିବା ବ୍ୟବସାୟୀମାନେ ସର୍ବାଧିକ ୧୫ ଦିନର ଆବଶ୍ୟକତା ଅନୁସାରେ ଷ୍ଟକ୍ ରଖିପାରିବେ। ବ୍ୟାଙ୍କର ବଡ଼ ସ୍ଥାୟୀ ଜମା ବା ବଲ୍କ ଏଫଡ଼ି ଉପରେ ଅଧିକ ସ୍ୱଚ୍ଛତା ଆଣିବାକୁ ନୂଆ ନିୟମ ଆସୁଛି। ୩ କୋଟି କିମ୍ବା ତା'ଠାରୁ ଅଧିକ ବଲ୍କ ଏଫଡି ଉପରେ ସୁଧ ହାର ସମ୍ପର୍କିତ ସୂଚନା ବ୍ୟାଙ୍କଗୁଡ଼ିକୁ ପ୍ରକାଶ କରିବାକୁ ପଡ଼ିବ। ଏହା ଦ୍ୱାରା ବଡ଼ ଜମାକାରୀମାନେ ସୁଧ ହାର ସମ୍ପର୍କରେ ଅଧିକ ସ୍ପଷ୍ଟ ସୂଚନା ପାଇପାରିବେ।



## ପିଆଜ ଦର ୮୦ ଟଙ୍କା ପାର୍



ନୂଆଦିଲ୍ଲୀ,୨୯।୮:ରୋଷେଇ ଘରରେ ପିଆଜ ଦର ପୁଣିଥରେ ସାଧାରଣ ଲୋକଙ୍କ ବଜେଟକୁ ପ୍ରଭାବିତ କରୁଛି। ଦେଶର ଅନେକ ଅଞ୍ଚଳରେ ପିଆଜ ଦରରେ ଦ୍ରୁତ ବୃଦ୍ଧି ଦେଖାଦେଇଛି। କିଛି ବଜାରରେ ପିଆଜର ଖୁଚୁରା ଦର କିଲୋପ୍ରତି ୮୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିବା ଖବର ମିଳିଛି।

ବଢ଼ୁଥିବା ଦରକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବଫର ଷ୍ଟକ୍‌କୁ ପିଆଜ ବଜାରକୁ ଛାଡ଼ିବା, କମ୍ ଦରରେ ପିଆଜ ବିକ୍ରି କରିବା ଏବଂ 'କାନ୍ଦା ଏକ୍ସପ୍ରେସ' ମାଧ୍ୟମରେ ପ୍ରମୁଖ ସହରଗୁଡ଼ିକୁ ପିଆଜ ପହଞ୍ଚାଇବା ଭଳି ପଦକ୍ଷେପ ନେଇଛନ୍ତି। ଏହାସତ୍ତ୍ୱେ କିଛି ଅଞ୍ଚଳରେ ଲୋକଙ୍କୁ ଅଧିକ ଦରରେ ପିଆଜ କିଣିବାକୁ ପଡୁଛି। ତେବେ ସରକାରୀ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୮ ତାରିଖରେ ଦେଶରେ ପିଆଜର ହାରାହାରି ଖୁଚୁରା ଦର କିଲୋପ୍ରତି ପ୍ରାୟ ୩୭.୮୭ ଟଙ୍କା ଥିଲା। ତେଣୁ ୮୦ ଟଙ୍କାର ଦର ସାରା ଦେଶର ହାରାହାରି ଦର ନୁହେଁ, ବରଂ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳର ଖୁଚୁରା ଦର। ପିଆଜ ଦର ବୃଦ୍ଧି ପଛରେ ମୌସୁମୀ ଚାହିଦା, ସପ୍ଲାଇ ଚେନ୍‌ର ସମସ୍ୟା ଏବଂ କିଛି ଅଞ୍ଚଳରେ ଚାହିଦା-ଯୋଗାଣର ଅସନ୍ତୁଳନକୁ ପ୍ରମୁଖ କାରଣ ବୋଲି ଧରାଯାଉଛି। ସରକାରଙ୍କ ମତରେ, ପାର୍ବଣ ଓ ବିବାହ ଋତୁରେ ପିଆଜର ଚାହିଦା ବଢ଼ିବା ଯୋଗୁ ଦର ଉପରେ ଚାପ ସୃଷ୍ଟି ହୋଇପାରେ। ଏହା ବ୍ୟତୀତ କିଛି ପ୍ରମୁଖ ପିଆଜ ଉତ୍ପାଦନକାରୀ ରାଜ୍ୟରେ ଫସଲ ସମ୍ପର୍କିତ ପରିସ୍ଥିତି ମଧ୍ୟ ବଜାରକୁ ପ୍ରଭାବିତ କରିଛି। ମହାରାଷ୍ଟ୍ରର ନାସିକ ଭଳି ପ୍ରମୁଖ ପିଆଜ ଉତ୍ପାଦନ ଅଞ୍ଚଳରୁ ଦେଶର ବଡ଼ ବଜାରକୁ ପିଆଜ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

### ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଇତିହାସର ସର୍ବବୃହତ ତୈଳ ଚୁକ୍ତି

## ୬୫ ବିଲିୟନ ବ୍ୟାରେଲ ତେଲ ଉପରେ ଆମେରିକାର ନିୟନ୍ତ୍ରଣ



ୱାସିଂଟନ,୨୯।୮:ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ସହିତ ଏକ ବଡ଼ ଚୁକ୍ତି ଘୋଷଣା କରିଛନ୍ତି। ଯଦି ଏହି ଚୁକ୍ତି କାର୍ଯ୍ୟକାରୀ ହୁଏ,ତେବେ ଆମେରିକା ଭେନେଜୁଏଲାରେ ଥିବା ବିଶାଳ ତୈଳ ଭଣ୍ଡାରକୁ ପ୍ରବେଶ କରିବାର ସୁଯୋଗ ପାଇବ। ବିଶେଷ କଥା ହେଉଛି, ଆମେରିକା ଏହି ତେଲ କମ୍ ମୂଲ୍ୟରେ ପାଇବ। ଟ୍ରମ୍ପ କହିଛନ୍ତି, ଏହି ଚୁକ୍ତି ଆମେରିକାକୁ ଭେନେଜୁଏଲାର ୬୫ ବିଲିୟନ ବ୍ୟାରେଲ ତୈଳ ଭଣ୍ଡାର ଉପରେ ନିୟନ୍ତ୍ରଣ ଦେବ। ସୋସିଆଲ ମିଡିଆରେ ଏହି ଚୁକ୍ତି ଘୋଷଣା କରି ଟ୍ରମ୍ପ ଲେଖିଛନ୍ତି, ଆମେରିକା ଭେନେଜୁଏଲା ସହିତ ବିଶ୍ୱର ଇତିହାସରେ ସବୁଠାରୁ ବଡ଼ ତୈଳ ଚୁକ୍ତି କରିଛି। ଏହି ଚୁକ୍ତି ପାଇଁ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଏବଂ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ମଧ୍ୟରେ ଆଲୋଚନା ହୋଇଛି।

ଭେନେଜୁଏଲାର ରୋଡ୍ରିଗେଜ ସରକାର ଏକ ବିବୃତିରେ କହିଛନ୍ତି ଯେ ଏହି ଚୁକ୍ତିରେ ୧୭ ଟି ତୈଳ କ୍ଷେତ୍ରର ବିକାଶ ଅନ୍ତର୍ଭୁକ୍ତ ରହିଛି। ଯେଉଁଥିରେ ୬୫ ବିଲିୟନ ବ୍ୟାରେଲ ତେଲ ରହିଥିବା ନିଶ୍ଚିତ ହୋଇଛି। ଏହି ଚୁକ୍ତି ଭେନେଜୁଏଲାର ତୈଳ ଶିଳ୍ପରେ ୧୦୦ ବିଲିୟନ ଡଲାର ନିବେଶ ଆଣିପାରିବ ଏବଂ ୨୦୯ ବିଲିୟନ ଡଲାରରୁ ଅଧିକ ରାଜସ୍ୱ ସୃଷ୍ଟି କରିପାରିବ। ଭେନେଜୁଏଲାରେ ମୋଟ ୩୦୩ ବିଲିୟନ ବ୍ୟାରେଲର ଅଶୋଧିତ ତୈଳ ଭଣ୍ଡାର ଅଛି। ଚଳିତ ବର୍ଷ ଜାନୁଆରିରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଧରିବା ପାଇଁ ଆମେରିକା ସେନା ଅଭିଯାନ ଆରମ୍ଭ କରିବାର ପ୍ରାୟ ନଅ ମାସ ପରେ ତୈଳ ଚୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଟ୍ରମ୍ପଙ୍କ ନିର୍ଦ୍ଦେଶରେ ମାଦୁରୋଙ୍କୁ ଗିରଫ କରାଯାଇ ଆମେରିକା ନିଆଯାଇଥିଲା। ତାଙ୍କ ବିରୋଧରେ ନାର୍କୋ-ଆତଙ୍କବାଦ ଏବଂ ଡ୍ରଗ୍ସ ଚାଲାଣ ଅଭିଯୋଗ ଆସିଛି।

ଏହି ଚୁକ୍ତି ଏପରି ସମୟରେ ହୋଇଛି ଯେତେବେଳେ ତେଲ ମୂଲ୍ୟ ହ୍ରାସ କରିବା ପାଇଁ ଟ୍ରମ୍ପ ପ୍ରବଳ ଘରୋଇ ଚାପର ସମ୍ମୁଖୀନ ହେଉଛନ୍ତି। ଇରାନ ସହିତ ଯୁଦ୍ଧ ଛଅ ମାସ ଧରି ଚାଲିଛି, ଏବଂ ଏହା ଶେଷ ହେବାର କୌଣସି ସଙ୍କେତ ଦେଖାଯାଉ ନାହିଁ। ତେଲ ଚାପକୁ ସମାଧାନ କରିବା ପାଇଁ, ଆମେରିକା ଏହାର ରଣନୈତିକ ତୈଳ ଭଣ୍ଡାର ବ୍ୟବହାର କରିଛି। ଅଗଷ୍ଟ ଆରମ୍ଭ ସୁଦ୍ଧା, ଏହି ଭଣ୍ଡାର ୩୦୦ ନିୟୁତ ବ୍ୟାରେଲ ତଳକୁ ଖସିଯାଇଥିଲା, ଯାହା ୨୦୨୬ ଆରମ୍ଭ ତୁଳନାରେ ୧୦ କୋଟି ଡଲାର ନିଅଣ୍ଟ ହୋଇଥିଲା। ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ନୂତନ କମ୍ପାନିଠାରୁ କିଣାଯାଇଥିବା ତେଲ ଆମେରିକାର ରଣନୈତିକ ତୈଳ ଭଣ୍ଡାର ପୂରଣ କରିବା ସହ ସାମରିକ ବ୍ୟବହାର ପାଇଁ ବ୍ୟବହାର କରାଯିବ। ଜାନୁଆରିରେ ନିକୋଲାସ ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଟ୍ରମ୍ପ ଆମେରିକୀୟ ତୈଳ କମ୍ପାନିଗୁଡ଼ିକୁ ଭେନେଜୁଏଲାକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି ହୁଗୋ ଚାଭେଜ୍ ଆମେରିକୀୟ ତୈଳ କମ୍ପାନିଗୁଡ଼ିକ ସମେତ ଶହ ଶହ ବିଦେଶୀ ମାଲିକାନା ସମ୍ପତ୍ତିର ଜାତୀୟକରଣ କରିଥିଲେ। ରାଜନୈତିକ ଅନିଶ୍ଚିତତା ଏବଂ ଦଶନ୍ଧି ଧରି ଚାଲିଥିବା ଭିତ୍ତିଭୂମି କ୍ଷତି ଯୋଗୁଁ ପ୍ରମୁଖ ତୈଳ କମ୍ପାନିଗୁଡ଼ିକୁ ଏହି ଅଞ୍ଚଳକୁ ଫେରାଇ ଆଣିବା କଷ୍ଟକର ହୋଇପାରେ। କାରଣ ଭିତ୍ତିଭୂମି ମରାମତି କରିବାକୁ ବର୍ଷ ବର୍ଷ ଏବଂ କୋଟି କୋଟି ଡଲାର ଲାଗିପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୬,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୭୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# କାଳିମେଳା ମେଡିକାଲରେ କ୍ଲିନିକାଲ୍ ଟେଷ୍ଟ ସେବା ବିପର୍ଯ୍ୟସ୍ତ

## ଘରୋଇ ଲାବ୍‌କୁ ଯିବାକୁ ବାଧ୍ୟ ହେଉଛନ୍ତି ରୋଗୀ

**ମାଲକାନଗିରି, ୨୯।୮ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାର ଅତି ଦୁର୍ଗମ ତଥା ଆଦିବାସୀ ବହୁଳ କାଳିମେଳା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଏକ ସପ୍ତାହ ହେବ ଲାବୋରେଟୋରୀ କେମିକାଲର ଘୋର ଅଭାବ ଦେଖାଦେଇଛି। ଫଳରେ ସାଧାରଣ ରୋଗୀମାନେ ଚରମ ହନ୍ତସନ୍ତ ହେଉଛନ୍ତି। ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା।

ସୂଚନା ଅନୁସାରେ, ଏହି ମେଡିକାଲ ଉପରେ କାଳିମେଳା, ପଡିଆ, ଏମ୍ଭି ୭୯, ମୋଟୁ ପର୍ଯ୍ୟନ୍ତ ୬୦ ରୁ ୭୦ କିମି ପର୍ଯ୍ୟନ୍ତ ଏବଂ ଛତିଶଗଡ଼ ସୀମାନ୍ତର ପ୍ରାୟ ୧୦ରୁ ଅଧିକ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଦୈନିକ ଶହେରୁ ଅଧିକ ରୋଗୀ




ବହିଃ ବିଭାଗକୁ ଆସୁଛନ୍ତି। ହେଲେ ଲାବରେ ରକ୍ତ ପରୀକ୍ଷା ପାଇଁ ଆବଶ୍ୟକ ଏସଜିପିଟି, ଏସଜିଓଟି , ହିମୋଗ୍ଲୋବିନ, ବିଲିରୁବିନ, ବ୍ଲଡ ସୁଗାର, ସିକିଲିନ ସିବିଶି ଭଳି ଜରୁରୀ କାଳୀନ ପରୀକ୍ଷା କିଟ୍ ନାହିଁ। କେବଳ ପ୍ରେସକ୍ରିପସନ ଲେଖି ଡାକ୍ତର ରୋଗୀଙ୍କୁ ଘରୋଇ ଲାବକୁ ଯିବାକୁ ବାଧ୍ୟ କହୁଛନ୍ତି।

ଏହି ଅଞ୍ଚଳର ଅଧିକାଂଶ ଲୋକ ଦିନ ମଜୁରିଆ ଏବଂ ଗରିବ ଶ୍ରେଣୀର। ଘରୋଇ ଲାବରେ ଗୋଟିଏ ଜିଏସ୍‌ପିଟି ପରୀକ୍ଷା ପାଇଁ ୨୦୦ରୁ ୩୦୦ ଟଙ୍କା କେବଳ ସିବିସି ଯାହା ଗର୍ଭବତୀ ମହିଳାଙ୍କୁ ନିହାତି ଆବଶ୍ୟକ ଯାହା ପରୀକ୍ଷା ପାଇଁ ବି ୧୫୦ରୁ ୨୦୦ ଦେବାକୁ ପଡୁଛି। ଅନେକ ରୋଗୀ ପଇସା ଅଭାବରୁ ପରୀକ୍ଷା ନକରି ଫେରିଯାଉଛନ୍ତି, ଯାହା ଦ୍ୱାରା ରୋଗ ଗମ୍ଭୀର ହେବାର ଆଶଙ୍କା ବଢ଼ୁଛି। ବିଶେଷ କରି ଗର୍ଭବତୀ ମହିଳା ଏବଂ ଜଣ୍ଡିସ୍ ସିକିଲିନ ଏବଂ ଲିଭର ରୋଗୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କେବଳ ମ୍ୟାଲେରିଆ ଛାଡ଼ିଦେଲେ ଅନ୍ୟ କୌଣସି ପରୀକ୍ଷାର ସୁବିଧା ଥିଲେ ବି କେମିକାଲ ଅଭାବରୁ ପ୍ରାଇଭେଟକୁ ଯିବା କୁ ବାଧ୍ୟ ହେଉଛୁ । ଆଉ ଜଣେ କହିଛନ୍ତି "ତିନି ଦିନ ହେଲା ମୋ ପୁଅର ଜଣ୍ଡିସ ପରୀକ୍ଷା ପାଇଁ ଆସୁଛୁ, କେମିକାଲ ନାହିଁ ବୋଲି କହି ଫେରାଇ ଦେଉଛନ୍ତି।"

ଏ ନେଇ ମେଡିକାଲ ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖିଛୁ ।

ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ କେମିକାଲ ମହଜୁଦ ନରଖିବା ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ପଦାରେ ପକାଉଛି। ତୁରନ୍ତ କେମିକାଲ ଯୋଗାଇ ରୋଗୀ ସେବା ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି।

# ନିଶାମୁକ୍ତ ଓଡ଼ିଶା ଓ ସାଇବର ଅପରାଧ ବିରୋଧରେ ସଚେତନତା



**ବାଲିକୁଦା,୨୯।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ପୋଲିସ ପକ୍ଷରୁ ତାଣ୍ଡିକୁଳ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ନିଶାମୁକ୍ତ ଓଡିଶା ଅଭିଯାନ ଓ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବାଲିକୁଦା ଥାନା ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକ, ସହ ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ହାବିଲଦାର ଜଟାଧାରୀ ବାରିକ ପ୍ରମୁଖ ପଦାଧିକାରୀ ଯୋଗଦେଇ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ସେବନ ଓ ମାଦକାସକ୍ତିର ଭୟାବହ କୁପରିଣାମ ସମ୍ପର୍କରେ ସଚେତନ କରାଯାଇଥିଲା। ନିଶାଠାରୁ ଦୂରେଇ ରହିବା ସହ ଆମ ରାଜ୍ୟ କୁ ନିଶାମୁକ୍ତ ରାଜ୍ୟ ଗଠନରେ ଯୁବପିଢ଼ିର ଭୂମିକା କ'ଣ ରହିବା ଉଚିତ, ସେନେଇ ଛାତ୍ରଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ବ୍ୟାଖ୍ୟା କରିଥିଲେ। ଏଥିସହ ବିଭିନ୍ନ ପ୍ରକାର ସାଇବର ଅପରାଧ, ଅନଲାଇନ୍ ଠକେଇ, ଡିଜିଟାଲ ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିହେବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ସୋସିଆଲ ମିଡିଆ ଓ ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମର ଦାୟିତ୍ୱପୂର୍ଣ୍ଣ ତଥା ସୁରକ୍ଷିତ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ଶେଷରେ ସ୍କୁଲ ର ଶିକ୍ଷକ, ଛାତ୍ର ଛାତ୍ରୀ, ବାଲିକୁଦା ପୋଲିସ ର ବିଭିନ୍ନ ପଦାଧିକାରୀ ମାନେ ଏକ ସଚେତନତା ଶୋଭାଯାତ୍ରା ରେ ଗ୍ରାମ୍ୟ ପରିକ୍ରମା କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ



**ଖୋର୍ଦ୍ଧା, ୨୯।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ସରସ୍ୱତୀ ଶିଶୁମନ୍ଦିର ଭଗବତୀ ବିହାର ବାଣପୁର ଠାରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ପ୍ରଶାନ୍ତ ପ୍ରଧାନ ଓ ବକ୍ତା ଭାବେ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ବୈଚାରୀ ଚରଣ ବଳ ଯୋଗ ଦେଇ ଦୈନଂଦିନ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଯେପରି ଧ୍ୟାନ ଚାନ୍ଦ ତାଙ୍କ ଜୀବନରେ ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ବଳରେ ହକିର ଯାଦୁଗର ହୋଇପାରିଥିଲେ ତେଣୁ କରି ଆମେ ସମସ୍ତେ ସୁସ୍ଥ ଭାରତ ଓ ସମର୍ଥ ଭାରତକୁ ଆଗେଇ ନେବା।

ସର୍ବ ଶେଷରେ ଏକ ମୌଖିକ କ୍ରୀଡା ଜ୍ଞାନପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଗୁରୁଜୀ ଶ୍ରୀଯୁକ୍ତ ଅବିନାଶ ପଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହ ପ୍ରଧାନ ଗୁରୁଜୀ ଶ୍ରୀଯୁକ୍ତ ବିକାଶ ମିଶ୍ର ଓ କ୍ରୀଡା ଶିକ୍ଷକ କଳ୍ପ ଭଉଣୀ ପରିଚାଳନା କରିଥିଲେ ।

# ଏମ୍‌ପିଏସ୍ ଏକାଡେମୀରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ନବରଙ୍ଗପୁର,ଉମରକୋଟ, ୨୯।୮ (ସଂଚାର ବ୍ୟୁରୋ):** ଭାରତର ମହାନ ହକି ଖେଳାଳି ତଥା 'ହକି ଯାଦୁଗର' ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଏମ୍‌ପିଏସ୍ ଏକାଡେମୀ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ କ୍ରୀଡ଼ାବିତ, ଛାତ୍ରଛାତ୍ରୀ, କୋଚ୍ ଓ ଅତିଥି ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ଓ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

୨୦୧୯ ମସିହାରେ ମାତ୍ର ୫ ଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଏମ୍‌ପିଏସ୍ ଏକାଡେମୀ ଆଜି ଏକ ସଫଳ କ୍ରୀଡ଼ା ଅନୁଷ୍ଠାନ ଭାବେ ପରିଚିତ ହୋଇପାରିଛି। ୨୦୨୬ ମସିହାରେ ଏହି ଏକାଡେମୀ ଭାରତ ସରକାରଙ୍କ ପଞ୍ଜିକୃତ ଏକାଡେମୀ ଭାବେ ସ୍ୱୀକୃତି ଲାଭ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଏଠାରେ ୬୦ ଜଣ ବାଳକ ଅନ୍ତେବାସୀଙ୍କ ସମେତ ପ୍ରାୟ ୪୦ ଜଣ ବାଳିକା ବିଭିନ୍ନ କ୍ରୀଡ଼ାରେ ପ୍ରଶିକ୍ଷଣ ନେଉଛନ୍ତି। ଏକାଡେମୀ ପକ୍ଷରୁ ଆଥଲେଟିକ୍ସ, ୱେଟଲିଫ୍ଟିଂ, ଫୁଟବଲ ଓ କ୍ରିକେଟ ଭଳି କ୍ରୀଡ଼ାରେ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏକାଡେମୀର ମୁଖ୍ୟ ପରିଚାଳକ ତଥା ଆଥଲେଟିକ୍ସ କୋଚ୍




ବିଜୟ କୁମାରଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କଲାର, ନବୀନ ସାନ୍ତ୍ରା, ସୁବାଷ ସାନ୍ତ୍ରା, ଜୟମଣି ଭତ୍ରା, ପୁନେଇ ପୂଜାରୀ ଓ ଦଶଲ ସିଂ ଗଣ୍ଡ ପ୍ରମୁଖ କୋଚ୍ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ୱେଟଲିଫ୍ଟିଂ କୋଚ୍ ନକୁଳ ସାହାଙ୍କ ପ୍ରୟାସରେ ଉମରକୋଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜଣେ ମହିଳା ଖେଳାଳି ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ମଧ୍ୟ ଏକାଡେମୀ ପାଇଁ ଗୌରବର ବିଷୟ ବୋଲି କୁହାଯାଇଛି।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉମରକୋଟ ବିଧାୟକ ତଥା ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝୀ, ସାଂସଦ ପ୍ରତିନିଧି ଭଜନାଥ ଗଣ୍ଡ, ଉମରକୋଟ ମ୍ୟୁନିସିପାଲିଟି ଅଧ୍ୟକ୍ଷା ରାଧା ଭତ୍ରା, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରମେଶ ସାହୁ, ରାମ ନାୟକ, ଚନ୍ଦ୍ରଭାନୁ ନାୟକ ଓ ଗୁରୁକୃପା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ୍‌ମାନେ ଯୋଗଦେଇଥିଲେ। ପରେ ଖେଳାଳିମାନଙ୍କୁ ନେଇ ହକି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ଓ ବିତର୍କ ଭଳି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



**ସୁନ୍ଦରଗଡ଼, ୨୯।୮ (ସଂଚାର ବ୍ୟୁରୋ):** ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣ କରି ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସିପକଟାକ୍ରୋ ଖେଳାଳି ମାନଙ୍କ ସହିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗରେ ଜାତୀୟ କ୍ରୀଡା ଦିବସ ପାଳନ କରିଛନ୍ତି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଯୋଗଦାନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସହ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ, ସହ ଶିକ୍ଷକ ଶ୍ରୀରାମ ପଣ୍ଡା, ଅର୍ଜମା ପଟେଲ, ଆଦିତ୍ୟ କୁମାର ମାଝୀ, ଖେଳ ଶିକ୍ଷକ ରଜନୀକାନ୍ତ ପଟେଲ, ରଞ୍ଜନ କୁମାର ପ୍ରଧାନ ଓ ଦିନେଶ କୁମାର ନାଏକ ଉପସ୍ଥିତ ଥିଲେ । ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫୋଟୋ ଚିତ୍ରରେ ସମସ୍ତ ଅତିଥି ଓ ଖେଳାଳି ମାନେ ପୁଷ୍ପ ମାଳ ଅର୍ପଣ କରିଥିଲେ । ଜାତୀୟ ସ୍ତରୀୟ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟ ଅତିଥି ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।

# ଇଫକୋ ପକ୍ଷରୁ ନାନୋ ସାର ବ୍ୟବହାର ସମ୍ପର୍କିତ କୃଷି କର୍ମଶାଳା




**ସତ୍ୟବାଦୀ, ୨୯।୮ (ସଂଚାର ବ୍ୟୁରୋ):** କୃଷକମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତି ସହ ପରିଚିତ କରାଇବା ଏବଂ ସାରର ସଠିକ୍ ଓ ସୁଦକ୍ଷ ବ୍ୟବହାର ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଇଫକୋ, ଭୁବନେଶ୍ୱର ପକ୍ଷରୁ ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଠାରେ ଫସଲ ଓ ନାନୋ ସାର ବ୍ୟବହାର ସମ୍ପର୍କିତ ଏକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଛି।

ଉଦ୍‌ଘାଟନୀ ଅଧିବେଶନରେ ଇଫକୋ, ନୂଆଦିଲ୍ଲୀର ମାର୍କେଟିଂ ନିର୍ଦ୍ଦେଶକ ଯୋଗେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଇଫକୋ ଓଡ଼ିଶାର ରାଜ୍ୟ ମାର୍କେଟିଂ ମ୍ୟାନେଜର ଡ. ସୌମିକ ମଣ୍ଡଳ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୁରୀର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଡ. ପାରେଶ କୁମାର ପଣ୍ଡା, କେଭିକେ ପୁରୀର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଏସ୍. ଏନ୍. ମିଶ୍ର ଏବଂ ଇଫକୋ ଓଡ଼ିଶାର ନିର୍ଦ୍ଦେଶକ ସୁବ୍ରଜିତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଷୟିକ ଅଧିବେଶନରେ ଇଫକୋ, ଭୁବନେଶ୍ୱରର ଡେପୁଟି ଫିଲ୍ଡ ମ୍ୟାନେଜର ବି.କେ. ପାତ୍ର ବିଭିନ୍ନ ଫସଲରେ ଡ୍ରୋନ୍‌ର ବ୍ୟବହାର ସହ ନାନୋ ସାର ଓ ଜୈବ ସାରର ପ୍ରୟୋଗ ଉପରେ ଆଲୋଚନା କରିଥିଲେ।

ଇଫକୋର ଫିଲ୍ଡ ଅଫିସର ସନ୍ଧ୍ୟାରାଣୀ ବେହେରା 'ଇଫକୋ ସାଗରିକା'ର ବ୍ୟବହାର ଓ ଉପକାରିତା ସମ୍ପର୍କରେ ଉପସ୍ଥାପନା ଦେଇଥିଲେ। ସେହିପରି ସତ୍ୟବାଦୀର ବିଏଓ ସୁଦେଷ୍ଣା ପରିଡ଼ା କୃଷକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ କୃଷି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବେତନଟୀ, ୨୯।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ତାରାକୋଟି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଧୋଇବା ବେଳେ ପୋଖରୀ ପାଣିରେ ବୁଡ଼ି ଜଣେ ୨୯ ବର୍ଷୀୟ ଯୁବକଙ୍କର ପ୍ରାଣହାନି ଘଟିଛି। ମୃତ ଯୁବକ ଜଣକ ସ୍ଥାନୀୟ ବାରିଆଳ ମୁର୍ମୁଙ୍କ ଅବିବାହିତ ପୁଅ ଡମାନ ମୁର୍ମୁ। ଘଟଣା ମୁତାବକ ଡମାନ ଶୁକ୍ରବାର ଅପରାହ୍ନରେ କାମ ସାରି ଘରକୁ ଫେରିବା ପରେ ନିକଟସ୍ଥ ଗ୍ରାମ୍ୟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ସେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। କିଛି ସମୟ ପରେ ଅନ୍ୟ ଗ୍ରାମବାସୀ ତୁଠରେ ତାଙ୍କର ଲୁଗାପଟା ଓ ଚପଲ ପଡ଼ିଥିବା ଦେଖି ସନ୍ଦେହ କରିଥିଲେ। ତେଣୁ ପୋଖରୀ ଭିତରକୁ ଯାଇ ଖୋଜା ଖୋଜି କରି ପୋଖରୀ ଭିତରୁ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# 'ଖେଲେଗା ଭାରତ, ଜିତେଗା ଭାରତ' ଆୟୋଜିତ

**ବାଲିକୁଦା, ୨୯।୮ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ବାଲିକୁଦା ବ୍ଲକ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ 'ଖେଲେଗା ଭାରତ, ଜିତେଗା ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତ ଅଧୀନ ବେଳବଣ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ସ୍କୁଲର କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ।




ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ବେଳବଣ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍ୱଚ୍ଛ ଭାରତ ମିଶନ ଜିଲ୍ଲା ସଂଯୋଜକ ସତ୍ୟଜିତ ବେହେରା, ବ୍ଲକ ସଂଯୋଜକ ରଘୁବର ଅରକ୍ଷିତ ନାୟକ, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପଣ୍ଡାଙ୍କ ସମେତ ସ୍କୁଲ ର ସମସ୍ତ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପରିଚାଳନା ପରିଷଦ ର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସତ୍ୟଜିତ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ଅଭ୍ୟାସକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ସଂଯୋଜକ ରଘୁବର ଅରକ୍ଷିତ ନାୟକ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନ ଓ ପ୍ରତିଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ କ୍ରୀଡାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆର୍ଥିକ ସଙ୍କଟରେ ଥିବା ଆଦିବାସୀ ଛାତ୍ରୀଙ୍କୁ ମେଡିକାଲ ପଢ଼ିବା ପାଇଁ ସହାୟତା

**ବାରିପଦା, ୨୯।୮ (ସଂଚାର ବ୍ୟୁରୋ):** ବଣ ମଲ୍ଲୀ ଯେଉଁଠାରେ ଥିଲେ ବି ତାର ସୁରଭି ଚତୁର୍ଦ୍ଦିଗ ବାସେ । କଠିନ ପରିଶ୍ରମ, ଇଚ୍ଛାଶକ୍ତି, ପିତା, ମାତା, ଗୁରୁଙ୍କ ଆଶୀର୍ବାଦ କେବେ ବି ନିଷ୍ଫଳ ହୁଏ ନାହିଁ । ଶିମିଳିପାଳରେ ପାଦଦେଶ ତଥା ବିଶୋଇ ବ୍ଲକର ନୂଆଗାଁ ପଞ୍ଚାୟତ ଅଞ୍ଚଳର ସାନଜାମବିଲା ଗ୍ରାମର ଆଦିବାସୀ ଦିନ ମଜୁରିଆ ପରିବାରର ଝିଅ ଶିଖା ମାଝି ବିଶୋଇ ବ୍ଲକର ବାଡୁଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସଫଳତାର ସହ ଉତ୍ତିର୍ଣ୍ଣ ହୋଇ ପ୍ରଥମ ପ୍ରଚେଷ୍ଟାରେ ନିଟ୍ ପରୀକ୍ଷାରେ ୨୩୭ ମାର୍କ ରଖି ମେଡିକାଲ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିନ୍ତୁ ଅର୍ଥ ବାଧକ ସାଜିଥିଲା ମେଡିକାଲ କଲେଜରେ ଆଡିମିସେନ ପାଇଁ ଚିନ୍ତାରେ ଦିନ କାଟୁଥିଲେ ଶିଖା ମାଝୀ ଏବଂ ତାଙ୍କ ଗରିବ ପିତାମାତା ।




ଝିଅର ଭବିଷ୍ୟତ ଅନ୍ଧାର ହୋଇଯିବ ଭାବି ବ୍ୟସ୍ତ ହୋଇ ପଡୁଥିଲେ ବାପାମାଆ ।

ଏଭଳି ଖବର ପାଇ ମୟୂରଭଂଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ' "ଖେରୱାଳ ଜୁମିଦ"ର ସଦସ୍ୟ ଓ ସଦସ୍ୟାବୃନ୍ଦ ଶିଖା ମାଝିର ଘରେ ପହଞ୍ଚି ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଦେଇଥିଲେ । ମେଧାବୀ ଛାତ୍ରୀ ଶିଖା ମାଝୀ ଯାଜପୁରର ମହାରାଜା ଯଯାତି କେଶରୀ ସରକାରୀ ମେଡ଼ିକାଲରେ ନାମ ଲେଖାଇବେ । ଶିଖା ମାଝି ଏବଂ ତାଙ୍କ ପରିବାରର ଲୋକଙ୍କ ମନରେ ଆଶାର ପ୍ରଦୀପ ଜଳି ଉଠିଲା । ଖେରୱାଳ ଜୁମିଦ ସଂଗଠନର କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ।

ଜୁମିଦ ସଂଗଠନର ସଦସ୍ୟ ଓ ସଦସ୍ୟା ବୃନ୍ଦ କହିଛନ୍ତି ସାନ୍ତାଳୀ ସମାଜର ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଅର୍ଥ ବାଧକ ସାଜିବ ନାହିଁ ।ସଂଗଠନ ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ । ସେମାନେ ଆଗକୁ ବଢ଼ନ୍ତୁ ଏବଂ ସାନ୍ତାଳୀ ସମାଜର ପ୍ରଗତିରେ ସାରଥି ସାଜନ୍ତୁ। ସଂଗଠନର ସଭାପତି ଭାଗବତ ମାଝୀ, ସଂପାଦକ ବୈଦ୍ୟନାଥ ମାଝୀ, ବରିଷ୍ଠ ଡ଼ାକ୍ତର ଦେବେନ୍ଦ୍ରନାଥ ଟୁଡୁ, ପ୍ରାକ୍ତନ ଅବକାରୀ ଅଧିକ୍ଷକ ଚନ୍ଦ୍ର ମୋହନ ବାସ୍କେ, ସିଡିପିଓ ବିନ୍ଦୁ ଟୁଡୁ, କୋଷାଧ୍ୟକ୍ଷ ଲମ୍ବୋଦର ସୋରେନ, ରାମଚନ୍ଦ୍ର ମାଝୀ ସମେତ ସଦସ୍ୟ ଓ ସଦସ୍ୟାମାନେ ସାମିଲ ହୋଇଥିଲେ । ଖେରୱାଳ ଜୁମିଦ ସଂଗଠନର ଏଭଳି ସାମାଜିକ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ୧ ରୁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର, ୨୯।୮ (ସଂଚାର ବ୍ୟୁରୋ):** ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡୟମ ଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସଂସଦ ଯୁଗ୍ମ-ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମଶ୍ରଙ୍କ ତତ୍ତ୍ୱାବଧାନରେ ବୈଠକ ଅନଷ୍ଠୁତି ହୋଇଥଲା।




କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଫଟୁବଲ ସମ୍ପାଦକଶରତ କୁମାର ନନ୍ଦ, ଜିଲ୍ଲା କ୍ରୀଡାଅଧିକାରୀ ପରାସର ବାଗ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମଶ୍ରି, କୈଳାସ ଚନ୍ଦ୍ର କର୍ତି, ଭୂପେନ୍ଦ୍ର ପସ୍ରାଦ ସିଂ, ନାରାୟଣ ପସ୍ରାଦ ମଶ୍ର, ଶ୍ରୀକାନ୍ତ ରାଉତ ମଞ୍ଚାସୀନ ଥିଲେ।

ଏହି ବୈଠକରେ ସମସ୍ତ ଜୋନ ସଂଯୋଜକ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧ରେ ୮ ଗୋଟି ପଡ଼ିଆରେ ଏକକାଳୀନ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ୭୨ ଗୋଟି ଦଳ ଭାଗ ନେବେ।

ହାଇସ୍କୁଲ ପଡ଼ିଆ, ଚୂଡ଼ାପାଲି, ସିଟି ସ୍କୁଲ ପଡ଼ିଆ ଟିଟିଲାଗଡ଼, ଖୁଜେନପାଲି ପଡ଼ିଆ, ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି, ଟାଉନ୍ ହାଇସ୍କୁଲ ପଡ଼ିଆ ବଲାଙ୍ଗିର, ଜରାସିଂହା ମିନି ଷ୍ଟାଡିୟମ, ଲୋଇସିଂହା ମିନିଷ୍ଟାଡିୟମ ଓ ହଲଦୀ ହାଇସ୍କୁଲ ପଡ଼ିଆରେ ଜୋନ୍ ଖେଳ ହେବ। ଗାନ୍ଧୀ ଷ୍ଟାଡୟମ, ବଲାଙ୍ଗିରି ଠାରେ ୮ ଓ ୯ ଏବଂ ଆର୍. ଏନ୍. ସିଂହଦେଓ ସ୍ପୋଟର୍ସ କମପ୍ଲେକ୍ସ ଠାରେ ୯ ଓ ୧୦ ସୁପର୍ ନକଆଉଟ୍ ଖେଳ ହେବ। ଗାନ୍ଧୀ ଷ୍ଟାଡିୟମ୍ ଠାରେ ୧୦ ଓ ୧୧ ସେମିଫାଇନାଲ ଓ ୧୨ ତାରିଖରେ ଗ୍ରାଣ୍ଡ୍ ଫାଇନାଲ ଖେଳ ହେବ ବୋଲି ସୂଚନା ଦିଆଯାଇଛି।

# ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା

**ସତ୍ୟବାଦୀ, ୨୯।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ପାଣିଭଣ୍ଡାର ଗ୍ରାମରେ ବାବା ବାଲୁଙ୍କେଶ୍ୱର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଏକ ଭବ୍ୟ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳର ନାମୀଦାମୀ କଣ୍ଠଶିଳ୍ପୀ ଯୋଗଦେଇ ଭଜନ ପରିବେଷଣ କରିବାରୁ



ପରିବେଶ ଭକ୍ତିମୟ ହୋଇଉଠିଥିଲା। ଏହି ଅବସରରେ ବିଧାୟକ ଓମପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ରାମରଞ୍ଜନ ବଳିୟାରସିଂ ଏବଂ ସମାଜସେବୀ ତଥା ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ ପ୍ରମୁଖ ଯୋଗଦେଇ ବାବା ବାଲୁଙ୍କେଶ୍ୱର ଦେବଙ୍କ ଆଶୀର୍ବାଦ ନେଇଥିଲେ। ଯଜ୍ଞ ଓ ଭଜନ ସମାରୋହରେ ଗ୍ରାମବାସୀଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଗ୍ରାମବାସୀଙ୍କ ସହଯୋଗ ରହିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମିଶ୍ର ବିଶେଷ ସହଯୋଗ କରିଥିଲେ। ଶ୍ରୀଯୁକ୍ତ ମିଶ୍ରଙ୍କ ତରଫରୁ ସୂର୍ଯ୍ୟମଣି ପଡିହାରୀ ଓ ଚିନ୍ମୟୀ ରଥଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।

## ଦୟନୀୟ ଅବସ୍ଥାରେ ନିଳଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ

# କୋଟି କୋଟି ଟଙ୍କାର ବିଲଡିଂ ପାଲଟିଛି ବିଷଧର ସାପଙ୍କ ଆଶ୍ରୟସ୍ଥଳୀ

### ବର୍ଷ ବର୍ଷ ଧରି ଅଧିକାରୀଙ୍କ ପାଦ ପଡୁନି

**ନିଳଗିରି, ୨୯।୮ (ସଂଚାର ବ୍ୟୁରୋ):** ନିଳଗିରିରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ନୂତନ କରି ଦୁଇଟି ଜେଇଙ୍କ କାର୍ଯ୍ୟାଳୟ ସହ ସରକାରୀ ବାସଭବନ, ଗୋଟିଏ ଏସଡିଓଙ୍କ ସରକାରୀ ବାସଭବନ, ଗୋଟାଏ ଜଗୁଆଳି ପାଇଁ ସରକାରୀ ବାସଭବନ କିଛି ବର୍ଷ ପୂର୍ବରୁ କୋଟି କୋଟି ଟଙ୍କାର ବ୍ୟୟବରାଦରେ ଖୁବ୍ ସୁନ୍ଦର ଘର ନିର୍ମାଣ କରାଯାଇଥିଲା। ମାତ୍ର ଦୀର୍ଘ ବର୍ଷ ଧରି ଏହା ଫାଙ୍କା ପଡିଛି। ଫଳରେ ଅଧିକାରୀଙ୍କ ପାଦ ପଡୁ ନାହିଁ।



ଏବେବି ସମସ୍ତ ଘରର ରଙ୍ଗ ଫିକା ପଡ଼ି ନଥିବା ବେଳେ କାର୍ଯ୍ୟାଳୟଟି ସତେ ଯେମିତି କୋରାପୁଟର ଦେଓମାଳୀ ପାହାଡ଼ ପରି ଲାଗୁଚି।

ବର୍ଷ ବର୍ଷ ଧରି ଏଠାରେ କେହି ଜଣେବି ରହୁ ନ ଥିବା ବେଳେ ଏସ୍‌ଡ଼ିଓ ପଦ ଖାଲି ପଡ଼ିଛି। ଫଳରେ ଭାରପ୍ରାପ୍ତ ଅଧିକାରୀଙ୍କ ଦେଖା ମିଳୁନାହିଁ। ଯାହା ଫଳରେ ରକ୍ଷଣା ବେକ୍ଷଣ ଅଭାବରୁ ଏବେ ଗଛ ଲତା ମାଡ଼ି ଯିବାରୁ ଜଙ୍ଗଲ ହୋଇଥିବାରୁ ସରୀସୃପ ଓ ବିଷ ଧର ସାପଙ୍କ ଆଡାସ୍ଥଳୀ ପାଲଟିଛି। କେବଳ ଯନ୍ତ୍ରୀ ଇଂ ଦେବ ବ୍ରତ ଗାରୁ, ଖଲାସୀ ଅନିଲ କୁମାର ନାୟକ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନିଜର ଡ୍ୟୁଟି ସାରି ଘରକୁ ପଳାଇ ଯାଆନ୍ତି। ଦୀର୍ଘ ଦିନ ଧରି କେହି ଅଧିକାରୀ ଆସୁ ନାହାନ୍ତି କି ରାତି ଜଗୁଆଳି କେହି ନାହାନ୍ତି। ଏଠାରେ କେହି ରହୁ ନଥିବାରୁ ଦିନକୁ ଦିନ ଜଙ୍ଗଲ ପାଲଟି ଯାଉଛି।

ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟରେ ସରକାରୀ କାର୍ଯ୍ୟାଳୟ, ସରକାରୀ ବାସଭବନ, ନିର୍ମାଣ କରାଯାଇଥିଲା କଣ ବିଷଧର ସାପ ରହିବା ପାଇଁ ନା ଦେଓମାଳୀ ପର୍ବତ ସଦୃଶ ଟୁରିଷ୍ଟ ଆକର୍ଷଣକାରୀ ପାଇଁ। ଘଟଣା ସମ୍ପର୍କରେ ବାଲେଶ୍ୱର ନିର୍ବାହୀ ଅଧିକାରୀ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ଫୋନ୍ ଉଠାଇ ନ ଥିଲେ। ଉପଖଣ୍ଡରେ ଉକ୍ତ କାର୍ଯ୍ୟାଳୟକୁ ନ ରଖି ବାଲେଶ୍ୱରକୁ ଉଠାଇ ନିଅନ୍ତୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ସାତ ଦିନ ଭିତରେ ଉକ୍ତ କାର୍ଯ୍ୟାଳୟକୁ ସଫା ସୁତୁରା କରା ନ ଯାଏ ଓ ଅଧିକାରୀ ମାନେ ଏଠାକୁ ନ ଆସନ୍ତି ତେବେ ସବୁଦିନ ପାଇଁ ମୁଖ୍ୟ ଫାଟକରେ ତାଲା ଝୁଲାଇ ଦିଆ ଯିବ ବୋଲି ନିଳଗିରି ସୁରକ୍ଷା ମଞ୍ଚର ଆବାହକ ତପନ ଦାସ ପ୍ରକାଶ କରିଛନ୍ତି। ଏଥି ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।




# ପତଳା ହେବା ପାଇଁ ସହଜ ଉପାୟ



ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରଥମେ ନିଜର ଓଜନ ଉପରେ ଧ୍ୟାନ ଦେବା ଜରୁରୀ। ଓଜନ ବଢ଼ିବାରୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଫିଟ୍ ରହିବାକୁ ଭଲ ପାଉଥିବାବେଳେ ଆଉ କିଛି ଲୋକ ଫାଷ୍ଟଫୁଡ୍ ଖାଇ ମୋଟା ହେଉଛନ୍ତି। ଏବେ ମୋଟାପଣ ବେସ୍ ବଢ଼ିଚାଲିଛି। ଅଧିକାଂଶ ଲୋକ ମୋଟାପଣକୁ ନେଇ ବହୁତ ଚିନ୍ତାରେ ମଧ୍ୟ ରହୁଛନ୍ତି। ଯଦି ଆପଣ ଅଧିକରୁ ଅଧିକ ମୋଟା ହେବାକୁ ଲାଗନ୍ତି ତେବେ ଆପଣ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ ନାହିଁ। ନିଜର ଓଜନ କମ୍ କରିବା ପାଇଁ ଲୋକେମାନେ ବହୁତ କିଛି କାର୍ଯ୍ୟ କରିଥାନ୍ତି। ଯେମିତିକି କେହି କେହି ଜିମ୍ ଯାଇ ନିଜର ଓଜନ କମକ କରିବା ବଦଳରେ ଆଉ କେହି ମର୍ଣ୍ଣିଂ ୱାକ୍ ଏବଂ ସାଇକେଲ୍ ରେସ୍ କରିଥାନ୍ତି। ଏହା କରିବା ସତ୍ତ୍ୱେବି ଓଜନ୍ କମ୍ ହୋଇନଥାଏ।

ଓଜନ ବଢ଼ିବାରେ ବହୁତ ବାଟ ରହିଛି ହେଲେ ଓଜନ କମ୍ କରିବାକୁ ହେଲେ ଅନେକ କଷ୍ଟ କରିବାକୁ ପଡିଥାଏ। ଏହା ସହ ଓଜନ ବଢ଼ିବାରେ ଅନେକ କାରଣ ମଧ୍ୟ ଅଛି ଯାହା ହେଉଛି- ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା, ଅଧିକ ତେଲ ଜିନିଷ ଖାଦ୍ୟ ଖାଇବା ଏବଂ ମଇଦା ଜାତୀୟ ଜିନିଷ ଖାଇବା ଫଳରେ ଓଜନ ଦିନକୁ ଦିନ ବଢ଼ବାକୁ ଲାଗିଥାଏ। ଲୋକେମାନେ ଏହା ଜାଣିବି ସଚେତନ ହେଉ ନାହାଁନ୍ତି, ଯାହା ଫଳରେ ଅନେକ ସମସ୍ୟାରେ ସମ୍ମୁଖୀନ୍ ହେଉଛନ୍ତି। ଯଦି ଆପଣ ଏହି ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଛନ୍ତି ତେବେ ଆପଣ ଘରୋଇ ଉପଚାର ମାଧ୍ୟମରେ ଆପଣଙ୍କ ଓଜନ କମ୍ କରିପାରିବେ। ତେବେ ଆସନ୍ତୁ ସେହି ସବୁ ଜିନିଷ ସମ୍ପର୍କରେ ଜାଣିବା।

ଅଶ୍ୱଗନ୍ଧା:ଅଶ୍ୱଗନ୍ଧା ମେଦବହୁଳତା ହ୍ରାସ କରିବା ପାଇଁ ଖୁବ୍ ପ୍ରଭାବଶାଳୀ। ଏହାକୁ ସେବନ କରିବା ଦ୍ୱାରା ମେଟାବୋଲିଜିମ ବୃଦ୍ଧି ପାଏ। ଅଶ୍ୱଗନ୍ଧାରେ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଯାହା ମେଟାବୋଲିଜିମକୁ ବଢାଇଥାଏ। ଏହା ଶରୀରକୁ ଧୀରେ ଧୀରେ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ। ଏଥିପାଇଁ ଆପଣ ଅଶ୍ୱଗନ୍ଧା ପାଣି ପିଇପାରିବେ।

ମେଥି:ମେଥି ଦାନା ସାଧାରଣତଃ ସମସ୍ତଙ୍କ ଘରେ ମିଳିଥାଏ। ମେଥି ଓଜନ ହ୍ରାସ କରିବା ପାଇଁ ପ୍ରଭାବଶାଳୀ। ଏହା ରକ୍ତ ଶର୍କରାକୁ ମଧ୍ୟ କମ କରି ଓଜନକୁ ହ୍ରାସ କରିଥାଏ। ଆପଣ ସକାଳେ ଖାଲି ପେଟରେ ମେଥି ପାଣି ପିଇପାରିବେ ଏବଂ ଭିଜା ମେଥି ଦାନା ଚୋବାଇ ଖାଇପାରିବେ।

ଡାଲଚିନି:ଡାଲଚିନି ସ୍ୱାଦକୁ କେବଳ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ। ଡାଲଚିନିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ମାତ୍ରାରେ ଥାଏ। ଯାହା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ। ଡାଲଚିନି ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ ବୋଲି ପ୍ରମାଣିତ ହୋଇ ଆସୁଅଛି। ରକ୍ତ ଶର୍କରା ସ୍ତରକୁ ସ୍ଥିର କରିବାରେ ଡାଲଚିନି ବିଶେଷ ପ୍ରଭାବଶାଳୀ। ଏହା ଭୋକ ହ୍ରାସ କରି ଓଜନକୁ ନିୟନ୍ତ୍ରଣ କରେ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଡାଲଚିନି ଚା’ କିମ୍ବା ଡାଲଚିନି ପାଣି ପିଇପାରିବେ।

## ଓଜନ କମାଇବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ସହଜ ଉପାୟ



ବର୍ତ୍ତମାନ ଓଜନ ବୃଦ୍ଧି ବା ଓବେସିଟି ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ବିଶେଷଭାବରେ ଯୁବପିଢ଼ି ଏହାର ଅଧିକ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ବିଶେଷଭାବରେ ଖାଦ୍ୟପେୟ ଏବଂ ନିଜ ଜୀବନଶୈଳୀ ପ୍ରତି ଆବଶ୍ୟକ ମୁତାବକ ସଚେତନ ନ ରହିବା ଏହାର କାରଣଗୁଡିକ ମଧ୍ୟରୁ ଅନ୍ୟତମ। ତେବେ ଏହାକୁ ନିୟନ୍ତ୍ରଣରେ ରଖିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସଚେତନ ରହନ୍ତି ଏବଂ ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତି ତେବେ ସେ ନିଜ ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ବିଷୟବସ୍ତୁକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଓଜନ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ଏମାନଙ୍କୁ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଓଜନ କେତେ ନିୟନ୍ତ୍ରଣରେ ରହୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ ସନ୍ତୁଳିତ ଅବସ୍ଥାକୁ ଆସିଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜ୍ୱର, ପେଟ ଯନ୍ତ୍ରଣା ସମସ୍ୟାରୁ ଉପଶମ

ବର୍ଷର ଏହି ସମୟରେ, ଖାଦ୍ୟ ଏବଂ ଜଳଜନିତ ରୋଗ ବୃଦ୍ଧି ପାଏ। ଏହା କେବଳ ଏକ ସଂଯୋଗ ନୁହେଁ ବରଂ, ପାଗ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା ଏବଂ ପେଟ ଖରାପ ଭଳି ଲକ୍ଷଣ ଦେଖାଯାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଗରମ ଏବଂ ଆର୍ଦ୍ରତାର ମିଶ୍ରଣ ଏକ ପରିବେଶ ସୃଷ୍ଟି କରେ ଯାହା ବ୍ୟାକ୍ଟେରିଆ ଏବଂ ଭାଇରସ ପାଇଁ ଅତ୍ୟନ୍ତ ଅନୁକୂଳ। ଅନ୍ୟ ଶବ୍ଦରେ, ଯେଉଁ ପାଗ ପରିସ୍ଥିତି ଆମେ ଅସହଜ ମନେ କରୁ, ତାହା ହିଁ ଏହି ରୋଗଜୀବାଣୁମାନଙ୍କ ପାଇଁ ଉପଯୁକ୍ତ ପ୍ରଜନନ ଭୂମି ସୃଷ୍ଟି କରେ। ସେମାନେ ଶରୀରରେ ପ୍ରବେଶ କରିବା ମାତ୍ରେ, ପାଚନ ପ୍ରଣାଳୀ ପ୍ରଥମେ ପ୍ରଭାବିତ ହୁଏ। ଏହା ପେଟରୁ ଆରମ୍ଭ ହୁଏ। ବାନ୍ତି, ପେଟ ଦରଜ, ଝାଡ଼ା, ଗ୍ୟାସ୍ ଏବଂ ଫୁଲିବା ଭଳି ଲକ୍ଷଣ ଦେଖାଯାଇଥାଏ। ଏହି ଅବସ୍ଥା ବହୁତ କଷ୍ଟଦାୟକ ଏବଂ ଏହାକୁ ଅଣଦେଖା କରିବା ମୂର୍ଖତାପୂର୍ଣ୍ଣ ନୁହେଁ। ବାନ୍ତି ଏବଂ ଝାଡ଼ା ଯୋଗୁଁ ଶରୀର ଦ୍ରୁତ ଗତିରେ ତରଳ ପଦାର୍ଥ ହରାଇଲେ ପ୍ରକୃତ ସମସ୍ୟା ବଢ଼ିଯାଏ, ଯାହା ଫଳରେ ଡିହାଇଡ୍ରେସନ ହୋଇଥାଏ। ଡିହାଇଡ୍ରେସନ୍ କେବଳ ତୃଷା ଅନୁଭବ ପର୍ଯ୍ୟନ୍ତ ସୀମିତ ନୁହେଁ; ବରଂ, ଏହା ସମଗ୍ର ଶରୀରର ସନ୍ତୁଳନକୁ ବ୍ୟାହତ କରେ। ଏହି କାରଣରୁ ଜ୍ୱର ଏବଂ ମୁଣ୍ଡବିନ୍ଧା ଭଳି ଲକ୍ଷଣଗୁଡ଼ିକ ପ୍ରକାଶ ପାଇବା ଆରମ୍ଭ ହୁଏ। ଶରୀର ସଂକ୍ରମଣ ସହିତ ଲଢ଼ିବାକୁ ଚେଷ୍ଟା କରେ। କିନ୍ତୁ, ଯେତେବେଳେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସର ଅଭାବ ଥାଏ, ସେତେବେଳେ ସୁସ୍ଥ ହେବା ବହୁତ କଷ୍ଟକର ହୋଇଯାଏ। ମୁଣ୍ଡବିନ୍ଧା ଦୀର୍ଘ ସମୟ ପାଇଁ ଲାଗି ରହେ ଏବଂ ଶାରୀରିକ ଦୁର୍ବଳତା ତୀବ୍ର ହେବାକୁ ଲାଗେ।





## ହଜମ କ୍ରିୟାକୁ ସକ୍ରିୟ କରେ ଖଜୁରି

ଖଜୁରିରେ ଫାଇବର୍, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଇଥାଉ। ତେବେ ଏହାକୁ ନିୟମିତ ଖାଇଲେ ତାହା ଆମର ହଜମ କ୍ରିୟାକୁ ଅଧିକ ସକ୍ରିୟ କରିଥାଏ। ଏହାବ୍ୟତୀତ ସ୍ନାୟୁଗୁଡ଼ିକୁ ଶକ୍ତି ଯୋଗାଇବାରେ ମଧ୍ୟ ସହାୟକ ହୋଇଥାଏ। ଖଜୁରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ପେଟ ଭିତରେ ଏସିଡିଟି ପରିମାଣକୁ ଏହା ନିୟନ୍ତ୍ରଣରେ ରଖେ। ଅନ୍ୟପକ୍ଷରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ଏହାକୁ ନିୟମିତ ଖାଇଲେ କେତେକ ରୋଗର ଆଶଙ୍କାକୁ ଏହା ଦୂର କରିଥାଏ। ବିଶେଷଭାବରେ କ୍ୟାନସର, ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ ଏହା କେତେକାଂଶରେ ଦୂର କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଗର୍ଭବତୀଙ୍କ ପାଇଁ ଖଜୁରି ମଧ୍ୟ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା ଅସ୍ଥି ମଜଭୁତ ରହିଥାଏ।

## ବେକରେ ଯନ୍ତ୍ରଣା ହେଉଛି କି ?



ଭଲ ନିଦ ପାଇଁ ଉଚିତ୍ ପୋଷ୍ଚର ସହ ଉପଯୁକ୍ତ ଗଦି ଓ ତକିଆ ମଧ୍ୟ ଜରୁରି। ପ୍ରାୟତଃ ଲୋକମାନଙ୍କ ଧ୍ୟାନ ତକିଆ ଉପରକୁ ସେତେବେଳ ଯାଏ ଯାଇ ନଥାଏ, ଯେତେବେଳ ଯାଏ ବେକରେ ଯନ୍ତ୍ରଣା ବା ମୁଣ୍ଡ ଭାରୀ ଲାଗିବା ପରି ସମସ୍ୟା ହୋଇ ନଥାଏ। ପ୍ରାୟତଃ ତକିଆ କେବେ କିଣା ହୋଇଥିଲା ମନେ ପକାଇବା ମଧ୍ୟ କଷ୍ଟକର ହୋଇପଡେ। ଶୋଇବା ପୋଷ୍ଚରକୁ ସହାୟତା କରିବା ପାଇଁ ଉପଯୁକ୍ତ ତକିଆ ଆବଶ୍ୟକ ହୋଇଥାଏ। ଚାଲନ୍ତୁ ଜାଣିବା ତକିଆ କେବେ ଓ କାହିଁକି ବଦଳିବା ଦରକାର।

ନେରୁଦଣ୍ଡ ହାଡ଼ ସିଧା ରହେ: ଯଦି ତକିଆର ଆକାର ବିଗିଡ଼ି ଯାଏ, ତେବେ ବେକ ଓ ମୁଣ୍ଡର ପୋଷ୍ଚର ବିଗିଡ଼ି ଯାଇପାରେ। ଫଳରେ ସକାଳେ ମୁଣ୍ଡବିନ୍ଧା ବା ଥକ୍କାପଣ ଅନୁଭବ ହୋଇଥାଏ। ଠିକ୍ ଭାବେ ସହାୟତା କରୁଥିବା ତକିଆ ବେକକୁ ସିଧା ରଖିଥାଏ।

ଆଲର୍ଜିର ଘର: ତକିଆରକୁ ସମୟ ଅନ୍ତରାଳରେ ସଫା କରିବା ଦ୍ୱାରା ମଧ୍ୟ ଏଥିରେ ଧୂଳିମଳି, ଡେଡ୍ ସ୍କିନ୍ ଓ ଝାଳ ଲାଗି ରହିଥାଏ। ଏହି କାରଣରୁ ଅନେକ ସମୟରେ ଆସ୍ଥାମା ଟ୍ରିଗର ହୋଇଥାଏ। ଏହାବ୍ୟତୀତ ଛାତି ଯନ୍ତ୍ରଣା ଓ ଆଖି କୁଣ୍ଡାଇ ହେବା ପରି ସମସ୍ୟା ଦେଖା ଦେଇଥାଏ।

ଭଲ ନିଦର ସାଥୀ: ଯଦି ତକିଆ ଭଲ ହୋଇଥାଏ, ତେବେ ଶାନ୍ତିରେ ନିଦ ହେବା ସହ ବାରମ୍ବାର କଡ଼ ଲେଉଟାଇବାକୁ ପଡି ନଥାଏ। କେବେ ବଦଳାଇବେ ? ପ୍ରତ୍ୟେକ ୨ରୁ ୩ ବର୍ଷ ଭିତରେ ତକିଆ ବଦଳାଇବା ଆବଶ୍ୟକ। ତଥାପି ଏହା ତକିଆର ଗୁଣବତ୍ତା ଉପରେ ନିର୍ଭର କରିଥାଏ। ତକିଆର ଗୁଣବତ୍ତା ଅନୁସାରେ ବଦଳାଇବାକୁ ପଡିଥାଏ।

ପଲିଷ୍ଟର ବା ଫାଇବର ଫିଲ: ଏହି ତକିଆ ଶୀଘ୍ର ଖରାପ ହୋଇଥାଏ। ଏହାକୁ ଏକ ବର୍ଷରୁ ଦେଢ ବର୍ଷ ଭିତରେ ବଦଳାନ୍ତୁ।

ମେମୋରୀ ଫୋମ୍: ଏହା ଦୀର୍ଘ ସମୟ ଯାଏ ଖରାପ ହୋଇ ନଥାଏ। ଏହାକୁ ୩ରୁ ୪ ବର୍ଷ ଯାଏ ବ୍ୟବହାର କରିପାରିବେ। ଯେକୌଣସି ତକିଆକୁ ୩ରୁ ୬ ମାସ ଭିତରେ ସଫା ମଧ୍ୟ କରିପାରିବେ।

## ଖରାରେ ବାହାରକୁ ବାହାରୁଥିଲେ

ଖରା କ୍ରମଶଃ ବଢିଚାଲିଛି। ଏହି ସମୟରେ କୁଆଡେ ଯା’ଆସ କରିବା ଅନୁଚିତ୍। ଯଦି ଜରୁରି ହୁଏ, ତେବେ କିଛି ଦିଗ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖରାରେ ଯାତ୍ରା କରିବାଠାରୁ ଦୂରେଇ ରୁହନ୍ତୁ ଯଦି ଖୁବ୍ ଜରୁରି ନଥାଏ, ତେବେ ଖରାରେ ଲମ୍ବା ଯାତ୍ରା କରିବାଠାରୁ ଦୂରେଇ ରୁହନ୍ତୁ। ଅତ୍ୟଧିକ ତାପମାତ୍ରା ଶରୀରରେ ଜଳଶୂନ୍ୟତା, ହିଟ୍ ଷ୍ଟ୍ରୋକ୍ ଓ ଥକାପଣର କାରଣ ସାଜିଥାଏ। ବିଶେଷକରି ବୟସ୍କ ଲୋକ, ପିଲା ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ସମସ୍ୟା ଅଧିକ ବଢିଥାଏ। ଯଦି ଟ୍ରାଭେଲ୍‌କୁ ରୋକିପାରିବେ, ତେବେ ଭଲ। ନଚେତ୍ ସୁରକ୍ଷିତ ଉପାୟ ସହ ବାହାରକୁ ବାହାରନ୍ତୁ।

ଉଚିତ ସମୟ ବାଛନ୍ତୁ: ହେଭି ୱେଦ୍‌ରେ ସବୁଠାରୁ ଜରୁରୀ କଥା ହେଲା ସିଧାସଳଖ ଖରା ସଂସ୍ପର୍ଶରେ ଆସନ୍ତୁ ନାହିଁ। ଟ୍ରାଭେଲ୍‌ରେ ଯିବାର ଥିଲେ ସକାଳୁ କିମ୍ବା ସଂଧ୍ୟା ସମୟକୁ ଚୟନ କରନ୍ତୁ। ଦିନ ୧୨ରୁ ଅପରାହ୍ନ ୪ଟା ଭିତରେ ଆଦୌ ବାହାରନ୍ତୁ ନାହିଁ।

ଜଳ ଶୂନ୍ୟତାକୁ ଧ୍ୟାନ ଦିଅନ୍ତୁ: ଯାତ୍ରା କରୁଥିବା ବେଳେ ଶୋଷ ଲାଗିବା ପୂର୍ବରୁ କିଛି ସମୟ ଅନ୍ତରରେ ଅଳ୍ପ ଅଳ୍ପ ପାଣି ପିଅନ୍ତୁ। ଏହି ସମୟରେ କେବଳ ସାଧା ପାଣି ଯଥେଷ୍ଟ ନୁହେଁ। ଶରୀରରେ ଇଲେକ୍ଟ୍ରୋଲାଇଟ୍ସର ସନ୍ତୁଳନ ରକ୍ଷା ପାଇଁ ଓଆର୍‌ଏସ୍, ଲେମ୍ବୁପାଣି, ଗ୍ଲୁକୋଜ୍ ବା ନଡ଼ିଆ ପାଣି ପିଅନ୍ତୁ। କ୍ୟାଫିନ୍ ପାନୀୟ ଯେପରିକି ଚା’ ବା କଫି ଓ ଥଣ୍ଡା ପାନୀୟଠାରୁ ଦୂରେଇ ରୁହନ୍ତୁ।

ଉପଯୁକ୍ତ ପୋଷାକ ପରିଧାନ କରନ୍ତୁ: ଟ୍ରାଭେଲ ସମୟରେ ଷ୍ଟାଇଲ୍ ଅପେକ୍ଷା ଆରାମକୁ ଗୁରୁତ୍ୱ ଦିଅନ୍ତୁ। ହାଲ୍‌କା ରଙ୍ଗର ଢିଲା ବା ସୂତା କିମ୍ବା ଲିନନ୍ ପୋଷାକ ପିନ୍ଧନ୍ତୁ। ସୂତା ପୋଷାକ ଝାଳକୁ ଶୁଖାଇବା ସହ ଶରୀରରେ ପବନ ବାଜିବାର ସୁଯୋଗ ରହିଥାଏ।

ଖାଦ୍ୟପାନୀୟରେ ସାବଧାନ ରୁହନ୍ତୁ: ଯାତ୍ରା କରିବା ସମୟରେ ଶରୀରକୁ ଓଜନିଆ କରୁଥିବା ଖାଦ୍ୟ କିମ୍ବା ଛଣାଛଣିଠାରୁ ଦୂରେଇ ରୁହନ୍ତୁ। ହାଲ୍‌କା ଖାଦ୍ୟ ଖାଆନ୍ତୁ ଯେପରିକି ତରଭୁଜ, କାକୁଡି, ସନ୍ତରା ପରି ପାଣିରେ ଭରା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ରାସ୍ତା କଡ଼ରେ ମିଳୁଥିବା କଟା ଫଳ ଖାଆନ୍ତୁନି, ନଚେତ୍ ସଂକ୍ରମଣର ଶିକାର ହୋଇପାରନ୍ତି।



ସନ୍‌ସ୍କ୍ରିନ୍ ଓ ତ୍ୱଚାର ଯତ୍ନ: ତ୍ୱଚା ଖରାରେ ଝାଉଁଳି ନ ପଡିବା ପାଇଁ ଯାତ୍ରା ପୂର୍ବରୁ ଏସ୍‌ପିଏଫ୍ ୩୦ ରୁ ଅଧିକ କ୍ଷମତା ଥିବା ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଉଚିତ୍। ନିଜ ସାଙ୍ଗରେ ଗୋଲାପ ଜଳ ବା ସାଧା ପାଣିର ସ୍ପ୍ରେ ବୋତଲ ରଖନ୍ତୁ। ମଝିରେ ମଝିରେ ତ୍ୱଚାରେ ସ୍ପ୍ରେ କରି ସତେଜ ଅନୁଭବ କରିବେ।

ଗାଡ଼ିର ବନ୍ଦୋବସ୍ତ: ଯଦି କାର୍‌ରେ ଯାଉଥାନ୍ତି, ତେବେ ବାହାରିବା ପୂର୍ବରୁ ଗାଡ଼ିର ପ୍ରେସର୍ ଓ ଏସି ଯାଞ୍ଚ କରି ନିଅନ୍ତୁ। କାରଣ କାର୍ ବନ୍ଦ ହେବା ପରେ ବିନା ଏସିରେ ତାପମାତ୍ରା ଖୁବ୍ ବଢିଯାଇଥାଏ। ଯଦି ମୁଣ୍ଡ ବୁଲାଏ କିମ୍ବା ଦୁର୍ବଳ ଅନୁଭବ ହୁଏ, ତେବେ କୌଣସି ଥଣ୍ଡା ଜାଗାରେ ଆରାମ କରନ୍ତୁ। ଆବଶ୍ୟକ ହେଲେ ନିକଟସ୍ଥ ଡାକ୍ତରଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତୁ।

ଦେବତାଙ୍କୁ ଧୋକା, ଭକ୍ତଙ୍କୁ ବିଷ

# ଘିଅ ନାଁରେ ଡାଲଡା, ତେଲ ନାଁରେ ମୋବିଲ ବିକ୍ରି

## ପୂଜା ବଜାରରେ ପାପର ବେପାର!

## ଧୂପ ନାଁରେ କେମିକାଲ, ପ୍ରଶାସନ କୁମ୍ଭକର୍ଣ୍ଣ ନିଦରେ

କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ): ଆଜିଠାରୁ ପବିତ୍ର ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। ଘରେ ଘରେ ଝିଅ ବୋହୂମାନେ ମା’ ଖୁଦୁରୁକୁଣୀଙ୍କ ବ୍ରତ ପାଇଁ ଉପବାସ ରହିବେ। ସାମ୍ନାରେ ଜନ୍ମାଷ୍ଟମୀ, ଗଣେଶ ପୂଜା। ଗାଁ ଛକରେ ଯୁବକ ମାନେ ଗଜାନନଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ପାର୍ବଣ ପାଇଁ ଚାରିଆଡେ ଉତ୍ସବର ମାହୋଲ। ହେଲେ ଏହି ପବିତ୍ର ମାହୋଲ ଭିତରେ ପୂଜା ବଜାରରେ ଚାଲିଛି ସବୁଠୁ ବଡ ଅପବିତ୍ର ଖେଳ। ଦେବତାଙ୍କୁ ଧୋକା ଦେଇ ଭକ୍ତଙ୍କୁ ବିଷ ପରସା ଯାଉଛି, ଆଉ ପ୍ରଶାସନ ଆଖି ବୁଜି ନୀରବ ଦ୍ରଷ୍ଟା ସାଜିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ମୁଖ୍ୟ ବଜାର ଠାରୁ ଆରମ୍ଭ କରି ଗାଁ ଗାଁରେ ଥିବା



ଛୋଟ ବଡ ଦେବାଦେବୀ ମନ୍ଦିର ଭିତର ଓ ବାହାରେ ଥିବା ଶହ ଶହ ପୂଜା ସାମଗ୍ରୀ ଦୋକାନରେ ଏବେ ଖୁଲମଖୁଲ୍ଲା ଭେଜାଲ ରାଜ୍ ଚାଲିଛି ବୋଲି ସାଂଘାତିକ ଅଭିଯୋଗ ଉଠିଛି। ସ୍ଥାନୀୟ ମହିଳା, ପୁରୋହିତ ଓ ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁସାରେ ପୂଜାରେ ସବୁଠୁ ପବିତ୍ର ବୋଲି ବିବେଚିତ ଶୁଦ୍ଧ ଦେଶୀ ଘିଅ ନାଁରେ ଡାଲଡା ଓ ପାମ ଅଏଲ ମିଶା ନକଲି ଘିଅ ଧରାଇ ଦିଆଯାଉଛି। ଦୀପ ପାଇଁ ବ୍ୟବହୃତ ସୋରିଷ ତେଲ ବୋତଲରେ ରିଫାଇନ ସହ ପୋଡା ମୋବିଲ ଓ ପିଆଜିଆ ତେଲ ମିଶ୍ରଣ କରାଯାଉଛି। ଏହି ତେଲ ଜାଳିଲେ କଳା ଧୂଆଁ ବାହାରୁଛି, ଦୁର୍ଗନ୍ଧ ହେଉଛି।

ଧୂପକାଠିରେ ସବୁଠୁ ବଡ ଭେଜାଲ। ସୁଗନ୍ଧିତ ଧୂପ ନାଁରେ ରାସାୟନିକ ବାସ୍ନା ମିଶା ଅତ୍ୟନ୍ତ ନିମ୍ନମାନର ବାଉଁଶ କାଠି ବିକ୍ରି ହେଉଛି। ଏହା ଜାଳିଲେ ଆଖି ଜଳିବା, ଛାତି ଜଳିବା, ଶ୍ୱାସ ରୁଦ୍ଧ ହେବା ଭଳି ସମସ୍ୟା ହେଉଛି। କର୍ପୁରରେ ପ୍ଲାଷ୍ଟିକ, ସିନ୍ଦୂର, ଚନ୍ଦନରେ ରାସାୟନିକ ରଙ୍ଗ। ମନ୍ଦିର ବାହାରେ ହେଉ କି ଭିତରେ ଲଡ୍ଡୁ, ଖଜା ଭୋଗ ପଚା ଓ ପୋଡା ତେଲରେ ତିଆରି। ଦାମ ଦୁଇ ଗୁଣା। ଗଣେଶ ପୂଜା ପୂର୍ବରୁ ଚଢ଼ାଉ ହେଉ, ଦୋକାନ ସିଲ୍ ହେଉ ବୋଲି ଦାବୀ ହୋଇଛି।

## ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିୟୋଜିତ

ନିଶ୍ଚିନ୍ତକୋଇଲି,୨୯।୮ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷକ ଭାବେ ଫାଜଲୁର ରହେମାନ୍ ଯୋଗ ଦେବା ପାଇଁ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ପକ୍ଷରୁ ତା.୨୮.୦୮.୨୦୨୬ ରିଖରେ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବରୁ ଫାଜଲୁର ରହେମାନ୍ ତବଲିଗନଗର ପ୍ରୋଜେକ୍ଟ ୟୁଜିଏଚଏସରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ସୂଚନାଥାଉକି ଦୁଇଜଣ ଶିକ୍ଷୟିତ୍ରୀରେ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଥିବାବେଳେ ତା.୩୧.୦୮.୨୦୨୬ରିଖରେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାମଲ ଅବସର ଗ୍ରହଣ କରିବେ। ସହକାରୀ ଶିକ୍ଷୟିତ୍ରୀ ଅବସର ନେଲା ପରେ ଏହି ବିଦ୍ୟାଳୟରେ ତମାଳଲତା ମହାପାତ୍ର ଏକାକୀ ବିଦ୍ୟାଳୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ପରିଚାଳନାରେ ଅସୁବିଧା ସୃଷ୍ଟି ହେବା ନେଇ ବିଦ୍ୟାଳୟ ପରିଚାଳନା ପରିଷଦ, ଛାତ୍ର ଛାତ୍ରୀ ଅଭିଭାବକ, ସ୍ଥାନୀୟ ଗ୍ରାମବାସୀ ଏହି ବିଦ୍ୟାଳୟରେ ଅନ୍ୟ ଜଣେ ଶିକ୍ଷକ ନିୟୋଜିତ ପାଇଁ ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ କଟକଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ।

ଉକ୍ତ ଖବର ଗଣମାଧ୍ୟମରେ ତା.୨୮.୦୮.୨୦୨୬ରିଖରେ ପ୍ରକାଶିତ ହେବା ପରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉକ୍ତ ବିଦ୍ୟାଳୟକୁ ଜଣେ ନୂତନ ଶିକ୍ଷକ ନିୟୋଜିତ କରିଥିବାରୁ ବିଦ୍ୟାଳୟ ପରିଚାଳନା ପରିଷଦ, ଛାତ୍ର ଛାତ୍ରୀ ଅଭିଭାବକ, ସ୍ଥାନୀୟ ଗ୍ରାମବାସୀ ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ସେମିଷ୍ଟାର କରିବା ଦାବିରେ ଅଧ୍ୟକ୍ଷଙ୍କୁ ଘେରିଲେ ଛାତ୍ରଛାତ୍ରୀ

ବାଲିଆପାଳ,୨୯।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ବିପିଏଡ ଓ ଏମପିଏଡ ବ୍ୟାଚର ଛାତ୍ର ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ସେମିଷ୍ଟାର କରେଇବା ଦାବି ନେଇ ଘେରିଥିଲେ। କିଛି ସମୟ ପାଇଁ କଲେଜରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।



ସୂଚନାରୁ ପ୍ରକାଶ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀକାନ୍ତ ମିଶ୍ର ଅବସର ନେବା ପରେ ହାଇକୋର୍ଟର ନିର୍ଦ୍ଦେଶ କ୍ରମେ ୨୦୨୪ ସେପ୍ଟେମ୍ବରରେ ବିନୟ କୁମାର ସାହୁ ଅଧ୍ୟକ୍ଷ ଭାବେ କାର୍ଯ୍ୟ ଭାର ନେଇଥିଲେ। ମାତ୍ର ୨୦ ଦିନ ରହିବା ପରେ ଶ୍ରୀ ସାହୁ କେବେ କଲେଜକୁ ଆସିବା ପିଲା ମାନେ ଦେଖିନାହାନ୍ତି କି ପିଲାଙ୍କର ପାଠ ପଢ଼ା ବିଷୟରେ କିଛି ବୁଝୁନ୍ତି ନାହଁ ବୋଲି ଛାତ୍ର ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି।। ଏମିତିକି କଲେଜରେ ଜାଗା ବିବାଦକୁ ନେଇ ପିଲାଙ୍କର ଆଡ଼ମିଶନ ବହୁ ବିଳମ୍ବରେ ହୋଇଥିଲା। ତାପରେ କଲେଜ ଅଧ୍ୟକ୍ଷଙ୍କର ମନମାନି ଯୋଗୁ ଜୁଲାଇରେ ହେବାକୁ ଥିବା ସେମିଷ୍ଟାର ଏପର୍ଯ୍ୟନ୍ତ ହୋଇପାରିନାହିଁ। ଯାହା ଫଳରେ ଆଗକୁ ହେବାକୁ ଥିବା ଓଏସ୍ ଏସ୍ ଟି ଇଟି, ଓଟିଇଟି ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି ଛାତ୍ର ଛାତ୍ରୀ। ଏନେଇ ଶୁକ୍ରବାର ରାତିରେ ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ମହାବିଦ୍ୟାଳୟକୁ ଆସିଥିବା ଖବର ପାଇ ବିପିଏଡ ଏବଂ ଏମପିଏଡ ଛାତ୍ର ଛାତ୍ରୀ ମାନେ ସେମିଷ୍ଟାର କରେଇବା ପାଇଁ ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ।ଶେଷରେ ଶ୍ରୀ ସାହୁ ଲିଖିତ ଭାବେ ସେପ୍ଟେମ୍ବର ୧୨ ତାରିଖରେ ମହାବିଦ୍ୟାଳୟ ପରିସରରେ ସେମିଷ୍ଟାର ହେବାର ପ୍ରତିଶ୍ରୁତି ଦେବା ପରେ ଛାତ୍ର ଛାତ୍ରୀ ମାନେ ଆଶ୍ୱସ୍ତି ହୋଇଥିଲେ ।

## ବାୟା ବାବା ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ

ମହାକାଳପଡ଼ା,୨୯।୮ (ସଂଚାର ବ୍ୟୁରୋ): ନିଶାମୁକ୍ତ ସମାଜ ଗଠନ ଓ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ମହାକାଳପଡ଼ାସ୍ଥିତ ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ନିଶା ବିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ପୁଲିସ୍ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ରଂଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ସୁଶୀଲ କୁମାର ସାହୁ, ଅଧ୍ୟାପକ ଫକୀର କୁମାର ସାହୁ, ରାଜେନ୍ଦ୍ର କୁମାର ମହାପାତ୍ର, ନରେନ୍ଦ୍ର କୁମାର ଦାସ, ଚିତ୍ତରଞ୍ଜନ ମହାପାତ୍ର ଓ ମହାକାଳପଡ଼ା ଥାନା ପକ୍ଷରୁ ଥାନା ଅଧିକାରିଣୀ ବନ୍ଦନା ପାତ୍ର, ଏଏସ୍ଆଇ ବିଦ୍ୟାଧର ସ୍ୱାଇଁଙ୍କ ସମେତ ପୁଲସ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଭୋଟର ତାଲିକାରୁ ଶତାଧିକ ଯୋଗ୍ୟ ନାଗରିକଙ୍କ ନାମ କାଟିବାକୁ ନେଇ ଷଡ଼ଯନ୍ତ୍ର

## ବିଜେଡ଼ି ପକ୍ଷରୁ ମିଥ୍ୟା ଅଭିଯୋଗକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଧାମନଗର,୨୯।୮ (ସଂଚାର ବ୍ୟୁରୋ): ଧାମନଗର ଏନ୍ଏସି ଅଞ୍ଚଳରେ ଶତାଧିକ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେବା ପାଇଁ ଜାଲିଆତି ଓ ଷଡ଼ଯନ୍ତ୍ର କରିବା ନେଇ ଧାମନଗର ଏନ୍ ଏ ସି ବିଜେଡ଼ି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଧାମନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ଧାମନଗର ଏନ୍ଏସି ଅଧୀନ ୧୯ ଟି ବୁଥ୍‌ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୈଧ ଓ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେବା ପାଇଁ କେତେକ ବ୍ୟକ୍ତି ସଂଘବଦ୍ଧ ଭାବେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗରେ ଏନ୍ଏସି ସ୍ଥିତ ଚୁନୁପଡ଼ା ଛକ ଠାରେ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ପରେ ସେଠାରୁ ପଦଯାତ୍ରା କରି ଧାମନଗର ଥାନା ଅଧିକାରୀ ସୁବ୍ରଜିତ ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ।



ଅଭିଯୋଗ ମୁତାବକ କିଛି କୁଚକ୍ରି ବ୍ୟକ୍ତି ମିଥ୍ୟା ତଥ୍ୟ ଓ ଅଭିଯୋଗ ଦେଇ ଅନଲାଇନ୍ ମାଧ୍ୟମରେ ଫର୍ମ-୭ ଦାଖଲ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ଉଦ୍ୟମ ହେଲେ ନାଗରିକଙ୍କ ମତଦାନ ଅଧିକାର ପ୍ରଭାବିତ ହୋଇପାରେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏଥିସହ ଏଭଳି ଘଟଣା ଅଞ୍ଚଳରେ ସାମ୍ପ୍ରଦାୟିକ ଅଶାନ୍ତି ସୃଷ୍ଟି କରିବାର ଆଶଙ୍କା ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉକ୍ତ ଘଟଣାକୁ ଗୁରୁତ୍ୱ ସହକାରେ ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରି ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଅଭିଯୋଗ ସମ୍ପର୍କିତ ତଥ୍ୟ ଓ ପ୍ରମାଣ ମଧ୍ୟ ଥାନାରେ ଦାଖଲ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

ଅଭିଯୋଗପତ୍ରର ନକଲ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକ ଏସ୍‌ପି ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଭିଯୋଗର ସତ୍ୟତା ଓ ଫର୍ମ-୭ ଦାଖଲ ପଛରେ ପ୍ରକୃତରେ କାହାର ସମ୍ପୃକ୍ତି ରହିଛି, ସେନେଇ ପୁଲିସ ଓ ନିର୍ବାଚନ ବିଭାଗର ତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ମଧ୍ୟ କୁହାଯାଇଛି।

# ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥନରେ ବାହାରିଲେ ଜନପ୍ରତିନିଧି ଓ ଜନତା



## ଶାସକ-ବିରୋଧୀଙ୍କୁ କଡ଼ା ଚେତାବନୀ

ମାର୍ଶାଘାଇ,୨୯।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଅତ୍ୟନ୍ତ ଚର୍ଚ୍ଚିତ ପାଟକୁରା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାରଦ ଏବେ ଗରମ ହେବାରେ ଲାଗିଛି। ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ର ଏବଂ ଅପପ୍ରଚାରକୁ ଦୃଢ଼ ବିରୋଧ କରି ମେହେନ୍ଦୀ ନଗର ଓ ଜମପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସାଧାରଣ ଜନତା ଏକତ୍ରିତ ହୋଇ ବିଧାୟକଙ୍କ ସପକ୍ଷରେ ସ୍ଲୋଗାନବାଜି କରିଛନ୍ତି।

ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ନେତୃବୃନ୍ଦ ସ୍ପଷ୍ଟ ଭାବେ କହିଛନ୍ତି ଯେ, “ଅରବିନ୍ଦ ମହାପାତ୍ର ଆମ ପାଟକୁରାବାସୀଙ୍କ ଦୁଃଖସୁଖର ସାଥୀ ଏବଂ ବରିଷ୍ଠ ନେତା ବିଜୟ ମହାପାତ୍ର ଆମ ସ୍ୱାଭିମାନ।” ବିଧାୟକଙ୍କ ପ୍ରତିଷ୍ଠା କ୍ଷୁଣ୍ଣ କରିବାକୁ କିଛି ଦୁର୍ବୃତ୍ତ ଷଡ଼ଯନ୍ତ୍ର ରଚୁଛନ୍ତି, ଯାହା ଦ୍ୱାରା ପାଟକୁରାର ବିକାଶ ଧାରା ଉପରେ କୌଣସି ଫରକ ପଡ଼ିବ ନାହିଁ।

ଏହି ବିକ୍ଷୋଭ ସମାବେଶରେ ଜନପ୍ରତିନିଧିମାନେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ନିଜକୁ ବିଜେପି ନେତା କହି ବିଧାୟକଙ୍କ କୁଶପୁତ୍ତଳିକା ଦାହ କରୁଥିବା ବ୍ୟକ୍ତିଜଣକ ପ୍ରକୃତରେ ବିଜେଡିର ପୂର୍ବତନ ମନ୍ତ୍ରୀଙ୍କଠାରୁ ଅର୍ଥ ନେଇ ଏହି ସବୁ ହୀନ ମାନସିକତାର କାର୍ଯ୍ୟ କରୁଛନ୍ତି। ଅରବିନ୍ଦଙ୍କୁ ବଦନାମ କରିବା ପାଇଁ ଏହା ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସେମାନେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା ଯେ, ଦୀର୍ଘ ଦିନ ଧରି ଅବହେଳିତ ହୋଇ ପଡ଼ିଥିବା ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଗତ ଦୁଇ ବର୍ଷ ମଧ୍ୟରେ ଢେର ସାରା ବିକାଶମୂଳକ କାର୍ଯ୍ୟ ହୋଇଛି। ବିଧାୟକ ଅରବିନ୍ଦ ମହାପାତ୍ର ନିଜର ନିଷ୍ଠା ଓ ଉଦ୍ୟମ ବଳରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ଆଗାମୀ ତିନି ବର୍ଷ ମଧ୍ୟରେ ପାଟକୁରା ନିର୍ବାଚନ ମଣ୍ଡଳୀ ସାରା ରାଜ୍ୟରେ ବିକାଶର ଶୀର୍ଷରେ ପହଞ୍ଚିବ।

ପାଟକୁରାର ସାଧାରଣ ଜନତା, ଗ୍ରାମପଞ୍ଚାୟତ ପ୍ରତିନିଧି ସଦାସର୍ବଦା ଅରବିନ୍ଦ ମହାପାତ୍ର ଓ ବିଜୟ ମହାପାତ୍ରଙ୍କ ସହ ଠିଆ ହୋଇଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ରହିବେ ବୋଲି ବୈଠକରେ ଏକ ସ୍ୱରରେ ସଂକଳ୍ପ ନିଆଯାଇଛି।

## ଗଞ୍ଜାମ କଲେଜରେ ସାଇବର ସୁରକ୍ଷା ଓ ନିଶାମୁକ୍ତି ସଚେତନତା



ଛତ୍ରପୁର,୨୯।୮ (ସଂଚାର ବ୍ୟୁରୋ): ଡିଜିଟାଲ ଯୁଗରେ ବଢ଼ୁଥିବା ସାଇବର ଠକେଇ ଓ ଯୁବପିଢ଼ି ମଧ୍ୟରେ ନିଶା ସେବନର କୁପରିଣାମକୁ ନେଇ ଗଞ୍ଜାମ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଶନିବାର ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ‘ସାଇବର ସୁରକ୍ଷା’ ଓ ‘ନିଶାମୁକ୍ତ ଅଭିଯାନ’ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଇବର ଅପରାଧର ବଢ଼ୁଥିବା ଆଶଙ୍କା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଅନଲାଇନ୍ କାରବାର ସମୟରେ ସତର୍କ ରହିବା ସହ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟ ସୂଚନା କାହା ସହ ଶେୟାର ନକରିବାକୁ ସେ ପରାମର୍ଶ ଦେଇଥିଲେ।

ଛତ୍ରପୁର ସାଇବର ଥାନା ଏସ୍‌ଆଇ ଅଗସ୍ତି ବିଶ୍ୱାଳ ସାଇବର ଠକେଇର ବିଭିନ୍ନ ଦିଗ ଓ ଏଥିରୁ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ବୁଝାଇଥିଲେ। ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା, ଓଟିପି କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ନଦେବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ମରଣିକା ହୋତା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ଗଞ୍ଜାମ ପୁଲିସର ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ, ଏଏସ୍‌ଆଇ ସୁପ୍ରଭା ସାହୁ ଓ ପ୍ରଦୀପ୍ତ କୁମାର ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍‌ରୁ ଖସି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ, ଘରେ ପଡିଛି କାନ୍ଦବୋବାଳି

ଆଳି,୨୯।୮ (ସଂଚାର ବ୍ୟୁରୋ): ହାଇଦ୍ରାବାଦରୁ ଘରକୁ ଫେରୁଥିବା ବେଳେ ଟ୍ରେନ୍‌ରୁ ଖସିପଡ଼ି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖି ଗ୍ରାମର ପ୍ରଦୀପ ପରିଡ଼ା(୪୧) ଟ୍ରେନ୍‌ରେ ଘରକୁ ଫେରୁଥିଲା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପ୍ରଦୀପ ହାଇଦ୍ରାବାଦରୁ ଗୁରୁବାର ରାତିରେ ଟ୍ରେନ୍ ଯୋଗେ ଘରକୁ ଆସୁଥିଲେ। ଟ୍ରେନଟି କିଛି ସମୟ ଚାଲିବା ପରେ ପ୍ରଦୀପ ଟ୍ରେନରୁ ତଳକୁ ଖସି ପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସେଠାକାର ପୁଲିସ ପ୍ରଦୀପଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଗୁରାଜାଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିକାରୀ ତାଙ୍କୁ ମୃତ ଘୋଷଣା କରିବା ସହ ନାଦିକୁଡ଼ି ଆରପିଏସରେ ସୂଚନା ଦେଇଥିଲେ। ନାଦିକୁଡ଼ି ପୁଲିସ ଏକ ଅସ୍ୱାଭାବିକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅପରପକ୍ଷରେ ଘଟଣା ସମ୍ପର୍କ ଜଣାପଡ଼ିବା ପରେ ପ୍ରଦୀପଙ୍କ ପରିବାରରେ କାନ୍ଦବୋବାଳି ଲାଗିରହିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବା ପ୍ରଦୀପଙ୍କ ଆକସ୍ମିକ ବିୟୋଗ ପରେ ବୃଦ୍ଧ ବାପା କୈଳାସ, ପତ୍ନୀ ରଶ୍ମିତା ଓ ଏକମାତ୍ର ଝିଅ ବେସାହାରା ହୋଇପଡିଛନ୍ତି।



## ନଈରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୨୯।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ତନୂପୁର ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ବ୍ରାହ୍ମଣୀ ଶାଖା ନାଳରେ ଗାଧୋଇବା ସମୟରେ ବୁଡ଼ିଯାଇ ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ସ୍ଥାନୀୟ ତନୂପୁର ଗ୍ରାମର ସନ୍ତୋଷ ମଲିକ ଝିଅ ଅଞ୍ଜଳି (୧୩) ବୋଲି ଜଣାପଡିଛି । ଖବରପାଇ ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ମାତ୍ର ଅଗ୍ନିଶମ ବାହିନୀ ଠିକ୍ ସମୟରେ ଘଟଣାସ୍ଥଳରେ ପହଁଚି ନପାରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବ ନକରି ଗ୍ରାମର କେତେକ ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ଅଣ୍ଟାରେ ରସି ବାନ୍ଧି ନଦୀର ପ୍ରଖର ସ୍ରୋତ ମଧ୍ୟକୁ ଓହ୍ଲାଇଥିଲେ। କଠିନ ପରିଶ୍ରମ ପରେ ଯୁବକମାନେ ନାବାଳିକାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଅଞ୍ଜଳିଙ୍କୁ ତୁରନ୍ତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାକଟପୁରରେ ଭୀମଭୋଇ ଭିନ୍ନକ୍ଷମ ଶିବିର

### ଦିନକରେ ୧୪୯ ଭିନ୍ନକ୍ଷମଙ୍କୁ ମିଳିଲା ନୂଆ ଜୀବନ

କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ): ଭଗବାନ ସମସ୍ତଙ୍କୁ ସମାନ କରି ତିଆରି କରି ନାହାନ୍ତି ସତ, କିନ୍ତୁ ମଣିଷ ଚାହିଁଲେ ସମସ୍ତଙ୍କୁ ସମାନ ସମ୍ମାନ ଦେଇପାରେ। ଏହାକୁ ପ୍ରମାଣ କରି ଦେଖାଇଛି କାକଟପୁର ବ୍ଲକ ପ୍ରଶାସନ। ଶନିବାର କନ୍ଦଳପୁର ସ୍ଥିତ କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୬ କେବଳ ଏକ ଶିବିର ନଥିଲା, ଏହା ଥିଲା ମାନବିକତାର ମହାପର୍ବ।

ପଞ୍ଚାୟତ ସମିତି କାକଟପୁର ଆୟୋଜନରେ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୌଜନ୍ୟରେ ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ସେବା ଯଜ୍ଞ ଚାଲିଥିଲା। କାକଟପୁର ବ୍ଲକର ୧୬ଟି ପଞ୍ଚାୟତ ସମେତ ନିକଟସ୍ଥ ଅସ୍ତରଙ୍ଗ, ଗୋପ ବ୍ଲକରୁ ମୋଟ ୧୪୯ ଜଣ ଭିନ୍ନକ୍ଷମ ଭାଇଭଉଣୀ ଯୋଗ ଦେଇଥିଲେ। ଅଭିଜ୍ଞ ଡାକ୍ତରୀ ଦଳ ପ୍ରତ୍ୟେକଙ୍କୁ ଯତ୍ନର ସହ ପରୀକ୍ଷା କରି ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଭାଗ ଅନୁଯାୟୀ ଭେଷଜ ବିଭାଗର ୦୯ ଜଣ, ଶିଶୁ ବିଭାଗର ୦୭ ଜଣ, ନାସା-କର୍ଣ୍ଣ-ଗଳା ବିଭାଗର ୨୧ ଜଣ, ମାନସିକ ବିଭାଗର ୩୬ ଜଣ, ଚକ୍ଷୁ ବିଭାଗର ୧୮ ଜଣ ଏବଂ ଅସ୍ଥିଶଲ୍ୟ ବିଭାଗର ୫୮ ଜଣ ଲାଭାନ୍ୱିତ ହୋଇଛନ୍ତି। ଖୁବଶୀଘ୍ର ସମସ୍ତଙ୍କୁ ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଚଷମା, କୃତ୍ରିମ ଅଙ୍ଗ ଓ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡ଼ିଓ ନାରାୟଣ ଦୀକ୍ଷିତ ଉଦଘାଟନ କରିଥିଲେ।

ଏହି ଅବସରରେ ବ୍ଲକ ଅଧ୍ୟକ୍ଷ କହିଥିଲେ, ଭିନ୍ନକ୍ଷମମାନେ ସମାଜର ବୋଝ ନୁହଁନ୍ତି, ସେମାନେ ସମାଜର ଶକ୍ତି। ଶିବିରର ସବୁଠୁ ଚର୍ଚ୍ଚିତ ଚେହେରା ଥିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୋଜାଲିନ ବେହେରା। ମଞ୍ଚରେ ନୁହେଁ, ମଞ୍ଚ ତଳେ ପ୍ରତିଟି ଭିନ୍ନକ୍ଷମଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିବା, ବୃଦ୍ଧଙ୍କୁ ହାତ ଧରି ଡାକ୍ତରଙ୍କ ପାଖକୁ ନେବା, ଶିଶୁଙ୍କୁ ସାନ୍ତ୍ୱନା ଦେବା ଭଳି ତାଙ୍କର ନିଷ୍ଠା ସମସ୍ତଙ୍କୁ ବିମୋହିତ କରିଥିଲା। କନିଷ୍ଠ ସହାୟକ ସୌଭାଗ୍ୟ ସ୍ୱାଇଁଙ୍କ ସହଯୋଗ ମଧ୍ୟ ପ୍ରଶଂସନୀୟ ଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏମିତି ଅଧିକାରୀ, ଅଧିକାରିଣୀ ପ୍ରତି ବ୍ଲକରେ ଥିଲେ ସରକାର ଓ ଜନତାଙ୍କ ଭିତରେ ଦୂରତା ରହିବ ନାହିଁ।

ବଳରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

# ପିଲାଙ୍କ ପାଇଁ ଆଦର୍ଶ ସ୍ୱପ୍ନ, ବାସ୍ତବରେ ଅବ୍ୟବସ୍ଥା

ବାଲିଆପାଳ,୨୯।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକର ବଳରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତ ର ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ବଳରାମପୁର ପଞ୍ଚାୟତରେ ଗତ ୨୦୨୨ ମସିହାରେ ବଳରାମପୁର ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ବିଦ୍ୟାଳୟର ଶୁଭ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବାର ଲକ୍ଷ୍ୟ ନେଇ ଗଢ଼ିଉଠିଥିବା ଏହି ବିଦ୍ୟାଳୟର ଭିତ୍ତିଭୂମିକୁ ନେଇ ଏବେ ଅସନ୍ତୋଷର ସ୍ୱର ଶୁଣିବାକୁ ମିଳୁଛି।

ବିଦ୍ୟାଳୟ ପରିସରରେ ନିର୍ମିତ ବାଳିକା ଛାତ୍ରାବାସ ଆଜକୁ ଦୁଇ ବର୍ଷ ହେଲା ନିର୍ମାଣ ସରିଛି।ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ଛାତ୍ରୀବାସ ନିର୍ମାଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି।ତେବେ ନିମ୍ନ ମାନର କାମ ସାଙ୍ଗକୁ ଅଧପନ୍ତରିଆ କାମ କରି ଠିକାଦାର ବିଲ ଉଠାଇ ଛାତ୍ରାବାସ ଫାଟକ ଚାବି ମାରି ଛୁ ମାରିଛନ୍ତି।ଦୁଇ ବର୍ଷ ହେଲା ଏହି ଘର ବ୍ୟବାହାର ନହୋଇ ଏବେ ଜାରଜୀର୍ଣ୍ଣ ହେବାକୁ ବସିଲାଣି।ବହୁ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଝରକା କବାଟ ଭାଙ୍ଗିଗଲାଣି।ଅନ୍ୟପଟରେ ଛାତ୍ରାବାସରେ ଗରିବ ତଥା ଦୂର ଦୂରାନ୍ତ ଛାତ୍ରୀମାନେ ନ ରହି ପାରି ପ୍ରତିଦିନ ଭଡାଗାଡି କରି ବିଦ୍ୟାଳୟକୁ ଆସୁଛନ୍ତି।ଏହା ପାଇଁ ଅଭିଭାବକ ମାନେ ମାସକୁ ଦୁଇରୁ ଅଢେଇ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।



ସେହିପରି ବିଦ୍ୟାଳୟଠାରୁ ୧୦ରୁ ୧୫ କିମି ଦୂର ଦୂରାନ୍ତ ଛାତ୍ରଛାତ୍ରୀମାନେ କେବଳ ଯିବା ଆସିବାରେ ମୂଲ୍ୟବାନ ସମୟ ନଷ୍ଟ କରିବା ସହ ପାଠ ପଢାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏତେ ଅର୍ଥ ବ୍ୟୟରେ ନିର୍ମିତ ସରକାରୀ ସମ୍ପତ୍ତି ଯଦି ବ୍ୟବହାର ପୂର୍ବରୁ ନଷ୍ଟ ହୁଏ, ତେବେ ଏହାର ଦାୟିତ୍ୱ କାହାର— ଏହାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପଟେ ଡାଇନିଂ ଗୃହର କାମ ମଧ୍ୟ ଅଧପାନ୍ତରିଆ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ଛାତ୍ରଛାତ୍ରୀଙ୍କ ପାଇଁ ସୁବ୍ୟବସ୍ଥିତ ଭୋଜନ ବ୍ୟବସ୍ଥା ଆବଶ୍ୟକ ଥିବା ସତ୍ତ୍ୱେ ନିର୍ମାଣ କାମ ଅସମ୍ପୂର୍ଣ୍ଣ ରହିବା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି।ଅଧପନ୍ତରିଆ ଡାଇନିଙ୍ଗ ହଲ କରି ବିଲ ଉଠାଇ ଠିକାଦାର ଆଜକୁ ବର୍ଷେ ହେଲା ଚାବି ମାରି ଚମ୍ପଟ ମାରିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସାଇକେଲ ରଖିବା ପାଇଁ ନିର୍ମାଣ ହୋଇଥିବା ସାଇକେଲ ଷ୍ଟାଣ୍ଡର ଅବସ୍ଥା ମଧ୍ୟ ଚିନ୍ତାଜନକ। ପରିସରର ଏକ ପାର୍ଶ୍ୱରେ ଜଙ୍ଗଲିଆ ଘାସ ଓ ଗଛଲତା ମଧ୍ୟରେ ଏହା ଥିବାରୁ ସାଇକେଲ ଷ୍ଟାଣ୍ଡ ନିର୍ମାଣର ଉଦ୍ଦେଶ୍ୟ ହିଁ ପୂରଣ ହେଉନଥିବା ଅଭିଯୋଗ ହେଉଛି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯାତାୟାତ ବ୍ୟବସ୍ଥା। ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟକୁ ଯାତାୟାତ ପାଇଁ ସୁବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀଙ୍କୁ ଭଡ଼ା ଗାଡ଼ି କରି ବିଦ୍ୟାଳୟକୁ ଆସିବାକୁ ପଡୁଛି। ଏଥିରେ ଅଭିଭାବକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଥିବା କୁହାଯାଉଛି।

ପ୍ରଶ୍ନ ଉଠୁଛି ସରକାରୀ ଅର୍ଥରେ ନିର୍ମିତ ଏହି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ଅଧପାନ୍ତରିଆ କାମର ସମାପ୍ତି କେବେ ହେବ? ବାଳିକା ଛାତ୍ରାବାସ କେବେ ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର ହେବ? ଡାଇନିଂ ଗୃହର ଅସମ୍ପୂର୍ଣ୍ଣ କାମ କେବେ ସରିବ? ସାଇକେଲ ଷ୍ଟାଣ୍ଡକୁ ବ୍ୟବହାରଯୋଗ୍ୟ କରାଯିବ କେବେ? ଏବଂ ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ?ତେବେ ଏହା କେବଳ ଏକ ବିଦ୍ୟାଳୟର ସମସ୍ୟା ନୁହେଁ— ସରକାରୀ ଅର୍ଥରେ ନିର୍ମିତ ଶିକ୍ଷା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଜୟଶ୍ରୀ ତିରିଆ ଙ୍କୁ ପଚାରିବାରୁ ସେ ଚାତ୍ରାବାସ, ଡାଇନିଙ୍ଗ ହଲ, ସାଇକେଲ ଷ୍ଟାଣ୍ଡ ବାବାଦରେ ବାରମ୍ବାର ଉଚ୍ଚପଦସ୍ତ ଅଧିକାରି ଙ୍କୁ ଜଣାଇବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧରକାରୀ ଙ୍କୁ ଜଣାଇଆସୁଥିବା କହିଛନ୍ତି।